R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୧୫
ତିଥି : ଅମାବାସ୍ୟା
୨୩ ଅଗଷ୍ଟ ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 315
23 Aug 2025, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଏସ୍ଆଇଆର୍‌କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଆଧାର କାର୍ଡ ଏବେ ଗ୍ରହଣଯୋଗ୍ୟ

ନୂଆଦିଲ୍ଲୀ, ୨୨।୮ : ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍ଆଇଆର)ରେ ଆଧାରକାର୍ଡ ସମେତ ୧୧ ଦସ୍ତାବିଜ୍ ଗ୍ରହଣୀୟ ହେବ । ଏହାଛଡା ଯେଉଁ ୬୫ ଲକ୍ଷ ଲୋକଙ୍କ ନାମ ଚିଠା ଭୋଟର ତାଲିକାରୁ କଟିଛି ସେମାନଙ୍କୁ ସହଯୋଗ କରୁନଥିବାରୁ ରାଜନୈତିକ ଦଳଗୁଡ଼ିକ ଉପରେ ସୁପ୍ରିମ୍‌କୋର୍ଟ ବର୍ଷିଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଏ କ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ କୌଣସି ପଦକ୍ଷେପ ନ ନେବା ଓ ଲୋକଙ୍କ ପାଇଁ ତାଙ୍କ ଦାବି ଓ ଆପତ୍ତି ଦାଖଲ ନକରିବା ଆମକୁ ଆଶ୍ଚର୍ଯ୍ୟ କରିଛି ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରୁଥିଲେ । ଜଷ୍ଟିସ ସୂର୍ଯ୍ୟକାନ୍ତ ୧୨ ରାଜନୈତିକ ଦଳକୁ କହିଛନ୍ତି ଯେ ସେମାନେ ତାଙ୍କ ଦଳୀୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ, ଯେଉଁମାନଙ୍କ ନାମ କଟିଛି, ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ୧୧ ଡକ୍ୟୁମେଣ୍ଟ କିମ୍ବା ଆଧାରକାର୍ଡ଼କୁ ନେଇ ଆପତ୍ତି ଦର୍ଶାନ୍ତୁ । ଏହି ପ୍ରକ୍ରିୟାର ସମୟସୀମାକୁ ବର୍ତ୍ତମାନ ବଦଳାଯାଇ ପାରିବ ନାହିଁ । ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଯେଉଁମାନଙ୍କ ନାମ ଚିଠା ତାଲିକାରେ ନାହିଁ ସେମାନେ ଆଧାର କାର୍ଡ଼ ଦେଖାଇ ପୁନଃ ନାମ ନେଇପାରିବେ । ବିହାରରେ କାର୍ଯ୍ୟ କରୁଥିବା ସମସ୍ତ ୧୨ ରାଜନୈତିକ ଦଳ ଫର୍ମ ୬ରେ ଆଧାର କାର୍ଡ଼ ସଂଯୋଗ କରି ଆବେଦନ କରନ୍ତୁ । ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କଲାପରେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ୧.୬୮ ଲକ୍ଷ ବୁଥ୍ ଏଜେଣ୍ଟ ବିଭିନ୍ନ ରାଜନୈତିକ ଦଳର ରହିଛନ୍ତି । ମାତ୍ର ଦୁଇଟି ଆପତ୍ତି ବର୍ତ୍ତମାନସୁଦ୍ଧା ଦାଖଲ କରାଯାଇଛି । ବିରୋଧୀଙ୍କ ପକ୍ଷରୁ ଏସ୍ଆଇଆର୍‌କୁ ବ୍ୟାପକ ସମାଲୋଚନା କରାଯିବା (୯ ପୃଷ୍ଠାରେ)



■ ରାଜନୈତିକ ଦଳର ନିଷ୍କ୍ରିୟତା ନେଇ ବର୍ଷିଲେ
■ ଲୋକଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ

# ୧୫ ଦିନରେ ଅନ୍ଧବିଶ୍ୱାସ ନେଲାଣି ୨ ଜୀବନ

ରାୟଗଡ଼ା, ୨୨।୮ (ସବ୍ୟୁ) : ରାୟଗଡା ଜିଲ୍ଲାରେ ଥମିବାର ନା ନେଉନି ଅନ୍ଧବିଶ୍ୱାସ ଜନିତ ଆକ୍ରମଣ ଓ ହତ୍ୟାକାଣ୍ଡ ଘଟଣା । ସରକାର ବିକଶିତ ଭାରତ କଥା କହୁଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳରେ ଆଜି ବି ଲୋକେ ପୁରୁଣା ଜୀବନଶୈଳୀରେ ବଞ୍ଚୁଛନ୍ତି । ଆଧୁନିକ ଯୁଗରେ ପୁରାତନ ସଭ୍ୟତା ଭଳି ଚଳୁଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ମଧ୍ୟ ଅନ୍ଧବିଶ୍ୱାସ ସମ୍ପୂର୍ଣ୍ଣ ଦୂର ହୋଇପାରି ନାହିଁ । ଲୋକେ ପୁରୁଣାଶୈଳୀରେ ଜୀବନ ବିତାଉଥିବାରୁ ଅନେକ ଲୋକଙ୍କର ମୃତ୍ୟୁ ଘଟିଛି । ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅଞ୍ଚଳରେ ଏହିଭଳି ଏକ ଘଟଣା ଘଟିଛି, ଯେଉଁଥିରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି ।

ରାୟଗଡା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ସାନସିଗୁରୁ ଗ୍ରାମର ଜଣେ ବୃଦ୍ଧାଙ୍କୁ ଗୁରୁବାର ବିଳମ୍ବିତ ରାତ୍ରୀରେ କିଛି ଯୁବକ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ରାୟଗଡ଼ା ବ୍ଲକ କାରୁବାୟି ପଞ୍ଚାୟତ ସାନସିଗୁରୁ ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି । ମୃତକ ଜଣଙ୍କ ହେଲେ ୬୦ ବର୍ଷୀୟ ବୃଦ୍ଧା ଜୟଧନ ମଣ୍ଡାଙ୍ଗୀ । ମୃତ ଜୟଧନଙ୍କ ପୁଅ ଜଗା ତାଡିଙ୍ଗି ଏନେଇ ଶେଷଖାଲ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗୁରୁବାର ବିଳମ୍ବିତ ରାତିରେ ଘରେ ଏକୁଟିଆ ଶୋଇଥିବା ଅବସ୍ଥାରେ ଗାଁର କିଛି ଯୁବକ ଛୁରା ମାରି ହତ୍ୟା କରିଥିବା ନେଇ ପରିବାର ଲୋକ ଅଭିଯୋଗ ଆଣିଛନ୍ତି ।

ସୂଚନାଯୋଗ୍ୟ ଯେ ରାୟଗଡା ଜିଲ୍ଲା ଶେଷଖାଲ ଥାନା ଅଧିନରେ ଗତ ୧୫ ଦିନ ମଧ୍ୟରେ ଗୁଣିଗାରେଡି ସଂଦେହରେ ୩ଟି ଘଟଣା ଘଟିଥିବା ଅଭିଯୋଗ ହୋଇଛି । ୩ଟି ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ କାରଣରୁ ଏହିଭଳି ଘଟଣା ବାରମ୍ବାର ଘଟୁଛି । ତେଣୁ ଆଦିବାସୀବହୁଳ ଅଞ୍ଚଳରେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦିଆଗଲେ ଅନ୍ଧବିଶ୍ୱାସ ଦୂର ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି । ବ୍ୟାପକ ସଚେତନତା ଅଭାବ ଯୋଗୁ ଏବେବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୁଣିଗାରେଡି ଉପରେ ଲୋକଙ୍କର ବିଶ୍ୱାସ ଓ ଭରଷା ରହିଛି । ଅନେକ ସମୟରେ ଏହାର କରୁଣ ପରିଣତି ଭୋଗିବାକୁ ପଡୁଛି । କେତେବେଳେ ଛୋଟ ପିଲାଙ୍କ ରୋଗ ଭଲ କରିବା ପାଇଁ ଚେଙ୍କ ଦିଆଯାଉଛି ତ ଆଉ କେତେକବେଳେ ସାପ କାମୁଡ଼ିଲେ ଡାକ୍ତରଖାନା ଅପେକ୍ଷା ଦିସାରୀ ଉପରେ ଲୋକେ ଭରଷା କରୁଛନ୍ତି । ମେଲେରିଆ ହେଉ କିମ୍ବା ଅନ୍ୟ କେଉଁ ବଡ ରୋଗ ପାଇଁ ମଧ୍ୟ ଦିସାରୀ ଭରଷା । ସରକାରଙ୍କ ପକ୍ଷରୁ ସଚେତନତା ଲାଗି ପଦକ୍ଷେପ ନିଆଯାଉଛି ବୋଲି କୁହାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ପରିଲକ୍ଷିତ ହେଉନାହିଁ । ଯାହାଏବେ ଚିନ୍ତାର କାରଣ ପାଲଟିଛି ।

# ଭିଜିଲାନ୍ସ ଜାଲରେ ସିଟି ହସ୍ପିଟାଲ କିରାଣି

**୨କୋଠା, ୧୯ପ୍ଲଟ, ନଗଦ ୩.୩ ଲକ୍ଷ ଓ ୧୩୫ ଗ୍ରାମ ସୁନା ଠାବ**



କଟକ, ୨୨।୮ (ସବ୍ୟୁ) : ଭିଜିଲାନ୍ସ ଜାଲରେ ପଡିଛନ୍ତି କଟକ ସିଟି ହସପିଟାଲର ବରିଷ୍ଠ ସହାୟକ କିଶୋର କୁମାର ସାହାଣି । ୧.୨୪କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ କଟକ ସ୍ୱତନ୍ତ୍ର ଭିଜିନ୍ସ ଜଜ୍‌ଙ୍କ ଆଦେଶ ବଳରେ ଶ୍ରୀ ସାହାଣୀଙ୍କ ଆବାସିକ ଗୃହ,ସରକାରୀ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଟିମ ଆଜି ସକାଳୁ ଏକକାଳୀନ ଚଢଉ କରିଥିଲା । ଚଢଉ ବେଳେ ଶ୍ରୀ ସାହାଣିଙ୍କ ପୁଳା ପୁଳା ସମ୍ପତ୍ତି, ସୁନା ଗହଣା ଓ ନଗଦ ଟଙ୍କା ଭିଜିଲାନ୍ସ ଠାବ କରିଛି । ଯୋବ୍ରା ଠାରେ ତିନି ମହଲା ବିଶିଷ୍ଟ କୋଠା, ଚୌଦ୍ୱାରରେ ଅଢେଇ ଏକର ପରିମିତ ଅଞ୍ଚଳରେ କୁକୁଡା ଫାର୍ମ ଓ ଏକ କୋଠା ସମେତ ମୂଲ୍ୟବାନ ୧୯ଟି (୯ ପୃଷ୍ଠାରେ)

# ପାଞ୍ଚ ବର୍ଷରେ ନିର୍ମାଣ ହେବ ୫୦୦ ସେତୁ

ଭୁବନେଶ୍ୱର, ୨୨।୮ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ସଡକ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀ କରଣର ଗୁରୁଦାୟିତ୍ୱ ଏହି ବିଭାଗ ଉପରେ ନ୍ୟସ୍ତ ରହିଛି । ୫ ବର୍ଷ ଭିତରେ ୩୦ ହଜାର କିଲୋମିଟର ରାସ୍ତା ଓ ୫୦୦ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି । ବିଭିନ୍ନ ସ୍କିମ୍ ଓ ବଜେଟ୍ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ

# ନିମ୍ନମାନର କାର୍ଯ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ : ମୁଖ୍ୟମନ୍ତ୍ରୀ



କରି ରାଜ୍ୟବାସୀଙ୍କୁ ଉନ୍ନତ ମାନର ଗମନା ଗମନ ସୁବିଧା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏଥିସହିତ ରାସ୍ତା ଓ ସେତୁ ଗୁଡିକର ଗୁଣବତ୍ତା ସହିତ ଏହାର ରକ୍ଷଣା ବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପାହାଡିଆ

## ଠିକାଦାରଙ୍କ ପାଇଁ ହେବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମ ମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟର ମାନଙ୍କ (୯ ପୃଷ୍ଠାରେ)

# ଆଶ୍ରୟସ୍ଥଳରେ ରହିବେନି ବୁଲା କୁକୁର

ନୂଆଦିଲ୍ଲୀ, ୨୨।୮ : ଆଶ୍ରୟ ଗୃହକୁ ପଠାଯାଇଥିବା ବୁଲା କୁକୁରମାନଙ୍କୁ ଛାଡି ଦିଆଯିବ । ବନ୍ଧ୍ୟାକରଣ ହୋଇଥିବା ବୁଲା କୁକୁରମାନଙ୍କୁ ଟିକା ଦେବାପରେ ମୁକ୍ତ କରାଯିବ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅଗଷ୍ଟ ୮ ରେ ଦିଲ୍ଲୀ ଏନ୍‌ସିଆର୍‌ର ବୁଲା କୁକୁରମାନଙ୍କୁ ନେଇ ସୁପ୍ରିମ୍ କୋର୍ଟ ଯେଉଁ ରାୟ ଦେଇଥିଲେ ଆଜି ଏଥିରେ ପରିବର୍ତ୍ତନ କରିଛନ୍ତି ।

ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ କୁକୁରମାନଙ୍କୁ ଟିକା ଦେବାପରେ ସେଠାରୁ ମୁକ୍ତ କରାଯିବ । ଖାଲି ସାଧାରଣ ସ୍ଥାନରେ ବୁଲା କୁକୁରମାନଙ୍କୁ ଖାଇବାକୁ ଦିଆଯିବନାହିଁ । ସେମାନଙ୍କୁ ଟିକାକରଣ କରାଯାଇ ସମ୍ପୃକ୍ତ ଅଞ୍ଚଳକୁ ଛଡାଯିବ । ସୁପ୍ରିମ୍‌କୋର୍ଟର ୮ ତାରିଖ ନିର୍ଦ୍ଦେଶନାମା ପଶୁପ୍ରେମୀମାନଙ୍କୁ ହତାଶ କରିଥିଲା । ପରେ ଏହି ନିର୍ଦ୍ଦେଶନାମା ବିରୋଧରେ ଆବେଦନ କରାଯାଇଥିଲା । ଏହାକୁ ନେଇ ମଧ୍ୟ ଦେଶବ୍ୟାପୀ ପ୍ରତିବାଦ ହୋଇଥିଲା । ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା, ଜଷ୍ଟିସ୍ ଏନ୍‌ବି ଅନ୍‌ଜାରିଆ ପୂର୍ବ ନିର୍ଦ୍ଦେଶନାମା ପ୍ରଦାନ କରିଥିଲେ । ତେବେ ପ୍ରଧାନ ବିଚାରପତି ଆଜି ଏଥିରେ ପରିବର୍ତ୍ତନ ଆଣିଛନ୍ତି । ଦିଲ୍ଲୀ-ଏନ୍‌ସିଆର୍‌ର (୯ ପୃଷ୍ଠାରେ)

## ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱରତା, ୨୨।୮ (ସବ୍ୟୁ): ଆସନ୍ତା ସୋମବାର ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିରତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷାରେ ୮୦୬ କୃତକାର୍ଯ୍ୟ

କଟକ, ୨୨।୮(ସବ୍ୟୁ) : ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)-୨୦୨୩ ମୁଖ୍ୟ ଲିଖିତ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷାରେ ୮୦୬ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏଥିରେ ୨୯୩ ମହିଳା ଆଶାୟୀ ପ୍ରାର୍ଥୀ ରହିଛନ୍ତି । କୃତୀ ପରୀକ୍ଷାର୍ଥୀଙ୍କର ସାକ୍ଷାତକାର ଆସନ୍ତା ସେପ୍ଟେମ୍ବର ୬ ତାରିଖରୁ ଆରମ୍ଭ ହେବ । ଓପିଏସ୍‌ସି ମୁଖ୍ୟାଳୟରେ ଏହି ସାକ୍ଷାତକାର ଏବଂ ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ହୋଇଛି ।

■ ସେପ୍ଟେମ୍ବର ୬ରୁ ପ୍ରମାଣପତ୍ର ଯାଞ୍ଚ, ସାକ୍ଷାତକାର
■ କୃତକାର୍ଯ୍ୟଙ୍କ ମଧ୍ୟରେ ୨୯୩ ମହିଳା

ଓପିଏସ୍‌ସି ପକ୍ଷରୁ ୩୯୯ ଟି ପଦ ପୂରଣ ନିମନ୍ତେ ସିଭିଲ୍ ସର୍ଭିସ ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗତବର୍ଷ ଡିସେମ୍ବର ୧୫ରେ ପ୍ରାଥମିକ ପରୀକ୍ଷା କରାଯାଇଥିଲା । ଏହାର ପରୀକ୍ଷାଫଳ ୨୦୨୫ ଫେବୃଆରୀ ୭ରେ ପ୍ରକାଶ ପାଇଥିଲା । ମୋଟ୍ ୪୭୯୯ ପରୀକ୍ଷାର୍ଥୀ ଏଥିରେ କୃତକାର୍ଯ୍ୟ ହୋଇଥିଲେ । ସେଥିମଧ୍ୟରୁ ୧୫୭୩ ଜଣ ମହିଳା ପରୀକ୍ଷାର୍ଥୀ ରହିଥିଲେ । ଏହାପରେ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଗତ ମାର୍ଚ୍ଚ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏପ୍ରିଲ୍ ୧୯ରୁ ଏପ୍ରିଲ ୨୭ ଏବଂ ମେ ୧୪ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

## ଆଜି ଖୋଲିବ ହୀରାକୁଦର ଗେଟ୍

ସମ୍ବଲପୁର, ୨୨।୮ (ସବ୍ୟୁ): ଲଘୁଚାପ ପ୍ରଭାବରେ ହୀରାକୁଦର ଉପର ମୁଣ୍ଡରେ ପ୍ରବଳ ବର୍ଷା ଜାରି ରହିଛି । ଏଭଳି ସ୍ଥଳେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଶନିବାର ହୀରାକୁଦ ଡ୍ୟାମର ଗେଟ୍ ଖୋଲାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଶୁକ୍ରବାର ରାତି ୯ଟାରେ ଡ୍ୟାମର ଜଳସ୍ତର ଏବର୍ଷର ସର୍ବୋଚ୍ଚ ୬୧୮.୮୫ ଫୁଟ ରହିଛି । ଏହି ସମୟରେ ଡ୍ୟାମ ମଧ୍ୟକୁ ପ୍ରତି ସେକେଣ୍ଡରେ (୯ ପୃଷ୍ଠାରେ)

# ନବୀନ ନିବାସରେ ପ୍ରେମ ପଟ୍ଟନାୟକ

ଭୁବନେଶ୍ୱର, ୨୨।୮ (ସବ୍ୟୁ) : ଡି-ହାଇଡ୍ରେସନ୍ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇ ସୁସ୍ଥ ହେବାପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନବୀନ ନିବାସକୁ ଫେରିଛନ୍ତି । ତାଙ୍କ ଅସୁସ୍ଥତା ସମ୍ପର୍କରେ ଖବର ପାଇବା ପରେ ତାଙ୍କ ବଡଭାଇ ପ୍ରେମ୍ ପଟ୍ଟନାୟକ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସେ ନବୀନ ନିବାସରେ ଅବସ୍ଥାନ କରୁଛନ୍ତି ଓ ଡାକ୍ତରଙ୍କ ସହ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ନବୀନଙ୍କ ଚିକିତ୍ସା କରୁଥିବା ଡାକ୍ତର ଓ ଭିକେ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଅଛନ୍ତି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରେମ୍ ପଟ୍ଟନାୟକ ବେଶ୍ କିଛିଦିନ ନବୀନ ନିବାସରେ ରହିବେ ।



ନବୀନ ହସ୍ପିଟାଲରେ ଭର୍ତ୍ତି ହେବାପରେ ସୋସିଆଲ ମିଡିଆରେ କେତେକ ଆପତ୍ତିଜନକ ଭିଡିଓ ପ୍ରସାରିତ ହୋଇଥିଲା । ବିଶେଷକରି ଭିକେ ପାଣ୍ଡିଆନ ଓ ତାଙ୍କ ପତ୍ନୀଙ୍କ ସମ୍ପର୍କିତ ଭିଡିଓକୁ କେତେକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ପ୍ରସାରିତ କରିଥଲେ । ଯାହା ବିରୋଧରେ ମଧ୍ୟ ବିଜେଡି ଆଇଟି ସେଲ୍ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା । ତେବେ ଏବେ ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଦୈନନ୍ଦିନ ଦଳୀୟ କର୍ମକର୍ତ୍ତାଙ୍କୁ ସାକ୍ଷାତ କରୁଛନ୍ତି । ଗତକାଲି ମଧ୍ୟ ଦଳର କିଛି ବରିଷ୍ଠ ନେତାଙ୍କୁ ଭେଟିଥିଲେ । ସେମାନଙ୍କ ସହ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ । ଆଜି ମଧ୍ୟ ଦଳର ବହୁ ନେତା ନବୀନ ନିବାସ ଯାଇ ତାଙ୍କୁ ସାକ୍ଷାତ କରିଛନ୍ତି । ସେମାନଙ୍କ ସହ ନବୀନ ସିଧାସଳଖ କଥା ହେଉଛନ୍ତି । ପ୍ରେମ୍ ପଟ୍ଟନାୟକ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ମଧ୍ୟ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଟିକିନିଖି ତଥ୍ୟ ନେଇଛନ୍ତି । ନବୀନ ନିବାସରେ ଡାକ୍ତରମାନଙ୍କ ସହ ସେ ଆଲୋଚନା ମଧ୍ୟ (୯ ପୃଷ୍ଠାରେ)

## ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ରେଲିଂରେ ସାରା ରାତି ଦ୍ୱିତୀୟ ଶ୍ରେଣୀ ଛାତ୍ରୀ

କେନ୍ଦୁଝର, ୨୨।୮ (ସ୍ୱପ୍ର/ସବ୍ୟୁ) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅଞ୍ଚାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଶ୍ରେଣୀ ଗୃହ ରେଲିଂରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀସାରା ରାତି ଫସି ରହିଥିଲା ବେଳେ ଏହି ଘଟଣାରେ ଉକ୍ତ କର୍ତ୍ତୃପକ୍ଷ ଜଣେ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି । ଫସି ରହିଥିବା ଛାତ୍ରୀଙ୍କ ନାମ ଜ୍ୟୋତ୍ସ୍ନା ଦେହୁରୀ । ସେ ସ୍କୁଲ ଛୁଟି ପରେ ଭୁଲବଶତଃ ଶ୍ରେଣୀ କକ୍ଷରେ ଅଟକ ରହିଥିଲେ । ଶିକ୍ଷକମାନେ ଯାଞ୍ଚ ନକରି ସ୍କୁଲରେ ତାଲା ପକାଇ ଚାଲିଯାଇଥିବାରୁ ଛାତ୍ରୀ ଜଣଙ୍କ ରାତିସାରା ଶ୍ରେଣୀ କକ୍ଷରେ ବନ୍ଦ ରହିଥିଲେ ।ସୂଚନା ଅନୁସାରେ, ଗୁରୁବାର ଅପରାହ୍ନରେ ସ୍କୁଲ ଛୁଟି ପରେ ଜ୍ୟୋତ୍ସ୍ନା ଶ୍ରେଣୀ କକ୍ଷରେ ଶୋଇ ପଡ଼ିଥିବା ବେଳେ ଶିକ୍ଷକମାନେ ତାଙ୍କୁ ନଦେଖି ତାଲା ପକାଇ ଚାଲିଯାଇଥିଲେ । ଅପରପକ୍ଷେ ଝିଅଟିର ବାପାମା' ରାତି ପ୍ରାୟ ୯ଟା ବେଳେ କାମରୁ ଫେରି ଝିଅକୁ ଖୋଜିଥିଲେ । କିନ୍ତୁ ପାଇ ନଥିଲେ । ଶୁକ୍ରବାର ସକାଳେ ଝିଅ ସ୍କୁଲରେ (୯ ପୃଷ୍ଠାରେ)



# ପ୍ରାକୃତିକ ବିପର୍ଯ୍ୟୟରେ ରୁହନ୍ତୁ ସୁସ୍ଥ

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେତିକି କ୍ଷୟକ୍ଷତିର ଡର ରହିଥାଏ, ସେତିକି ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ଥାଏ । ଏହି ସମୟରେ କେତେକ ରୋଗ ଦେଖାଯାଇଥାଏ ଯାହା ପ୍ରତି ସାବଧାନ ହେବାର ଆବଶ୍ୟକତା ରହିଛି । ବନ୍ୟା ସମୟରେ ଚାରିଆଡେ ପାଣି ଥିବାରୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଅଧିକ ଜରୁରୀ ହୋଇପଡେ । ଆସନ୍ତୁ ଜାଣିବା ସେହିଭଳି କିଛି ରୋଗ ସମ୍ପର୍କରେ..



**ଶ୍ୱାସକ୍ରିୟା ଜନିତ ସମସ୍ୟା–** ଏହି ସମୟରେ ଲୋକମାନେ ସାଧାରଣତଃ ପାଣି ମଝିରେ ରହିଥାଆନ୍ତି । ତେଣୁ ବାୟୁମଣ୍ଡଳ ଆଦ୍ରତା ପୂର୍ଣ୍ଣ ଓ ଥଣ୍ଡା ରହିଥାଏ । ସେହି କାରଣରୁ ଶ୍ୱାସକ୍ରିୟା ଜନିତ ସମସ୍ୟା ହେବାର ଆଶଙ୍କା ବଢିଥାଏ । ଏହି ଦିନେ ଆସ୍ଥମା, ନ୍ୟୁମୋନିଆ ଆଦି ହେବାର ସମ୍ଭାବନା ବେଶି ଥାଏ ।

**ଟାଇଫଏଡ୍ ଜ୍ୱର–** ଏହି ଦିନେ ଟାଇଫଏଡ୍ ଜ୍ୱର ହେବାର ଆଶଙ୍କା ବେଶି ଥାଏ । ତେଣୁ ଏଥି ପ୍ରତି ସତର୍କ ରୁହନ୍ତୁ । ଏହି ସମୟରେ ଶୁଦ୍ଧ ଖାଦ୍ୟ ଓ ପାଣି ମିଳିବାରେ ଅସୁବିଧା ହୋଇଥାଏ, ତେଣୁ ଟାଇଫଏଡ୍ ବ୍ୟାପିବାର ଭୟ ଅଧିକ ଥାଏ । ତେବେ ଯଦି ଏହି ଦିନେ ଜ୍ୱର, ମୁଣ୍ଡବିନ୍ଧା ଅଧିକ ଦିନ ଯାଏଁ ଲାଗି ରହୁଛି, ତାହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



**କଲେରା–** ଡବ୍ଲୁଏଚ୍‌ଓ ରିପୋର୍ଟ ଅନୁସାରେ ବାତ୍ୟା ସମୟରେ କଲେରା ସମସ୍ୟା ହେବାର ସମ୍ଭାବନା ଅଧିକ ଥାଏ । କଲେରା ଏକପ୍ରକାର ଡାଇରିଆ ଇନ୍‌ଫେକସନ୍ ଯାହା ସଂକ୍ରମିତ ଖାଦ୍ୟ ଓ ପାଣି କାରଣରୁ ହୋଇଥାଏ । କଲେରା କାରଣରୁ ଡାଇରିଆ ସହିତ ବାନ୍ତି ମଧ୍ୟ ହୋଇଥାଏ ।



## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ଉତ୍କଳ ଭାରତୀ କୁନ୍ତଳା କୁମାରୀ

ଜଣେ ଭାରତୀୟ ଡାକ୍ତର, ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଆ କବି ଓ ଲେଖିକା ଭାବେ ତାଙ୍କର ଥିଲା ଅନନ୍ୟ ଖ୍ୟାତି । ସେ ଥିଲେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ୧୯୨୫ ମସିହାରେ ପୁରୀର ମହିଳା ବନ୍ଧୁ ସମିତିଦ୍ୱାରା ତାଙ୍କୁ ଉତ୍କଳ ଭାରତୀ ଉପାଧିରେ ସମ୍ମାନିତ କରାଯାଇଥିଲା । କୁନ୍ତଳା କୁମାରୀ ସାବତ ୧୯୦୧ ମସିହା ଫେବୃଆରି ୮ ତାରିଖରେ ତତ୍କାଳୀନ ମଧ୍ୟପ୍ରଦେଶର ବସ୍ତର ରାଜ୍ୟର ଜଗଦଲପୁରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପରିବାରର ଉପାଧି ଥିଲା ସାବତ । କୁନ୍ତଳା ତାଙ୍କ ମା'ଙ୍କ ସହିତ ଖୋର୍ଦ୍ଧାରେ ବସବାସ କରିଥିଲେ । କୁନ୍ତଳା କୁମାରୀ ସ୍କୁଲରୁ ହିନ୍ଦୀ, ମାଆଙ୍କଠାରୁ ଓଡ଼ିଆ ଓ ତାଙ୍କ ପିତାଙ୍କଠାରୁ ଇଂରାଜୀ ଶିକ୍ଷା କରୁଥିଲେ । ତାଙ୍କର ହାଇସ୍କୁଲ ଶିକ୍ଷା ବିଳମ୍ବରେ ଆରମ୍ଭ ହୋଇଥିଲା । ସେତେବେଳେ ନାରୀ ଶିକ୍ଷାର ସମ୍ପୂର୍ଣ୍ଣ ଅଭାବ ସତ୍ତ୍ୱେ ତାଙ୍କ ମା'ଙ୍କ ପ୍ରେରଣାରୁ ସେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରୁ ଅଧ୍ୟୟନ କରିଥିଲେ । ପରେ କଟକସ୍ଥିତ ଓଡ଼ିଶା ମେଡିକାଲ ସ୍କୁଲ (ବର୍ତ୍ତମାନ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ)ରେ ଡାକ୍ତରୀ ଶିକ୍ଷାଲାଭ କରିଥିଲେ । ସେ ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍‌ଏମ୍‌ପି (ଲିସେଣ୍ଟିଏଟ୍ ମେଡିକାଲ ପ୍ୟାକ୍ଟିସନର) ଡିଗ୍ରୀ ହାସଲ କରିଥିଲେ । ସେ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଇଂରାଜୀ ଓ ବର୍ମା ଭାଷାରେ ଦକ୍ଷ ଥିଲେ । ଡାକ୍ତରୀ ଶିକ୍ଷା ପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ କଟକରେ ଚିକିତ୍ସା ସେବା ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ କରୁଥିଲେ । ସେ ସବୁବେଳେ ଜାତିପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ । ତାଙ୍କର ଅନେକ କାଳଜୟୀ କବିତା ରହିଛି । ପରଦା ପ୍ରଥା, ବାଲ୍ୟ ବିବାହ ଓ ମହିଳା ପ୍ରଭେଦ ବିରୋଧରେ ତାଙ୍କ କଲମ ସବୁବେଳେ ଚାଲୁଥିଲା । ଏହା ଛଡା ବିଧବା ବିବାହ ଓ ନାରୀ ସଶକ୍ତିକରଣ ନିମନ୍ତେ ସେ କାମ ମଧ୍ୟ କରୁଥିଲେ । ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ସେ ଜଣେ ଉଜ୍ଜ୍ୱଳ ତାରକା ଥିଲେ । ୧୯୩୮ ଅଗଷ୍ଟ ୨୩ରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଦେହାନ୍ତରେ ଓଡ଼ିଶା ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଥିଲା ।

ପ୍ରସିଦ୍ଧ ହିନ୍ଦୀ ଲେଖକ ଜୈନେନ୍ଦ୍ର କୁମାର କୁନ୍ତଳା କୁମାରୀଙ୍କ ଜୀବନକୁ ଆଧାର କରି ହିନ୍ଦୀରେ 'କଲ୍ୟାଣୀ' ନାମକ ଏକ ଉପନ୍ୟାସ ରଚନା କରିଥିଲେ ।

## ଆଜିର ଦିନରେ

୧୮୭୫– ସ୍ୱତନ୍ତ୍ରତା ସେନାନୀ ଏବଂ ଚମ୍ପାରଣ ସତ୍ୟାଗ୍ରହର ପ୍ରମୁଖ ଲୋକଙ୍କ ମଧ୍ୟରେ ଜଣେ ରାଜକୁମାର ଶୁକ୍ଲଙ୍କ ଜନ୍ମ ।

୧୯୧୮– ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ମରାଠି କବି ଗୋବିନ୍ଦ ବିନାୟକ କରନ୍ଦିକରଙ୍କ ଜନ୍ମ ।

୧୯୪୭– ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶର ଉପରାଷ୍ଟ୍ରପତି ରୂପେ ନିଯୁକ୍ତ ।

୧୯୭୫– ପ୍ରସିଦ୍ଧ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ବିନାୟକରାଓ ପଟବର୍ଦ୍ଧନଙ୍କ ଦେହାନ୍ତ ।

୧୯୮୬– ବମ୍ବେର ଶମ୍ଭୁ ଆଭାବାନେ ସବୁଠୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଟାଇପିଙ୍ଗ୍‌ର ମାରାଥନ୍ ଜିତି ବିଶ୍ୱ ରେକର୍ଡର ଅଧିକାରୀ ହେଲେ ।

୧୯୯୪– ପ୍ରସିଦ୍ଧ ଭାରତୀୟ ମହିଳା ସ୍ୱିମର୍ ଆରତୀ ଶାହଙ୍କ ଦେହାନ୍ତ ।

୧୯୯୫– ବ୍ୟବସାୟିକ ରୂପେ ଦେଶର ପ୍ରଥମ ସେଲୁଲାର୍ ଫୋନ୍ କଲିକତାରେ ଜାରି କରାଗଲା ।

୨୦୦୭– ୟୁନେସ୍କୋର ବିଶ୍ୱ ସ୍ମୃତି ରେଜିଷ୍ଟର୍‌ରେ ଋଗ୍‌ବେଦର ୩୦ଟି ପାଣ୍ଡୁଲିପି ସାମିଲ ।

୨୦୧୧– ଚୀନ୍‌ର ବିଜ୍ଞାନ ଏକାଡେମୀର ବୈଜ୍ଞାନିକ ବ୍ରହ୍ମପୁତ୍ର ଓ ସିନ୍ଧୁ ନଦୀର ଉଦ୍‌ଗମ ସ୍ଥଳର ସନ୍ଧାନ କଲେ ।


## ମ୍ୟୁଜିକ୍ ଭିଡିଓ 'ଛାଡୁନ ବାଟ'

ଆର୍.ପି ଗୁଞ୍ଜନ ପ୍ରଯୋଜିତ ମ୍ୟୁଜିକ୍ ଭିଡ଼ିଓ 'ଛାଡୁନ ବାଟ' ଚଳିତବର୍ଷ ଗଣେଶ ପୂଜା ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି । ଏହି ମ୍ୟୁଜିକ୍ ଭିଡ଼ିଓରେ ଓଲିଉଡ଼ର ବୁଲ୍‌ବୁଲି କଣ୍ଠଶିଳ୍ପୀ ଅସୀମା ପଣ୍ଡା କଣ୍ଠଦାନ କରିଥିବା ବେଳେ ସଙ୍ଗୀତ ସଜାଇଛନ୍ତି ସତ୍ୟବ୍ରତ ବିନ୍ଧାଣୀ । ଲିରିସ୍ ଦିବ୍ୟଜ୍ୟୋତି ନାୟକ । ଏଥିରେ ଓଲିଉଡ଼ର ଷ୍ଟାଇଲିଷ୍ଟ ଅଭିନେତା ରାଜ ରାଜେଶ, ବୁଲବୁଲି ନାୟିକା ଅଙ୍କିତା ପଟ୍ଟନାୟକ (ମିଠି) ଅଭିନୟ କରିଥିବା ବେଳେ ଭିଡ଼ିଓଟିକୁ ସଜାଇଛନ୍ତି ପ୍ରସିଦ୍ଧ ନିର୍ଦ୍ଦେଶକ ଓ କୋରିଓଗ୍ରାଫର ଛୋଟୁ ଲୋହାର । ଆସିଷ୍ଟାଣ୍ଟ କୋରିଓଗ୍ରାଫର ଦେବ, କ୍ୟାମେରାମ୍ୟାନ ଶିବା ଅଙ୍ଗାରିଆ, ରୂପସଜ୍ଜା ମନି ସିଂ ସର୍ଦ୍ଦାର, ଡିଜାଇନର, ମେକପରେ ରବି ସିଂ, ଆଲୋକରେ ରାମ ମେର୍ଦ୍ଦି ।

ଆର୍.ପି. ଏଣ୍ଟରଟେନମେଣ୍ଟ ୟୁଟ୍ୟୁବ୍ ଚ୍ୟାନେଲରେ ଅଗଷ୍ଟ ୧୮ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି 'ଛାଡୁନ ବାଟ' । ଏହି ମ୍ୟୁଜିକ୍ ଭିଡିଓଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆର୍.ପି. ଏଣ୍ଟରଟେନ୍‌ମେଣ୍ଟ ଚ୍ୟାନେଲ ତରଫରୁ ଆଶା ପ୍ରକଟ କରାଯାଇଛି ।



# ବୋଲ୍ଡ ସିନ୍ ପସନ୍ଦ ନୁହେଁ



ନିକଟରେ ମନଖୋଲି ଗଣମାଧ୍ୟମରେ କଥା ହୋଇଛନ୍ତି ଅଭିନେତା ରାଜନୀଶ ଦୁଗଲ । ଏଥିରେ ସେ ଅନେକ କଥାକୁ ସମସ୍ତଙ୍କ ସାମନାରେ ପ୍ରକାଶ କରିଛନ୍ତି । ତେବେ କ୍ୟାରିୟର ପ୍ରଥମରୁ ତାଙ୍କୁ ବୋଲ୍ଡ ସିନ୍ ପସନ୍ଦ ନଥିଲା । ଯେଉଁ କାରଣରୁ ସେ କିଛି ପ୍ରୋଜେକ୍ଟ ମଧ୍ୟ ହାତ ଛଡା କରିଥିବା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ସେ ମିଷ୍ଟର ଇଣ୍ଡିଆ ଟାଇଟଲ ଜିତିବା ପରେ ତାଙ୍କୁ ମଡରର ଅଫର ମିଳିଥିଲା । ହେଲେ ଏହା କରିବାକୁ ସେ ମନା କରିଥିଲେ, କାରଣ ଏଥିରେ ଏକ ବୋଲ୍ଡ କିସିଂ ସିନ୍ ଥିଲା । ହେଲେ ରାଜନୀଶ ସେତେବେଳେ ରିଲେସନ୍‌ସିପ୍‌ରେ ଥିଲେ । ସେ ଓ ତାଙ୍କ ପ୍ରେମିକା ନିଷ୍ପତ୍ତି ନେଇଥିଲେ କି ସେ କେବେ ବି ଫିଲ୍ମରେ କିସିଂ ସିନ କରିବେ ନାହିଁ । ତେଣୁ ସେ ମର୍ଡର ପାଇଁ ମନା କରିଦେଇଥିବା ରାଜନୀଶ ପ୍ରକାଶ କରିଛନ୍ତି । ଏହାପରେ ତାଙ୍କୁ ୫ ରୁ ୬ ବର୍ଷ ପରେ ମହେଶଭଟ୍ଟଙ୍କ ଫିଲ୍ମ ୧୯୨୦ରେ ଦେଖିବାକୁ ମିଳିଥିଲା । ସବୁବେଳେ ପରଦାରେ ନିଜର ସ୍ୱତନ୍ତ୍ର ଚରିତ୍ର ପାଇଁ ଖୁବ ଭଲ ପାଇବା ପାଇଥାଆନ୍ତି ରାଜନୀଶ । ଦର୍ଶକ ତାଙ୍କୁ ଅନେକ ଫିଲ୍ମରେ ଭଲ ପାଇବା ଦେଇଛନ୍ତି । ଆଗକୁ ମଧ୍ୟ ସେ ଦର୍ଶକଙ୍କ ଭଲଭଲ ଫିଲ୍ମ ଭେଟି ଦେବାକୁ ଇଚ୍ଛା ରଖିଛନ୍ତି ବୋଲି ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

# ସ୍ୱାସ୍ଥ୍ୟ ପାଇଁ ଭଲ ପାହାଚ ଚଢିବା

ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ବ୍ୟାୟାମର ଖୁବ ଆବଶ୍ୟକତା ରହିଛି । ତେବେ ଖାଲି ଜିମ୍ ଯାଇ ବ୍ୟାୟାମ କରିହେବ ସେପରି ନୁହେଁ, ଘରେ ଶିଢି ଚଢି ମଧ୍ୟ ଆମେ ନିଜ ସ୍ୱାସ୍ଥ୍ୟକୁ ଭଲ ରଖିପାରିବା । ପ୍ରତିଦିନ କିଛି ସମୟ ଶିଢିରେ ଯିବା ଆସିବା କରିବା ଦ୍ୱାରା ଆମେ ଆମର ହାର୍ଟ ହେଲ୍‌ଥ, ରକ୍ତ ସଞ୍ଚାଳନ, ମାଂସପେଶୀକୁ ଟାଇଟ୍ କରିବା ଆଦି ପାଇ ପାରିବା । ଲିଫ୍ଟରେ ଯିବା ବଦଳରେ ସବୁଦିନ ସିଢିରେ ଯାଆସ କରନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟରେ ଖୁବ ପରିବର୍ତ୍ତନ ଆଣିବ ।

**ଓଜନ ନିୟନ୍ତ୍ରଣ–** ଶିଢି ଚଢିବା ଦ୍ୱାରା ଆପଣଙ୍କର ପୂରା ଶରୀରର ୱାର୍କଆଉଟ୍ ହୋଇଥାଏ । ଯାହା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିଥାଏ । ସିଢି ଚଢିବା ଦ୍ୱାରା ଗୋଡ, ପେଟ ଭଳି ସମସ୍ତ ସ୍ଥାନର ବ୍ୟାୟାମ ଏକା ସହିତ ହୋଇଥାଏ । ଯାହା ଦ୍ୱାରା ଶରୀରରେ ଚର୍ବି ଜମାଟ ବାନ୍ଧି ନଥାଏ ।




**ହାର୍ଟ ହେଲ୍‌ଥ ସୁସ୍ଥ ରହିଥାଏ–** ଏହା ଆମର ହାର୍ଟ ହେଲ୍‌ଥକୁ ସୁସ୍ଥ ରଖିଥାଏ । ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥିବାରୁ ସମଗ୍ର ଶରୀରକୁ ଅମ୍ଳଜାନ ସଠିକ୍ ପରିମାଣରେ ମିଳିଥାଏ । ତେଣୁ ଶିଢି ଚଢିବା ଆମ ହାର୍ଟ ପାଇଁ ଖୁବ ଉପକାରୀ ହୋଇଥାଏ ।

**ମାଂସ ପେଶୀ ଶକ୍ତ ହୋଇଥାଏ–** ଶିଢି ଚଢିବା ଦ୍ୱାରା ଆମ ଶରୀରରେ ଚର୍ବିର ମାତ୍ରା କମିଥାଏ । ଯାହା ଆମ ମାଂସ ପେଶୀକୁ ଶକ୍ତ କରିଥାଏ । ଏହା ଦ୍ୱାରା ଆମ ଷ୍ଟାମିନା ମଧ୍ୟ ବଢିଥାଏ । ମାଂସପେଶୀ ସୁସ୍ଥ ହେବା ଫଳରେ ଆମର ରୋଗପ୍ରତିରୋଧକ ଶକ୍ତି ବଢିଥାଏ । ତେଣୁ ଜଣେ ବ୍ୟକ୍ତି ଓଭରାଲି ଫିଟ୍ ରହି ଥାଆନ୍ତି ।

**ଷ୍ଟ୍ରେସ କମାଇଥାଏ–** ଶିଢି ଚଢିବା ଫଳରେ ଆମକୁ ମାନସିକ ସୁସ୍ଥତା ମଧ୍ୟ ମିଳିଥାଏ । ଏହାଦ୍ୱାରା ଆମର ମୁଡ ଭଲ ହୋଇଥାଏ । ଷ୍ଟ୍ରେସ ଲେବଲ ନିୟନ୍ତ୍ରଣରେ ରହୁଥିବାରୁ ମାନସିକ ସ୍ତରରେ ଆମେ ଖୁସିରେ ରହିଥାଉ ।

## ସୋସିଆଲ କୋଟ୍ସ



"ଦୋସ୍ତାନା–୨ର ସୁଟିଂ ୩୦ରୁ ୩୫ ଦିନ ସରିଥିଲା । ସୁଟିଂ ସେଟ୍‌ରେ ସବୁ କିଛି ଠିକ୍ ଥିଲା । ହେଲେ ହଠାତ୍ ଏହାର ସୁଟିଂ ବନ୍ଦ ହୋଇ ଯାଇଥିଲା ।

**ଜାହ୍ନବୀ କପୁର, ଅଭିନେତ୍ରୀ**

"ମୁଁ ଖୁବ ଭଲ ୱିକେଟ୍ କିପର ଥିଲି । ହେଲେ ଯେତେବେଳେ ଆହତ ହେଲି ସେତେବେଳେ କ୍ରିକେଟ ଛାଡିବାକୁ ପଡିଲା ।

**ଶାହରୁଖ ଖାନ, ଅଭିନେତା**






"ଟୁଇଙ୍କିଲ୍ ମୋର ପୋଷାକକୁ ନେଇ ରିଭ୍ୟୁ କରନ୍ତି । ମୋର ଟ୍ରାକ ସୁଟ ଓ ଟି ସାର୍ଟ ପିନ୍ଧିବା ତାଙ୍କୁ ଭଲ ଲାଗି ନଥାଏ ।

**ଅକ୍ଷୟ କୁମାର, ଅଭିନେତା**

# ଦହି କାକୁଡି ଭାତ



**ସାମଗ୍ରୀ–** ଏକ କପ୍ ରନ୍ଧା ଭାତ, ଏକ କପ ଦହି, କାକୁଡି କୋରା,କଞ୍ଚା ଲଙ୍କା, ଭୃସଙ୍ଗପତ୍ର, ଧନିଆ ପତ୍ର, ବାଦାମ, ଡାଳିମ୍ବ ମଞ୍ଜି, ଜୀରା, ଗୋଲମରିଚ ଗୁଣ୍ଡ, ହେଙ୍ଗୁ ।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଦହିକୁ ଭଲକରି ଗୋଳାଇ ନିଅନ୍ତୁ । ଏହାପରେ ଏଥିରେ କାକୁଡି କୋରା ଗୋଳାନ୍ତୁ । ଏହାପରେ ଏଥିରେ ଲୁଣ, ଗୋଲମରିଚ ଗୁଣ୍ଡ, ଧନିଆ ଗୁଣ୍ଡ ଆଦି ପକାଇ ଗୋଳାଇ ନିଅନ୍ତୁ । ଏହାପରେ ଏଥିରେ ପୂର୍ବରୁ ରନ୍ଧା ହୋଇ ରହିଥିବା ଭାତ ମିଶାନ୍ତୁ । ଏହାପରେ ଗୋଟିଏ ପ୍ୟାନରେ ଘିଅ ପକାଇ ପଞ୍ଚଫୁଟଣ ପକାନ୍ତୁ । ପରେ ଏଥିରେ ଭୃସଙ୍ଗପତ୍ର, ବାଦାମ ଓ ହେଙ୍ଗୁ ପକାଇ କିଛି ସମୟ ଭାଜନ୍ତୁ । ଏହାପରେ ଏଥିରେ ଦହି ଓ ଭାତର ମିଶ୍ରଣକୁ ପକାନ୍ତୁ । କିଛି ସମୟ ପରେ ଏଥିରେ ଧନିଆ ପତ୍ର ଓ ଡାଳିମ୍ବ ମଞ୍ଜି ପକାଇ ପ୍ରସ୍ତୁତ କରନ୍ତୁ କାକୁଡି ଦହି ଭାତ ।

# ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

## ୫ ଏକର ୭୦ ଡିସିମିଲ୍ ଜାଗାରେ ହେବ ପାଞ୍ଚତାଲା କୋଠା



କଟକ, (ସବ୍ୟୁ): କଟକ ସହରର ବିଡାନାସୀ ମୌଜା ଠା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ କଟକ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ନୂତନ କୋଠା ଆମ ଜିଲ୍ଲାର ପ୍ରଶାସନିକ ବିକାଶରେ ଏକ ନୂତନ ଅଧ୍ୟାୟ ସଂଯୋଗ କରିବାକୁ ଯାଉଛି । ଦକ୍ଷ, ସ୍ୱଚ୍ଛ ଓ ନାଗରିକ ଅନୁକୂଳ ସେବା ଯୋଗାଇ ଦେବାରେ ଏହି ନୂତନ କାର୍ଯ୍ୟାଳୟ ନିଶ୍ଚିତ ଭାବରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ପ୍ରସ୍ତାବିତ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ପାଞ୍ଚ ମହଲା ବିଶିଷ୍ଟ ହେବ । ଏଥିପାଇଁ ମୋଟ ବ୍ୟୟ ଅଟକଳ ୯୪ କୋଟି ୪୬ ଲକ୍ଷ ୪୪ ହଜାର ଟଙ୍କା ରଖାଯାଇଛି । ଦୁଇ ବର୍ଷ ୬ ମାସ ମଧ୍ୟରେ ନୂତନ କାର୍ଯ୍ୟାଳୟର କାର୍ଯ୍ୟ ଶେଷ ହେବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ସମୁଦାୟ ୫ ଏକର ୭୦ ଡିସିମିଲ ଜମି ଉପରେ ନିର୍ମାଣ ହେବାକୁ ଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମନ୍ୱିତ କୋଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ କଟକ ସଦର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିବ ।

ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ତହସିଲ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ରାଜସ୍ୱ ପର୍ଷଦ ଓ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯିବ । ଏଠାରେ ବିଭିନ୍ନ ବିଭାଗ, ଲାଇବ୍ରେରୀ, କନଫରେନ୍ସ ହଲ, କାଫେଟେରିଆ, ୨୦୦ ଲୋକ ବସିପାରିବା ଭଳି ଅଡିଟୋରିଅମ ରଖାଯିବାର

### ଅଢେଇ ବର୍ଷରେ ଶେଷ ହେବ ନିର୍ମାଣ କାର୍ଯ୍ୟ

ବ୍ୟବସ୍ଥା କରାଯାଇଛି । ସମସ୍ତ ଅତ୍ୟାଧୁନିକ ଭିତ୍ତିଭୂମୀ ସହ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ । ଏଠାରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ସହ ଚତୁଃପାଶ୍ୱର୍ରେ ବିଭିନ୍ନ ବୃକ୍ଷରୋପଣ କରାଯାଇ ପରିବେଶ ଅନୁକୂଳ ଭିତ୍ତିଭୂମୀ ସୁନିଶ୍ଚିତ କରାଯିବ । ଏହି ପ୍ରକଳ୍ପ ଶେଷ ହେବା ଦ୍ୱାରା ଜନସାଧାରଣ ଗୋଟିଏ ସ୍ଥାନରେ ସମସ୍ତ ସରକାରୀ ସେବା ପାଇପାରିବେ । କଟକ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟିକା ଇଂ. ସୋଫିଆ ଫିରଦୋସ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବିଧାୟକ ବିଜୟ କୁମାର ଦଳବେହେରା ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ ।

# କିଟ୍‌ରେ ଜାପାନ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : କିଟ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇଛି ଜାପାନ ଚଳଚ୍ଚିତ୍ର ମହୋତ୍ସବ । ଦ୍ୱିତୀୟ ଥର ପାଇଁ ଏହି ଜାପାନ ଚଳଚ୍ଚିତ୍ର ମହୋତ୍ସବ କିଟ୍ ପରିସରରେ ଅନୁଷ୍ଠିତ ହେଉଛି । କୋଲକାତାସ୍ଥିତ ଜାପାନ କନ୍‌ସୁଲେଟ୍, ଜାପାନ ଫାଉଣ୍ଡେସନ୍ ଓ ଫେଡେରେସନ୍ ଅଫ୍ ଫିଲ୍ମ ସୋସାଇଟିଜ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଏହି ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଛି । ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ ଆଜି କୋଲକାତାସ୍ଥିତ ଜାପାନ କନସୁଲ୍ ଜେନେରାଲ୍ ଇଶିକା ୟୋଶିହିସା, ମିତ୍‌ସୁବିସି କର୍ପୋରେସନ୍ ଇଣ୍ଡିଆ କୋଲକାତା ଶାଖାର ମୁଖ୍ୟ ହିମାଂଶୁ ଆଚାର୍ଯ୍ୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବଶିଷ ବନ୍ଦୋପାଧ୍ୟାୟ, କିଟ୍ ଫିଲ୍ମ, ଫେସନ ଓ ଗଣ ଯୋଗାଯୋଗ ସ୍କୁଲ୍ ମହାନିର୍ଦ୍ଦେଶକ ହିମାଂଶୁ ଖଟୁଆ ଓ କିଟ୍ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନଙ୍କ ଉପସ୍ଥିତିରେ




ଉଦ୍‌ଘାଟିତ ହୋଇଥିଲା । ଏହି ଅବସରରେ ବକ୍ତବ୍ୟ ଦେଇ ଶ୍ରୀ ଇଶିକାୟୋଶିହିସା କହିଲେ, ଦ୍ୱିତୀୟ ଥର ପାଇଁ ଜାପାନ ଚଳଚ୍ଚିତ୍ର ମହୋତ୍ସବ କିଟ୍‌ରେ ଚାଲିବା ନିଶ୍ଚିତ ଭାବେ ଭାରତ-ଜାପାନ ସାଂସ୍କୃତିକ ସହଯୋଗକୁ ମଜଭୁତ କରିବ । ଭବିଷ୍ୟତରେ ଏହି ସହଯୋଗ ଜାରି ରହିବ ବୋଲି ସେ ଆଶା କରିଥିଲେ । ଏହି ପରିପ୍ରେକ୍ଷୀରେ ଜାପାନ ଚଳଚ୍ଚିତ୍ର ମହୋତ୍ସବକୁ ପ୍ରଚାର ପ୍ରସାର କରାଇବା ଦିଗରେ ସହଯୋଗର ହାତ ବଢ଼ାଇଥିବାରୁ ସେ କିଟ୍, କିସ୍ ଓ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଆଜି ଉଦ୍‌ଘାଟନୀ ଉତ୍ସବରେ 'ଫାଦର ଅଫ୍ ମିଲ୍‌କୀ ୱେ ରେଲ୍‌ରୋଡ୍' ପ୍ରଦର୍ଶନ ହୋଇଥିଲା । ଆସନ୍ତା କାଲି 'ପ୍ରିନ୍‌ସେସ୍ ଆରେଟେ' ଓ 'ଲେଡି କାଗା' ପ୍ରଦର୍ଶିତ ହେବାକୁ ଥିବା ବେଳେ ୨୪ ତାରିଖରେ 'ରାଇଡ୍ ଇଓର ୱେଭ୍' ଏବଂ 'ଦି ଜେନ୍ ଡାଏରୀ' ଚଳଚ୍ଚିତ୍ର ପ୍ରଦର୍ଶିତ ହେବ ।

# ଶ୍ରୀମନ୍ଦିରରେ ସେପ୍ଟେମ୍ବର ୧୫ ରୁ ଆରମ୍ଭ ହେବ ଧାଡି ଦର୍ଶନ : ଆଇନ ମନ୍ତ୍ରୀ

ପୁରୀ, (ସବ୍ୟୁ): ଶ୍ରୀମନ୍ଦିରରେ ଖୁବ୍ ଶୀଘ୍ର ଆରମ୍ଭ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା । ପରିଚାଳନା କମିଟି ଗଠନ ସରିବା ପରେ ପ୍ରଥମ ବୈଠକରେ ହୁଣ୍ଡି ସ୍ଥାନାନ୍ତରଣ ଓ ପରେ ଧାଡ଼ି ଦର୍ଶନ ଆରମ୍ଭ ହେବ । ସେପ୍ଟେମ୍ବର ୧୫ ରୁ ମନ୍ଦିରରେ 'ଧାଡି ଦର୍ଶନ' (ଦେବତାଙ୍କ ଏକ ଝଲକ ପାଇବା ପାଇଁ ଧାଡି ଦର୍ଶନ) ଆରମ୍ଭ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଓଡ଼ିଶାର ପୁରୀର ପ୍ରସିଦ୍ଧ ପ୍ରଭୁ ଜଗନ୍ନାଥ ମନ୍ଦିର ଶ୍ରୀମନ୍ଦିର ପରିସରରେ ଆନନ୍ଦ ବଜାରରେ ଏକ ପୋଲିସ ପୋଷ୍ଟ ସ୍ଥାପନ କରାଯିବ । ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏହା ସୂଚନା ଦେଇଛନ୍ତି । ମନ୍ଦିରର ସୁରକ୍ଷା ପ୍ରସଙ୍ଗରେ ଏବଂ ଆଜି ଶ୍ରୀମନ୍ଦିର ପରିଦର୍ଶନ ଏବଂ ଯାଞ୍ଚ କରିବା ପରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ ମନ୍ଦିରର ଆନନ୍ଦ ବଜାର ଭିତରେ ଏକ ପୋଲିସ ପୋଷ୍ଟ ଖୋଲାଯିବ । ପୋଲିସ ମନ୍ଦିର ଭିତରର ବିଭିନ୍ନ ସ୍ଥାନ ଉପରେ କଡ଼ା ନଜର ରଖିବ । ଆମେ ପୁରୀ ଏସପିଙ୍କ ସହିତ ମନ୍ଦିର ଭିତରକୁ ଯାଇ ଯାଞ୍ଚ କରିଛୁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ଏହା ବ୍ୟତୀତ, ମନ୍ଦିର ଭିତରେ ଥିବା ବିଭିନ୍ନ ମୁଖ୍ୟ ମନ୍ଦିରରେ ଅଧିକ ଫୋର୍ସ ମୁତୟନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଏବଂ ପୁରୀ ଏସପି ଆଜି ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆଜି କେବଳ ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତି ଶ୍ରୀମନ୍ଦିର କାନ୍ଥ ଚଢ଼ିବା ସମୟରେ ସୁରକ୍ଷା କର୍ମୀମାନେ ତାଙ୍କୁ ଧରିଥିଲେ । ପୂର୍ବରୁ ମଧ୍ୟ ଶ୍ରୀମନ୍ଦିରରେ କିଛି ସୁରକ୍ଷା ଉଲ୍ଲଂଘନ ଦେଖାଯାଇଛି । କିଛି ଦିନ ପୂର୍ବରୁ ଜଣେ ଯୁବକ ମନ୍ଦିର ଭିତରେ ଗୁପ୍ତ ଭାବରେ ଏକ ଗୁପ୍ତ କ୍ୟାମେରା ଲଗାଇ ଫଟୋ ଉଠାଇବାକୁ ଚେଷ୍ଟା କରିଥିଲା । ଏହି ସୁରକ୍ଷା ଉଲ୍ଲଂଘନ ପରେ ମୁଖ୍ୟ ପ୍ରଶାସକଙ୍କ ଦ୍ୱାରା ଆଜିର ଘୋଷଣା କରାଯାଇଛି । ଆଉ ଏକ ଘଟଣାକ୍ରମରେ ଓଡିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କହିଛନ୍ତି ଯେ ସେପ୍ଟେମ୍ବର ୧୫ ରୁ ମନ୍ଦିରରେ 'ଧାଡି ଦର୍ଶନ' (ଦେବତାଙ୍କ ଏକ ଝଲକ ପାଇବା ପାଇଁ ଧାଡି ଦର୍ଶନ) ଆରମ୍ଭ ହେବ । ମନ୍ଦିର ପ୍ରଶାସନ ପ୍ରସ୍ତୁତ, ଧାଡି ଦର୍ଶନ ଖୁବ୍ ଶୀଘ୍ର ଆରମ୍ଭ ହେବ । କମିଟି ଗଠନ ୩ ରୁ ୪ ସେପ୍ଟେମ୍ବର ମଧ୍ୟରେ ସମାପ୍ତ ହେବ । ଏହା ପରେ, ବୈଠକ ଅନୁଷ୍ଠିତ ହେବ । ସେପ୍ଟେମ୍ବର ୧୫ ରୁ ଧାଡି ଦର୍ଶନ ଆରମ୍ଭ ହେବ । ଭକ୍ତମାନେ ସୁଗମ ଭାବରେ ଦେବତାଙ୍କ ଦର୍ଶନ କରିପାରିବେ । ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ । ଦର୍ଶନାର୍ଥୀଙ୍କ ପାଇଁ ଏହା ସହଜ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ଓଟିଇଟି ପ୍ରଶ୍ନ କେଲେଙ୍କାରୀ, କ୍ରାଇମବ୍ରାଞ୍ଚ୍ ପକ୍ଷରୁ ସିଡି ଦାଖଲ

କଟକ,(ସବ୍ୟୁ): ଓଟିଇଟି ପ୍ରଶ୍ନ କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ୍ ପକ୍ଷରୁ କଟକ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ କେସ୍ ଡାଏରୀ( ସିଡି) ଦାଖଲ କରାଯାଇଥିଲା । ଏହି ସିଡି ଦାଖଲ ପରେ ଅଦାଲତ ଦୁଇ ଅଭିଯୁକ୍ତ ବିଜୟ କୁମାର ମିଶ୍ର ଏବଂ ଜୟନ୍ତ କୁମାର ରାଉତଙ୍କ ଜାମିନ୍ ଆବେଦନ ଉପରେ ଶୁଣାଣି ଶେଷ କରିଛନ୍ତି । ରାୟ ସଂରକ୍ଷିତ ରହିଛି । ଆସନ୍ତାକାଲି ଆଉ ଦୁଇ ଅଭିଯୁକ୍ତ ସନାତନ ବିଷୋୟୀ ଏବଂ ରାମ୍‌ଜୀ ପ୍ରସାଦ ଗୁପ୍ତାଙ୍କ ଜାମିନ୍ ଆବେଦନ ଉପରେ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି । ଓଟିଇଟି ପ୍ରଶ୍ନପତ୍ର କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ୍ ବୋର୍ଡ ଉପ ସଭାପତି ନିହାର ମହାନ୍ତିଙ୍କ ସମେତ ଡାଟା ଏଣ୍ଟ୍ରି ଅପରେଟର ଜିତନ୍ ମହାରଣା, ଜୟନ୍ତ କୁମାର ରାଉତ, ବିଜୟ କୁମାର ମିଶ୍ର, ସନାତନ ବିଷୋୟୀ, ରାମ୍‌ଜୀ ପ୍ରସାଦ ଗୁପ୍ତା, ପ୍ରଶାନ୍ତ କୁମାର ଖମାରୀ ଏବଂ ଅଜୟ କୁମାର ସାହୁଙ୍କୁ ଗିରଫ କରିଥିଲା । ସମସ୍ତ ଅଭିଯୁକ୍ତଙ୍କ ଜାମିନ୍ ଆବେଦନର ଶୁଣାଣି ଏବେ କଟକ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଚାଲିଛି । କ୍ରାଇମବ୍ରାଞ୍ଚ୍ ପକ୍ଷରୁ ଅତିରିକ୍ତ ପିପି ନନ୍ଦ ନନ୍ଦନ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

# ଆଗକୁ ପାର୍ବଣ : ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଡିଜିପି

କଟକ, (ସବ୍ୟୁ):ଆଗକୁ ଆସୁଛି ପାର୍ବଣ ଋତୁ । ଏହି ସମୟରେ କିଛି ବ୍ୟକ୍ତିବିଶେଷ ବେଆଇନ ଚାନ୍ଦା ଆଦାୟ କରି ପୂଜା ଉତ୍ସବ ପାଳନ କରିବା ଭଳି ଘଟଣା ବିଭିନ୍ନ ସମୟରେ ନଜରକୁ ଆସିଥାଏ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଜିଲ୍ଲା ଏସପିଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହ ସହ ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଅଗ୍ରାଧିକାର ଦେଇ ସେ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ପାର୍ବଣ ଋତୁ ସମୟରେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ । ସଦାସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ । ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ




ସଦାସର୍ବଦା ନଜର ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି ।

ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ଲଗାଇବା, ଗୁଇନ୍ଦା ସୂଚନା ସଂଗ୍ରହ, ପୂଜା କମିଟି ସହ ଆଲୋଚନା, ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଗୁଜବକାରୀଙ୍କୁ ଚିହ୍ନଟ, ପୂଜା ହେଉଥିବା ସ୍ଥାନରେ ବ୍ୟାପକ ପୋଲିସ ମୁତୟନ, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ପାର୍ବଣ ଋତୁ ସମୟରେ ବେଆଇନ ଗୋ ଚାଲାଣ ଏବଂ ବେଆଇନ ବାଣ ବିକ୍ରି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏତଦବ୍ୟତୀତ ପୂଜା ସମୟରେ ବିଭିନ୍ନ ସ୍ଥାନରେ କମିଟି ପକ୍ଷରୁ ମେଳାର ଆୟୋଜନ କରାଯାଇଥାଏ । ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ସ୍ଥାନଗୁଡିକୁ ପରିଦର୍ଶନରେ ଯାଇ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଉକ୍ତ ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଯତିନ୍ଦ୍ର କୋୟଲ, ଆଇଜିପି ସତୀଶ ଗଜଭିୟେ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ, ଆଇଜିପି (କ୍ରାଇମବ୍ରାଞ୍ଚ) ଡଃ ସାର୍ଥକ ଷଡ଼ଙ୍ଗୀ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥ, ଏସପି ଶ୍ରୀ ଭିନୀତ ଅଗ୍ରୱାଲଙ୍କ ସମେତ ଆଭାସୀ ମାଧ୍ୟମରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେଙ୍କ ସମେତ ସମସ୍ତ ଜିଲ୍ଲା ଏସପି, ରେଞ୍ଜ ଆଇଜି, ଡିଆଇଜି ପ୍ରମୁଖ ଉପସ୍ଥିତ ଥିଲେ ।

# ଲୁଟେରା ଗ୍ୟାଙ୍ଗର ୪ ଗିରଫ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ

ଭୁବନେଶ୍ୱର, (ସବ୍ୟୁ) : ପାହାଳ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ସାମଗ୍ରୀ ଜବତ କରିଛି । ଲୁଟ୍ ସାମଗ୍ରୀ ମଧ୍ୟରେ ଗୋଟିଏ ସୁନା ଚେନ୍ ଓ ୯ଟି ଦାମୀ ମୋବାଇଲ ଥିବା ପୋଲିସ କହିଛି ।

ଗିରଫ ଅଭିଯୁକ୍ତମାନେ ହେଲେ କୁନା ପାଣ୍ଡବ (୩୦), ଫୁଲମଣୀ ସାହୁ (୨୯), ସନାତନ ବେହେରା (୩୦) ଓ ନରେଶ ରାଉତ (୩୮) । ଦିନକୃଷ୍ଣ ସାମଲ ମହଲା ଏତଲା କରିଥିଲେ ଯେ, ଜାନୁଆରୀ ୨୬ ତାରିଖ ରାତିରେ ତାଙ୍କ ଘରର ଝରକା ଖୋଲି କେହି ଅଜଣା ଦୁର୍ବୃତ୍ତ ନଗଦ ଟଙ୍କା, ମୋବାଇଲ ଫୋନ୍, ସୁନାଚେନ୍ ଓ ରୂପା ବ୍ୟାସ୍‌ଲେଟ୍ ପ୍ରଭୃତି ଚୋରି କରି ନେଇଛନ୍ତି । ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ବୈଷୟିକ ଜ୍ଞାନକୌଶଳରେ ମୋବାଇଲ ଫୋନ୍ ଠାବ କଲା । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ୟୁନିଟ୍-୪ ମାର୍କେଟ ନିକଟରୁ କୁନା ଓ କୁଳମଣି ସାହୁଙ୍କୁ ଗିରଫ କରିବା ପରେ ତାଙ୍କ ସୂଚନା ଆଧାରରେ ଅନ୍ୟ ଦୁଇଜଣ ଗିରଫ ହୋଇଥିଲେ ।

ସେମାନଙ୍କୁ ପଚରାଉଚରା ପରେ ଜଣାପଡିଥିଲା ଯେ, ଲୁଟ୍‌ପାଟ କରିବା ପାଇଁ ସେମାନେ ଗ୍ୟାଙ୍ଗ ଗଠନ କରିଥିଲେ । ନରେଶ ନାମରେ ୧୨ଟି ମାମଲା ଥିବାବେଳେ ସନାତନ ନାଁରେ ଦୁଇଟି ମାମଲା, କୁଳମଣି ନାମରେ ୩ଟି ମାମଲା ଓ କୁନା ପାଣ୍ଡବ ନାଁରେ ୩ଟି ମାମଲା ଥିବା ତଦନ୍ତ କରି ପୋଲିସ ଜାଣିବାକୁ ପାଇଥିଲା । ସେମାନଙ୍କ ନିକଟରୁ ୯ଟି ମୋବାଇଲ, ସୁନାଚେନ ଜବତ କରାଯିବା ପରେ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ଘରକୁ ଶକ୍ତି ପ୍ରଦାନ କରିବା ପାଇଁ ତାରର ଏକ ସିରିଜ୍ ଶୁଭାରମ୍ଭ କରିଛି ଆରଆର କେବୁଲ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ତାର ଏବଂ କେବୁଲର ଏକ ଅଗ୍ରଣୀ ନିର୍ମାତା, ଆରଆର କେବୁଲ, ବର୍ଦ୍ଧିତ ତାପମାତ୍ରା ଏବଂ ବର୍ଦ୍ଧିତ ବୈଦ୍ୟୁତିକ ଭାର ଦ୍ୱାରା ଚିହ୍ନିତ ଯୁଗରେ ଭାରତୀୟ ଘର ଏବଂ ଭିତିଭୂମିର ବଢୁଥିବା ଚାହିଦାକୁ ସମାଧାନ କରିବା ପାଇଁ ପ୍ରସ୍ତୁତ ପରବର୍ତ୍ତୀ ପିଢ଼ିର ତାର ସମାଧାନର ଏକ ସିରିଜ୍ ଘୋଷଣା କରିଛି । ନୂତନ ଉତ୍ପାଦ ଲାଇନରେ ଫ୍ଲେମେକ୍ସ ଏଚଆର+ଏଫଆ, ସୁପରେକ୍ସ ଗ୍ରୀନ ଏଚଆର+ଏଫଆର ଏବଂ ଫାୟାରେକ୍ସ ଏଲଏସଓଏଚ-ଇବିଏକ୍ସଏଲ ରହିଛି - ପ୍ରତ୍ୟେକଟି ତାର ସରିଜ ବିଭିନ୍ନ ପ୍ରୟୋଗରେ ଉତ୍କୃଷ୍ଟ ସୁରକ୍ଷା, କାର୍ଯ୍ୟଦକ୍ଷତା ଏବଂ ସ୍ଥାୟୀତ୍ୱ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

# ଦୋକାନ କରାଇ ଦେବାକୁ କହି ୧୨ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦୋକାନ କରାଇ ଦେବାକୁ କହି ୧୨ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତ ସଞ୍ଜୀବ କୁମାର ଶାହା (୫୧)କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଏତଲାକାରୀ ହରେନ୍ଦ୍ର କୁମାର ସିଂ ଓ ଅଭିଯୁକ୍ତ ସଞ୍ଜୀବଙ୍କ ଘର ବିହାରରେ । ଦୁହେଁ ବହୁଦିନ ହେବ ଓଡ଼ିଶାରେ ରହିଆସୁଛନ୍ତି । ବିଭିନ୍ନ ବ୍ୟବସାୟ ମଧ୍ୟ କରୁଥିଲେ । ୨୦୧୮ ମସିହାରେ ଏତଲାକାରୀ ଲେଦର ବ୍ୟାଗ୍‌ୟୁନିଟ୍-୨ ରାସ୍ତାରେ ବିକୁଥିଲା । ଏକ ସ୍ଥାୟୀ ଦୋକାନ କରିବାକୁ ଇଚ୍ଛା କରିଥିଲା । ଅଭିଯୁକ୍ତ ସଞ୍ଜୀବ‌ୟୁନିଟ୍-୨ ମାର୍କେଟ ବିଲ୍ଡିଂର କ୍ରିଷ୍ଣା ଲେଦର ଆଣ୍ଡ ଗିଫଂ ଦୋକାନ ମାଲିକ ଥିଲା । ନିଜକୁ ମାର୍କେଟ ବିଲ୍ଡିଂ କର୍ତ୍ତୃପକ୍ଷ ଏବଂ ବିଏମ୍‌ସି ସହିତ ଭଲ ସମ୍ପର୍କ ଥିବା ହରେନ୍ଦ୍ରକୁ କହିଥିଲା । ତାଙ୍କ ପାଇଁ ଏକ ଦୋକାନ କରାଇଦେବା ପ୍ରତିଶ୍ରୁତି ଦେଇଥିଲା । ପ୍ରତିଶ୍ରୁତି ଅନୁଯାୟୀ ଏତଲାକାରୀ ୨୦୧୮ ମସିହା ଅଗଷ୍ଟ ୯ ତାରିଖରୁ ଡିସେମ୍ବର ୧୮ ତାରିଖ ମଧ୍ୟରେ ତିନୋଟି ଚେକ୍ ମାଧ୍ୟମରେ ଅଭିଯୁକ୍ତକୁ ୧୨ଲକ୍ଷ ଟଙ୍କା ଦେଇଥିଲା । ୩ ମାସ ମଧ୍ୟରେ ଦୋକାନ କରାଇ ଦେବାକୁ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲା । ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ନେବାର ବହୁତ ଦିନ ବିତିଯାଇଥିଲେ ମଧ୍ୟ ସେ ଦୋକାନ କରାଇ ଦେଇପାରି ନଥିଲା । ଟଙ୍କା ଫେରାଇ ଦେବା ଉଦ୍ଦେଶ୍ୟରେ ଚେକ୍ ଦେବା ସହ ସେ ନିଜେ କରିଥିବା ଦୋକାନ ତାଙ୍କ ନାମରେ କରାଇ ଦେବାକୁ କାଗଜପତ୍ର କରିଥିଲା । ହେଲେ ଚେକ୍ ବାଉନ୍ସ ହେବା ସହ ନିଜ ଦୋକାନ ମଧ୍ୟ ଏତଲାକାରୀକୁ ହସ୍ତାନ୍ତର କଲାନାହିଁ ସଞ୍ଜୀବ । ଉଦ୍ଦେଶ୍ୟମୂଳକ ଭାବେ ସେ ଟଙ୍କା ଠକି ନେଇଥିବା ହରେନ୍ଦ୍ର ଅନୁଭବ କରିବା ପରେ ଥାନାରେ ଏତଲା କରିଥିଲେ । ଏତଲାକୁ ଭିତ୍ତିକରି ପୋଲିସ ସଞ୍ଜୀବକୁ ଗିରଫ କରିବା ପରେ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଶ୍ରୀ ମନ୍ଦିର ସୁରକ୍ଷାକୁ ନେଇ ସମୀକ୍ଷା କରିଛନ୍ତି ମୁଖ୍ୟ ପ୍ରଶାସକ ଏବଂ ପୁରୀ ଏସ୍‌ପି

ପୁରୀ (ସବ୍ୟୁ): ଶ୍ରୀ ମନ୍ଦିର ସୁରକ୍ଷାକୁ ନେଇ ସମୀକ୍ଷା କରିଛନ୍ତି ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ପୁରୀ ଏସ୍‌ପି । ଶ୍ରୀ ମନ୍ଦିର ଉପରକୁ ଜଣେ ଭକ୍ତ ଚଢିବା ପାଇଁ ଚେଷ୍ଟା କରୁଥିବା ବେଳେ ସୁରକ୍ଷା କର୍ମୀଙ୍କ ହାତ ରେ ଧରାପଡ଼ିଥିଲେ ଭକ୍ତ ଜଣକ । ତେବେ ଶ୍ରୀ ମନ୍ଦିର ରେ ଉପରକୁ ଭକ୍ତ ମନେ ବାରମ୍ବାର ଚଢିବା ଲାଗି ଚେଷ୍ଟା କରୁଥିବା ବେଳେ ଏହାକୁ ଗୁରୁତ୍ୱର ସହ ନେଇଛି ଶ୍ରୀ ମନ୍ଦିର ଏବଂ ପୋଲିସ ପ୍ରଶାସନ କ୍ଷ ପୂର୍ବରୁ ଅନେକ ଥର ଭକ୍ତ ମନେ ଶ୍ରୀ ମନ୍ଦିରରେ ଚଢିବା ବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଥିଲେ ଭକ୍ତ । ତେବେ ଏପରି ଘଟଣାକୁ ରୋକିବା ଲାଗି ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ପୁରୀ ଏସ୍‌ପି ଶ୍ରୀ ମନ୍ଦିର ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଶ୍ରୀ ମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରିବା ଲାଗି ନିଷ୍ପତି ନିଆଯାଇଛି । ଶ୍ରୀ ମନ୍ଦିର ଭିତରେ ଆନନ୍ଦ ବଜାରରେ ସ୍ୱତନ୍ତ୍ର ସିସି ଟିଭି କଣ୍ଟ୍ରୋଲ ରୁମ କରାଯିବା ସହ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ ହେବେ । ଏଥିସହ ଆହୁରି ଅତିରିକ୍ତ ସୁରକ୍ଷା କର୍ମୀ ଶ୍ରୀ ମନ୍ଦିର ଭିତରେ ନିୟୋଜିତ କରାଯିବା ନେଇ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରତିକ୍ରିୟା ରଖିଥିବା ବେଳେ ଶ୍ରୀ ମନ୍ଦିର ଭିତରେ ଅନେକ ସମ୍ବେଦନଶୀଳ ସ୍ଥାନ ରହିଛି ଯେଉଁଠାରେ ଭକ୍ତ ମନେ ଅତି ସହଜ ରେ ଶ୍ରୀ ମନ୍ଦିର ଉପରକୁ ଚଢିପାରୁଛନ୍ତି କ୍ଷ ସେହି ସବୁ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ୨୪ ଘଣ୍ଟିଆ ପହରା ଦେବା ସହ ଶ୍ରୀ ମନ୍ଦିର ଭିତରେ ପୋଲିସ ଆଉଟ ପୋଷ୍ଟ କରିବା ନେଇ ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀ ମନ୍ଦିର ପ୍ରଶାସନ କୁ ପ୍ରସ୍ତାବ ଦିଆଯାଇଛି । ଏଥିସହ ଶ୍ରୀ ମନ୍ଦିର ଭିତରେ ଲାଗି ଥିବା ସିସି ଟିଭି ଗୁଡିକ ଆନନ୍ଦ ବଜାର ରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ କରାଯାଇ ସମସ୍ତ ଗତିବିଧି ଉପରେ ନଜର ରଖିବା ଲାଗି ପୁରୀ ଏସ୍‌ପି ପିନାକ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି ।

## ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ସାମାଜିକ ସୁରକ୍ଷା ନେଇ

# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ ଉତ୍କଳ ସାମ୍ବାଦିକ ସଂଘର ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ପେନସନ୍ ପ୍ରଦାନ ଓ ଅଧିସ୍ୱୀକୃତି କମିଟି ଗଠନ ସହ ଜିଲ୍ଲା ଓ ରାଜ୍ୟ ସ୍ତରରେ ଯୋଗ୍ୟ ସାମ୍ବାଦିକଙ୍କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଭେଟିଛି ଉତ୍କଳ ସାମ୍ବାଦିକ ସଂଘ।ସଂଘ ପକ୍ଷରୁ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଶ୍ରୀ ଶର୍ମାଙ୍କ ସହ ଆଲୋଚନା ଅବସରରେ କହିଥିଲେ କି,ଦେଶର ଅନ୍ୟାନ୍ୟ




ଅଠର ଗୋଟି ରାଜ୍ୟ କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନସନ୍ ଦେଉଛନ୍ତି । ସେହିଭଳି ଅନ୍ୟାନ୍ୟ ରାଜ୍ୟରେ ଅଧିସ୍ୱୀକୃତି କମିଟି ମାଧ୍ୟମରେ ଯୋଗ୍ୟ ସାମ୍ବାଦିକଙ୍କୁ ସରକାରୀ ମାନ୍ୟତା ଦିଆଯାଉଥିଲା ବେଳେ ଆମ ରାଜ୍ୟରେ ଅଧିସ୍ୱୀକୃତି କମିଟିକୁ ଦୀର୍ଘ ବର୍ଷ ହେବ ଭାଙ୍ଗି ଦିଆଯାଇଛି । ଫଳତଃ ଯୋଗ୍ୟ ସାମ୍ବାଦିକ ମାନେ ଦୀର୍ଘ ବର୍ଷ ହେବ ଅଧିସ୍ୱୀକୃତି ପାଇବାରୁ ବଞ୍ଚିତ ହେଉଛନ୍ତି । ଏଣୁ ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ରାଜ୍ୟର ଯୋଗ୍ୟ ସାମ୍ବାଦିକଙ୍କୁ ମାନ୍ୟତା ପ୍ରଦାନ କରାଯାଉ ଏବଂ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ସମସ୍ତ ସାମ୍ବାଦିକଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ ହେଉ । ଆଲୋଚନା କାଳରେ ଶ୍ରୀ ଶର୍ମା ଦାବି ଗୁଡିକ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିଥିଲେ । ଦାବି ସମୂହର ସମାଧାନ ପାଇଁ ସରକାରୀ ସ୍ତରରେ ଆଶୁ ପଦକ୍ଷେପ ନିଆଯିବ ବୋଲି ସଂଘକୁ ଶ୍ରୀ ଶର୍ମା ଆଶ୍ୱସ୍ତ କରିଛନ୍ତି । ଏହି ଅବସରରେ ସଂଘର ଉପଦେଷ୍ଟା ପବିତ୍ର ମହାରଥା ଉପସ୍ଥିତ ଥିଲେ ।

### କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

# ଛାତ୍ରଛାତ୍ରୀଙ୍କ ଉପଲବ୍ଧି ଏହି ବିଦ୍ୟାଳୟର ପ୍ରତିଷ୍ଠାକୁ ଆରୋହିତ କରିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): କଟକ କାଳିଆବୁଦା ସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବିଦ୍ୟାଳୟକୁ ଏକ ଜ୍ଞାନ ଦୀପସ୍ତମ୍ଭ, ଯାହା ୬୦ ବର୍ଷ ହେଲାଣି କଟକ ସହରରେ ଜ୍ଞାନର ଆଲୋକ ବିକିରଣ କରୁଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମଳାକାନ୍ତ ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ, ଏହି ବିଦ୍ୟାଳୟକୁ ଖୁବ ଶୀଘ୍ର ପିଏମଶ୍ରୀ ଯୋଜନାରେ ସାମିଲ କରିବା, ମିନି ଷ୍ଟାଡିଅମ ନିର୍ମାଣ, ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରିବା ଓ ବିଦ୍ୟାଳୟର ଆନୁସଙ୍ଗିକ ଆବଶ୍ୟକତା ସବୁ ଖୁବ ଶୀଘ୍ର ପୂରଣ କରିବା ପାଇଁ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହୀରକ ଜୟନ୍ତୀ କେବଳ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ଏହା ପୂର୍ବତନ ଛାତ୍ରଛାତ୍ରୀମାନଙ୍କର ମିଳନ ମହୋତ୍ସବ। ଯେଉଁମାନେ ଏହି ବିଦ୍ୟାଳୟରୁ ପଢ଼ି ସମାଜରେ ବଡ଼ ବଡ଼ ସ୍ଥାନରେ ପହଞ୍ଚିଛନ୍ତି, ସେମାନଙ୍କ ଉପଲବ୍ଧି ଏହି ବିଦ୍ୟାଳୟର ପ୍ରତିଷ୍ଠାକୁ ଆରୋହିତ କରିଛି। ଆଜି ସେମାନଙ୍କୁ ଦେଖି, ଆମେ ଅନୁଭବ କରୁଛୁ, ବିଦ୍ୟାଳୟର ସଫଳତା ହେଉଛି ଏହାର ଛାତ୍ରଛାତ୍ରୀଙ୍କର ସଫଳତା।

ଆଜିର ଛାତ୍ରଛାତ୍ରୀମାନେ ହେଉଛନ୍ତି ଆଗାମୀ ଭବିଷ୍ୟତ ଏବଂ ସେମାନ ହେବେ ବିକଶିତ ଭାରତର ନିର୍ମାତା। ତେଣୁ, ଆଜିର ବିଦ୍ୟାର୍ଥୀଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା ଉଚିତ। ଏହା ଯେ କୌଣସି ସରକାରଙ୍କ ମୌଳିକ ଏବଂ ନୈତିକ କର୍ତ୍ତବ୍ୟ। ଆମ ସରକାର ଆସିବା ଦିନ ଠାରୁ ହିଁ ଶିକ୍ଷାକ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରୟାସ କରୁଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏହାର ଏକ ପ୍ରକୃଷ୍ଟ ଉଦାହରଣ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଏହି ବିଶ୍ୱସ୍ତରୀୟ ବିଦ୍ୟାଳୟ ନିର୍ମାଣ ହେବ ଏବଂ ଏହି ଦିଗରେ କାର୍ଯ୍ୟ ଆରମ୍ଭ ହୋଇ ସାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ସେ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ସହ ସମନ୍ୱୟ ରଖି ନୂତନ ଭାବରେ କାର୍ଯ୍ୟକାରୀ ହୋଇଥିବା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା 'ପିଏମ୍‌ଶ୍ରୀ' ଅଧୀନରେ ରାଜ୍ୟର ୭୬୨ ସ୍କୁଲକୁ ଆଦର୍ଶ ସ୍କୁଲ ଭାବରେ ବିକଶିତ କରାଯିବ । ପିଲାମାନଙ୍କର ମୌଳିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ 'ନିପୁଣ ଓଡ଼ିଶା' ମିଶନ କାର୍ଯ୍ୟକାରୀ କରାଯାଉଛି। ପ୍ରତ୍ୟେକ ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ସମସ୍ତ ବିଦ୍ୟାଳୟକୁ ସଂରକ୍ଷଣ ଏବଂ ପୁନଃନିର୍ମାଣ କରିବା ଲକ୍ଷ୍ୟ ନେଇ ଐତିହ୍ୟ ବିଦ୍ୟାଳୟ ଯୋଜନା ଲାଗୁ କରାଯାଇଛି । 'ଆସ ସ୍କୁଲ ଯିବା' ଅଭିଯାନ ଅଧୀନରେ ସାରା ରାଜ୍ୟରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ଘରକୁ ଘର ସର୍ଭେ କରାଯାଇଛି । ସ୍କୁଲ ଯାଉନଥିବା ପିଲାମାନଙ୍କୁ ଚିହ୍ନଟ କରିବା, ସେମାନଙ୍କ ପାଠ ଛାଡ଼ିବାର କାରଣ ବୁଝିବା, ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ସ୍ଥିତି ମୂଲ୍ୟାଙ୍କନ କରିବା, ସ୍ଥାନୀୟ ଭାଷାର ଆବଶ୍ୟକତା ନିର୍ଣ୍ଣୟ କରିବା ଏବଂ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ କରିବାକୁ ଆଶା କରାଯାଉଥିବା ପିଲାଙ୍କ ସଂଖ୍ୟା ଆକଳନ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ।

ସେ ଆହୁରି କହିଥିଲେ ଯେ ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ଅଛି। ଏଥିପାଇଁ ପ୍ରଥମେ ପ୍ରାଥମିକ ଶିକ୍ଷାକୁ ବା ସ୍କୁଲ ଶିକ୍ଷାକୁ ସୁଦୃଢ଼ କରିବା ଅତ୍ୟନ୍ତ ଆବଶ୍ୟକ । ଜାତୀୟ ଶିକ୍ଷାନୀତି-୨୦୨୦ରେ ମଧ ଗୁଣାତ୍ମକ ଶିକ୍ଷା ଉପରେ ଫୋକସ୍ ରଖାଯାଇଛି। ରାଜ୍ୟରେ ପ୍ରାଥମିକ ଶିକ୍ଷା ବିକାଶ ପାଇଁ ସରକାର ପ୍ରତିବଦ୍ଧ। ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ପଦବୀ ପୂରଣ କରାଯିବ। ତେଣୁ, ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ ହେବ। ଏହା ସହିତ ପ୍ରାଥମିକ ଶିକ୍ଷକ ମାନଙ୍କୁ ଏଣିକି ନିୟମିତ ନିଯୁକ୍ତି ଦିଆଯିବ ଏବଂ ଯେଉଁ ସ୍କିମାଟିକ୍ ଶିକ୍ଷକମାନେ ୬ ବର୍ଷିଆ ଠିକାରେ ଅଛନ୍ତି, ସେମାନଙ୍କୁ ମଧ ନିୟମିତ କରାଯିବ, ବୋଲି ସେ କହିଥିଲେ।

ଏହି ଅବସରରେ , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଦ୍ୟାଳୟର ସମସ୍ତ ପୁରାତନ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ବିଦ୍ୟାଳୟର ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ନୟନ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ, କଟକ-ସଦର, ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ କଟକ-ଚୌଦ୍ୱାର, ସୌଭିକ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶୁଭଦର୍ଶିନୀ ନନ୍ଦ ପ୍ରମୁଖ ମଂଚାସୀନ ଥିଲେ।

**ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ସହାୟତା**

# ଶାରୀରିକ ସମ୍ପର୍କ ପରେ ଭିଡିଓ ଭାଇରାଲ ଧମକ, ଏଏସ୍ ଓ ଗିରଫ

ଭୁବନେଶ୍ୱର, (ସବ୍ୟୁ) :ସୋସିଆଲ୍ ମିଡିଆରେ ସମ୍ପର୍କ ହେବା ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା ଅଭିଯୁକ୍ତ । ଏତଲାକାରୀଙ୍କ ଅଜାଣତରେ ଶାରୀରିକ ସମ୍ପର୍କର ଭିଡିଓ ଫଟୋ ଉତ୍ତୋଳନ କରି ରଖିଥିଲା । ପରେ ଉଭୟଙ୍କ ମଧ୍ୟରେ ବିବାଦ ହେବାରୁ ସେହି ଆପତ୍ତିଜନକ ଭିଡିଓ ଭାଇରାଲ କରାଇ ଦେବାକୁ ଦମକ ଦେଇଥିଲା । ଉପାୟଶୂନ୍ୟ ହୋଇ ପୀଡିତା ମହିଳା ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ (ଏଏସ୍‌ଓ) ସୁଶାନ୍ତ କୁମାର ଜେନା (୩୩)କୁ ଗିରଫ କରିଛି ।

୨୦୨୩ ମସିହା ନଭେମ୍ବର ମାସରେ ଚାକିରି ଅନ୍ୱେଷଣରେ ପୀଡିତା ଭୁବନେଶ୍ୱର ଆସିଥିଲେ । ୨୦୨୪ ମସିହା ପରଠାରୁ ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିଲେ । ଏହି ସମୟରେ ସୋସିଆଲ୍ ମିଡିଆ ଜରିଆରେ ସରକାରୀ ଚାକିରି କରିଥିବା (ଏଏସ୍‌ଓ) ସୁଶାନ୍ତ କୁମାର ଜେନା ସହ ତାଙ୍କର ସମ୍ପର୍କ ହୋଇଥିଲା । ପରେ ଅଭିଯୁକ୍ତ ପୀଡିତାଙ୍କୁ ବିବାହର ମିଛ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା । ଗୁପ୍ତରେ ପୀଡିତାଙ୍କ ଶାରୀରିକ ସମ୍ପର୍କର ଫଟୋ ଭିଡିଓ ନିଜ ମୋବାଇଲରେ ସଂଗ୍ରହ କରିନେଇଥିଲା । ଉଭୟଙ୍କ ମଧ୍ୟରେ କିଛିଦିନ ବିତିଯିବା ପରେ ଅଭିଯୁକ୍ତ ପୀଡିତାଙ୍କୁ ହଠାତ୍ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲା ।

ଉଭୟଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସେ ବାହାରେ ପ୍ରଘଟ କଲେ ପାଖରେ ରଖିଥିବା ଫଟୋ ଭିଡିଓକୁ ସୋସିଆଲ୍ ମିଡିଆରେ ଭାଇରାଲ କରିଦେବ ବୋଲି ଅଭିଯୁକ୍ତ ପୀଡିତାଙ୍କୁ ଧମକାଇଥିଲା। ବିବାହ କରିବାକୁ ରୋକ୍‌ଠୋକ୍ ମନା କରିଦେବା ସହ ଜିଦ୍ କରି ଆପତ୍ତିଜନକ ଭିଡିଓ ଭାଇରାଲ କରାଇ ଦେବାକୁ ଧମକାଇଥିଲା । ଉପାୟଶୂନ୍ୟ ହୋଇ ପୀଡିତା ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ସୁଶାନ୍ତ କୁମାର ଜେନା (୩୩)କୁ ଗିରଫ କରିବା ପରେ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସମ୍ପୂର୍ଣ୍ଣ ସୁଯୋଗ ନେବେ ଓଡ଼ିଶାର ଯୁବପିଢ଼ି : ଧର୍ମେନ୍ଦ୍ର ପ୍ରଧାନ

# ଭାରତନେତ୍ର ହାକାଥନ ୱେବସାଇଟ ସହ ଜିସିସି ପ୍ଲସ ଓଭରାଲ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ 'ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' (I-GFTCH) - ଭାରତନେତ୍ରର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଓ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ) ସହଯୋଗରେ ଭୁବନେଶ୍ୱରକୁ ବିଶ୍ୱ ଆର୍ଥିକ ଟେକ୍ନୋଲୋଜି ଏବଂ ଇନସ୍ୟୁରଟେକ୍, ଇନୋଭେସନ ହବ୍ ରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱରରେ ଜ୍ଞାନ ପରମ୍ପରା ଦୀର୍ଘ ଦିନରୁ ରହିଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଆହ୍ୱାନ କରିଛନ୍ତି । ଏହି ସମୟରେ ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ଆଜିର ପଦକ୍ଷେପ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଆଉ ଏକ ପଦକ୍ଷେପ । ଡିଜିଟାଲ ଫାଇନାନ୍ସ, ଏଆଇ, ବ୍ଲକ ଚେନ୍ ଏବଂ ଭବିଷ୍ୟତବାଦୀ ଦକ୍ଷତା କ୍ଷେତ୍ରରେ ଯୁବପିଢିଙ୍କୁ ଚାକିରି ପାଇଁ ଦକ୍ଷତା ପ୍ରଦାନ କରିବ । I-GFTCH ଏଠାରେ ଭୁବନେଶ୍ୱରରେ ସ୍ଥାନୀୟ ଯୁବପିଢ଼ିଙ୍କୁ



ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' ଡିଜିଟାଲ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଯୁବପିଢ଼ିଙ୍କୁ ବିଶେଷ ଭାବରେ ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସୁଯୋଗକୁ ହାତଛଡା କରିବାକୁ ଦେବ ନାହିଁ । ଯୁବବର୍ଗଙ୍କୁ ଇନସ୍ୟୁରଟେକ୍, ବିଶ୍ୱସ୍ତରୀୟ ନିଯୁକ୍ତି ସୁଯୋଗ ଦେବା ପାଇଁ ସହଯୋଗୀ ଭାବରେ କାମ କରିବ । ଓଡ଼ିଶାକୁ ଏକ ଡିଜିଟାଲ-ଅଗ୍ରଣୀ ଅର୍ଥନୀତିରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ଆୟୋଜିତ ଏକ ସାକ୍ଷାତକାରରେ ସିଙ୍ଗାପୁର ଜିଏଫଟିଏନର ଗ୍ରୁପ ସିଇଓ ଶ୍ରୀ ସୋପ୍ନେନ୍ଦୁ ମହାନ୍ତିଙ୍କ ସହ ବାର୍ତ୍ତାଳାପ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ସିଙ୍ଗାପୁର ଗସ୍ତରେ ଥିବା ବେଳେ ଜୁରଙ୍ଗ ଆଇଲ୍ୟାଣ୍ଡ ଭଳି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସମୟରେ ଓଡ଼ିଶାରେ ସିଙ୍ଗାପୁର ମଡେଲର କ୍ରିୟାନ୍ୱୟନ ମନରେ ଭାବନା ଆସିଥିଲା । ବିଶେଷ ଭାବରେ ଓଡ଼ିଶାର ଯୁବ ପ୍ରତିଭାକୁ ଉପଯୋଗ କରିବା ଦିଗରେ ସିଙ୍ଗାପୁର ଭଳି ଇକୋସିଷ୍ଟମ ତିଆରି ହେବା ଦରକାର । ଏହି ଅବସରରେ ଭାରତନେତ୍ର ହାକାଥନ ଓ୍ୱେବସାଇଟର ଶୁଭାରମ୍ଭ ସହ ଜିସିସି ପ୍ଲସ ଓଭରାଲ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସିଙ୍ଗାପୁର ଜିଏଫଟିଏନର ସିଇଓ ଶ୍ରୀ ସୋପ୍ନେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

### ୨୭ରେ "ଭାରତ ପ୍ରତିଭା" ସମ୍ମାନ

# କ୍ୟାପ୍ଟେନ୍ ଦୁର୍ଯ୍ୟୋଧନ ମହାନ୍ତି ପାଇବେ "ଭାରତ ଗୌରବ" ସମ୍ମାନ

କଟକ,(ସବ୍ୟୁ):ପ୍ରତିବର୍ଷ ପରି ଚଳିତ ବର୍ଷ ନିଜର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଭାରତ ମସଲା କଂପାନୀ ତାର ୨୬ବର୍ଷ ପୂର୍ତ୍ତି ଆସନ୍ତା ୨୭ ତାରିଖ ଗଣେଶ ଚତୁର୍ଥୀ ଦିନ ପାଳନ ହେବାକୁ ଯାଉଛି । ବାରଙ୍ଗ ରାମଦାସପୁର ସ୍ଥିତ ଭାରତ ମସଲା କଂପାନୀ ପରିସରରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ନାଁକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇଥିବା ପ୍ରତିଭାମାନଙ୍କୁ ସେହିଦିନ ସମ୍ବର୍ଦ୍ଧିତ କରାଯିବ । ୧୯୭୧ ମସିହାରେ କାର୍ଗିଲରେ ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧକୁ ଲମ୍ଫ ଦେଇଥିବା ପୂର୍ବତନ ଭାରତୀୟ ସେନାଧିକାରୀ କ୍ୟାପ୍ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଚଳିତ ବର୍ଷ ର ସମ୍ମାନଜନକ "ଭାରତ ଗୌରବ" ସମ୍ମାନ ପ୍ରଦାନ କରାଯିବ । ସେହିପରି ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ଡିଏଭି ସ୍କୁଲର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥିଙ୍କୁ "ସେବା ଭାରତ" ସମ୍ମାନ, ପଞ୍ଚାୟତରାଜ ବ୍ୟବସ୍ଥା ଓ ଗାନ୍ଧୀଙ୍କର ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ସନ୍ଦର୍ଭ ଲେଖି ଚର୍ଚ୍ଚାରେ ଥିବା ଅବସରପ୍ରାପ୍ତ ଆଇଏଏସ୍ ଡ. ଅରବିନ୍ଦ ବେହେରାଙ୍କୁ "କଥା ଭାରତ" ସମ୍ମାନ, ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡ. ଶ୍ୱେତକୁମାର ଦାଶଙ୍କୁ "ସଂସ୍କୃତି ଭାରତ" ସମ୍ମାନ, ଏସିଆନ୍ କ୍ରୀଡାରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କିଶୋର ଜେନାଙ୍କୁ "କ୍ରୀଡା ଭାରତ" ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି । ସେହିପରି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ +୨ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଛି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ "ବିଦ୍ୟା ଭାରତ" ସମ୍ମାନରେ ସମ୍ମାନିତ କରାଯିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପ୍ରତିଭାଧାରୀ ମାନଙ୍କୁ ନଗଦ ଅର୍ଥ ରାଶି ସହ ଉପଢ୍ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧକ୍ଷତା କରୁଥିବା ଜୟଭାରତ ଫାଉଣ୍ଡେସନ୍‌ର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି । ଏସ୍.ଏନ୍ ମିଲେନିୟମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଭାରତ ମସଲାର ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ,ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିସ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ ।



### ତାଳଚେର ସାରକାରଖାନା କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା !

# ଉଦ୍‌ବେଗ ପ୍ରକାଶ କଲା କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ତାଳଚେର ସାରକାରଖାନା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୨୦୧୮ ମସିହା ସେପେଟମ୍ବର ୨୨ ତାରିଖରେ ଭିତ୍ତି ପ୍ରସ୍ତର ସ୍ଥାପନ କରି ପ୍ରତିଶ୍ରୁତି ଦେଇଥିଲେ କି ଏହି ପ୍ରକଳ୍ପ କାର୍ଯ୍ୟ ୩୬ ମାସ ମଧ୍ୟରେ ଶେଷ ହେବ । ତେବେ ଦୀର୍ଘ ସାତ ବର୍ଷ ବିତିଯାଇଥିଲେ ମଧ ଆଜି ସୁଦ୍ଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରି ନାହିଁ । ନିର୍ଦ୍ଧାରିତ ସମୟ ସୀମାଠାରୁ ଆହୁରି ଅଧିକ ଚାରି ବର୍ଷ ଅତିକ୍ରାନ୍ତ ହେଲାଣି । ଆଗାମୀ ୨୦୨୭-୨୦୨୮ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେବା ନେଇ ଆଶଙ୍କା ଦେଖା ଦେଇଛି । ୧୩ ହଜାର କୋଟି ବଦଳରେ ଆହୁରି ଶାଢେ ପାଞ୍ଚ ହଜାର କୋଟି ଅଧିକ ଖର୍ଚ୍ଚ ହେଲାଣି । ତେବେ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାଭଳି ଏହି ପ୍ଲାଣ୍ଟର ଅବସ୍ଥା ହୋଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଭୁବନେଶ୍ୱର କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରି ପିସିସି ମୁଖପାତ୍ର ତଥା ତଥ୍ୟ,ଗବେଷଣା ଓ ସୂଚନା ଶାଖାର ମୁଖ୍ୟ ଜଗଦାନନ୍ଦ ପ୍ରଧାନ ଅଭିଯୋଗ କରିଛନ୍ତ । ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓ ପ୍ରଶାସନିକ ସ୍ଥାଣୁତା ଏହି ଅହେତୁକ ବିଳମ୍ବର କାରଣ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ।

ପ୍ରକାଶଯୋଗ୍ୟ ତାଳଚେର ଫର୍ଟିଲାଇଜର ଲିମିଟେଡ ଏକ ଯୌଥ କମ୍ପାନୀ ଏଥିରେ ରାଷ୍ଟ୍ରିୟ କେମିକାଲ ଫର୍ଟିଲାଇଜର,ଗ୍ୟାସ ଅଥରିଟି ଅଫ ଇଣ୍ଡିଆ (ଗେଲ), କୋଲ ଇଣ୍ଡିଆ ଲିମିଟେଡ ଆଣ୍ଡ ଫର୍ଟିଲାଇଜରସ କର୍ପୋରେସନ ଇଣ୍ଡିଆ ଲିମିଟେଡ । ଏମିତି ଚାରିଗୋଟି ଅଂଶୀଦାର । ସଠିକ ସମୟ ମଧ୍ୟରେ ଓଡିଶା ତଥା ଦେଶର ଚାଷୀମାନେ ସେମାନଙ୍କର ଚାଷଜମିକୁ ସାର ପାଇବା ପାଇଁ ଯେଉ ସ୍ୱପ୍ନ ଦେଖୁଥିଲେ ତା ମଧ ପୁରଣ ହେଲା ନାହିଁ । ବର୍ତ୍ତମାନ କଂଗ୍ରେସ ପକ୍ଷରୁ ସିଧା ସଳଖ ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ ସୁପର କ୍ରିଟିକାଲ ଗ୍ୟାସିଫିକେସନ ପ୍ରୋସେସ ବା କୋଲ ଗ୍ୟାସିଫିକେସନ ପ୍ରକ୍ରିୟା ଦ୍ୱାରା ପ୍ଲାଣ୍ଟରୁ ବ୍ୟାପକଭାବେ କାର୍ବନ ଡାଇଅକସାଇଡ ନିର୍ଗତ ହେବ । ବାୟୁ ମଣ୍ଡଳରେ ପରିବର୍ତ୍ତନ ଦେଖା ଦେବ ।



### ଓଡ଼ିଶା ୨୦୨୪ ନିର୍ବାଚନୀ ସମ୍ପର୍କିତ ପୁସ୍ତକ "ଭଏସ୍ ଆଣ୍ଡ ଭୋଟ୍ସ" ଉନ୍ମୋଚିତ

# ଆକ୍ସିଡେଣ୍ଟାଲ୍ ନୁହେଁ, ଜନଆସ୍ଥା, ବଳରେ ଓଡ଼ିଶାରେ ସରକାର କରିଛି ବିଜେପି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଆକ୍ସିଡେଣ୍ଟାଲ୍ ନୁହେଁ ବରଂ ଜନଆସ୍ଥା ଓ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ବଳରେ ବିଜେପି ଓଡ଼ିଶାରେ ଏକକ ସରକାର କରିପାରିଛି ବୋଲି ଶୁକ୍ରବାର ଭୁବନେଶ୍ୱର ଠାରେ ବିଶିଷ୍ଟ ଲେଖକ ତଥା ପ୍ରଫେସର ଡଃ ନେତାଜୀ ଅଭିନନ୍ଦନ ଓ ପ୍ରୀତ୍ ବୁବନାଙ୍କ ଦ୍ୱାରା ରଚିତ ଇଂରାଜି ପୁସ୍ତକ "ଭଏସ୍ ଆଣ୍ଡ ଭୋଟ୍ସ : ଓଡ଼ିଶା ଇଲେକ୍ଟୋରାଲ ରିନେସନ୍ସ ଅଫ୍ - ୨୦୨୪" ପୁସ୍ତକ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଂପ୍ରତିକ ଓଡ଼ିଶା ରାଜନୀତିର ଏହି ବିଶ୍ଳେଷଣାତ୍ମକ ପୁସ୍ତକର ଶୁଭ ଉନ୍ମୋଚନ ଅବସରରେ ଶ୍ରୀ ପ୍ରଧାନ ଏହାର ଲେଖକ ତଥା ପ୍ରକାଶକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଇତିହାସ ଓ ବର୍ତ୍ତମାନକୁ ପୁସ୍ତକର ରୂପ ଦେଲେ ଭବିଷ୍ୟତକୁ ଯିବା ସହଜ ହୁଏ ।

ଓଡ଼ିଶା ଏବଂ ସର୍ବଭାରତୀୟ ସ୍ତରରେ ବିଜେପି ରାଜନୈତିକ ଯାତ୍ରା ଉପରେ ଆଲୋକପାତ କରିଥିଲେ କେନ୍ଦ୍ରମନ୍ତ୍ରୀ । ଓଡ଼ିଶାରେ ବିଜେପିର ରାଜନୈତିକ ଅଭ୍ୟୁଦୋୟ, ସଂଖ୍ୟାଲଘୁରୁ ସଂଖ୍ୟାଗରିଷ୍ଠ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାମାନେ ସାମିଲ ହେବା, ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପିର ସଫଳତା, ବିରୋଧୀ ଦଳ ଭୂମିକାରେ ଅବତୀର୍ଣ୍ଣ ହେବା ଏବଂ ଗତ ନିର୍ବାଚନରେ ବିଜେପିର ଏକକ ସରକାର ହେବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ସେ କହିଥିଲେ ଭାରତୀୟ ଜନସଙ୍ଘ କିମ୍ବା ଭାରତୀୟ ଜନତା ପାର୍ଟି କେବଳ ଏକ ସଂଗଠନ ନୁହେଁ ବରଂ ଏକ ବିଚାର । ବିଜେପି ଏକ ଆକ୍ସିଡେଣ୍ଟାଲ୍ ପାର୍ଟି ଭାବରେ ନୁହେଁ, ବରଂ ଅନେକ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ସମର୍ପଣ ବଳରେ ଏହା ବିଶ୍ୱର ସର୍ବବୃହତ ଦଳ ଭାବରେ ଅଭ୍ୟୁଦୋୟ ହୋଇଛି ଏବଂ ଜନଆଶୀର୍ବାଦରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକକ ସରକାର ଗଠନ କରିଛି । 'ଓଡ଼ିଆ ଅସ୍ମିତା' ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ବରଂ ଏକ ସାଂସ୍କୃତିକ, ଅର୍ଥନୈତିକ ଆକାଂକ୍ଷା, ଗୋଟିଏ ସଭ୍ୟତାକୁ ପ୍ରତିଫଳିତ ଓ ପ୍ରବାହିତ କରିବା ତଥା ଭବିଷ୍ୟତକୁ ସୁରକ୍ଷିତ କରିବାର ଏକ ଅବଧାରଣା ।

ଗଣତନ୍ତ୍ରରେ ସମସ୍ତଙ୍କର ନିଜର ନିଜର ଦୃଷ୍ଟିକୋଣ ଓ ଆଭିମୁଖ୍ୟ ଅଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ତେବେ ବିଜେପି ଆକ୍ସିଡେଣ୍ଟାଲ୍ ଭାବେ ନୁହେଁ ବରଂ ନିରନ୍ତର ପ୍ରଚେଷ୍ଟା ପରେ ହିଁ ଓଡ଼ିଶାବାସୀଙ୍କ ଆସ୍ଥାଭାଜନ ହୋଇପାରିଥିବାରୁ ରାଜ୍ୟରେ ସରକାର ହୋଇଛି । ଅପରପକ୍ଷରେ ଗୁରୁବାର ରାଜ୍ୟର ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି । ଶିକ୍ଷକଙ୍କୁ ସମ୍ମାନର ସହ ଜୀବନ ମିଳିବା ପାଇଁ ଆମର ପ୍ରତିବଦ୍ଧତା ଥିଲା, ଯାହାକୁ ବର୍ତ୍ତମାନର ବିଜେପି ସରକାର ପୂରଣ କରୁଛନ୍ତି । ଶିକ୍ଷା ହେଉ କିମ୍ବା ବିଭିନ୍ନ ବିକାଶ କ୍ଷେତ୍ରରେ ଥିବା ଲୋକ ଆକାଂକ୍ଷା ଓ ଅପେକ୍ଷାକୁ ଡବଲ ଇଞ୍ଜିନ ସରକାର ସାକାର କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପୁସ୍ତକର ଲେଖକଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜାରାମ ଶତପଥୀ, ବିଶିଷ୍ଟ ଲେଖକ ଅଧାପକ ବିଶ୍ୱରଞ୍ଜନ, ପ୍ରକାଶକ ସୁଭ୍ରାଂଶୁ ପଣ୍ଡା ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ ।



# ଦୁଇ ଗାଡିରୁ ୧୦୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଅବକାରୀ ସଦର ରେଞ୍ଜ ଏସପି ପ୍ରବୀଣ କୁମାରଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ସହର ପ୍ରବେଶ ପଥ ପୃଥକ ସ୍ଥାନରୁ ୧୦୦ କେଜି ଗଞ୍ଜେଇ ଜବତ ହୋଇଛି । ଦୁଇଟି ମାମଲାରେ ଦୁଇଟି ଗାଡି ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ବ୍ରହ୍ମପୁର ସହର ଭିତରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଇନ୍ସପେକଟର ଅର୍ଜୁନ ମଲିକଙ୍କ ନେତୃତ୍ୱରେ ଦୁଇଟି ଟିମ ଗଠନ ହୋଇଥିଲା । ଗୋଟିଏ ଟିମ ଆମ୍ବଗଡରେ ଓ ଅନ୍ୟଟି ଫାଷ୍ଟଗେଟରେ ଯାନବାହନ ଯାଞ୍ଚ କରିଥିଲେ । ଶୁକ୍ରବାର ବଡିଭୋର ୫ଟା' ବେଳେ ‚ରବ୍ରହ୍ମପୁର ସହର ଭିତରକୁ ପ୍ରବେଶ କରୁଥିବା ଏକ ବୋଲେରୋ ଗାଡି (ନଂ ଓଡ଼ି ୦୭-୮୦୨୨) କୁ ଅଟକାଇ ଯାଞ୍ଚ କରିଥିଲେ । ସେଥିରେ ୫୦କେଜି ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ଟିମ ଦୁଇ ଜଣ ଯୁବକଙ୍କୁ କାବୁ କରିଥିଲା । ଅଭିଯୁକ୍ତ ମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର କ୍ରିଷ୍ଣା ବେହେରା(୩୭) ଓ ଏସ. ଅନିଲ କୁମାର ଦୋରା(୨୯) । ସେମାନଙ୍କ ବୟାନ ଅଧାରରେ ଆଗରେ ଯାଉଥିବା ଏକ କାର (ନଂ ଓଡ଼ି ୦୭ ଏଏଲ-୬୧୯୯) କୁ ଅନ୍ୟ ଏକ ଟିମ ଅଟକାଇ ଯାଞ୍ଚ କରିଥିଲା । କାର ଭିତରେ ୫୦ କେଜି ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ଉକ୍ତ ଟିମ କାର ଭିତରେ ଥିବା ସୋରଡାର ଏ. ମୁନା ପାତ୍ର(୩୪) ଓ ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁରର ପ୍ରଦୀପ ଦୋରା (୨୫)ଙ୍କୁ ଗିରଫ କରିଥିଲା । ଜବତ ଗାଡି ଓ ଗଞ୍ଜେଇର ମୂଲ୍ୟ ୩୫ ଲକ୍ଷ ହେବ ବୋଲି ଇନ୍ସପେକଟର ଅର୍ଜୁନ ମଲିକ ସୂଚନା ଦେଇଛନ୍ତି । ଗିରଫ ୪ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର-ଅଣଛାତ୍ର ମୁହାଁମୁହିଁ ଘଟଣା

# ଜଣେ ଛାତ୍ର ଆହତ, ଅଭିଯୁକ୍ତଙ୍କୁ ଗିରଫ ଦାବି କଲେ ବିଧାୟକ ରମେଶ ଜେନା

ବ୍ରହ୍ମପୁର, (ସବ୍ୟୁ): ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର - ଅଣଛାତ୍ର ମୁହାଁମୁହିଁରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ଅଭିଳାଷ ମିଶ୍ର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଗତକାଲି ରାତିରେ ଗୋପାଳପୁର ଥାନାରେ ଆହତ ଛାତ୍ର ଜଣକ ଜୀବନ ପ୍ରତି ବିପଦ ଥିବା ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୯୬/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଗୋପାଳପୁର ଥାନାରେ ଅଭିଯୋଗ ଦେବାକୁ ଯାଇଥିବା ବେଳେ ଥାନାରେ ସେମାନଙ୍କୁ ଏବିଭିପି ଓ ବିଜେପିର କିଛି ଯୁବକ ଧମକ ଚମକ୍ ଦେଇଥିଲେ । ଘଟଣାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ବହୁ ସମର୍ଥକ ମାନେ ଥାନା ଆଗରେ ବିକ୍ଷୋଭ କରିବା ସହ ଧାରଣା ଦେଇଥିଲେ । ଆକ୍ରମଣ କରିଥିବା ଏବଂ ଘଟଣାରେ ସମ୍ପୃକ୍ତ ଥିବା ଅନଛାତ୍ରଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଥିଲେ । ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭରୁ ଓହରି ଥିଲେ । ଘଟଣାକୁ ନଜରରେ ରଖି ୨ ପ୍ଲାଟୁନ ପୁଲିସ ମୁତୟନ



ହୋଇଛନ୍ତି । ଆଜି ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ଼, ଛାତ୍ର ଇଜୁ ଖାଁ ଙ୍କ ନେତୃତ୍ୱରେ ଛାତ୍ର ମାନେ ପ୍ରଶାସନିକ କୋଠା ସମ୍ମୁଖରେ ଭିକ୍ଷୋଭ ପଦର୍ଶନ କରିବା ସହ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦେଶ୍ୟରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ହଷ୍ଟେଲ ଓ୍ୱାଡେନ ପ୍ରମୁଖ ସହ କ୍ୟାମ୍ପାସରେ କଡ଼ା କଡ଼ି ସୁରକ୍ଷା, ଗତକାଲି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁମତି କିଏ ଦେଲା, ବିଶ୍ୱବିଦ୍ୟାଳୟ ପରିସର ଭିତରକୁ ଅଣ ଛାତ୍ର ନିଷେଧ, ଆବଶ୍ୟକ ସ୍ଥାନରେ ସିସି କ୍ୟାମେରା, ଆଲୋକୀ କରଣ ଆଦି ଉପରେ ଆଲୋଚନା କରି ଦାବିପତ୍ର ପ୍ରଦାନ କୁଳାସଚିବଙ୍କୁ ପ୍ରଦାନ କରିଥିଲେ । ଏନେଇ ଆଜି କୁଳପତିଙ୍କ ନିର୍ଦ୍ଦେଶ କ୍ରମେ ଶୃଙ୍ଖଳା କମିଟି ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହ ବୈଠକ ହୋଇଥିଲା । ଘଟଣାର ତଦନ୍ତ କରି ସମ୍ପୃକ୍ତ ଥିବା ଛାତ୍ରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । କ୍ୟାମ୍ପସ ଅଶାନ୍ତକୁ ନଜରରେ ରଖି ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ କଡ଼ା କଡ଼ି ପେଟ୍ରୋଲିଂ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ କହିଛନ୍ତି । ଏନେଇ ଆଜି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯେ ଶିକ୍ଷକ, ଅଣ ଶିକ୍ଷକ, ଛାତ୍ର, ଛାତ୍ରୀ,ଗବେଷକ ମାନେ ପରିଚୟ ପତ୍ର ବାଧ୍ୟତା ମୂଳକ ହୋଇଛି । କେବଳ ନାଲକୋ ଗେଟରେ ହିଁ ଯାତାୟତ କରିବେ । ୫ ଟା ପରେ ଅଣ ପ୍ରବେଶକାରୀଙ୍କୁ ପ୍ରବେଶ ବାରଣ ହୋଇଛି । ଛାତ୍ର ହଷ୍ଟେଲରେ ୪ ଜଣ ସୁରକ୍ଷାକର୍ମୀ ନିୟୋଜିତ ହେବ,ପାଚିରି ନିମନ୍ତେ ରାଜ୍ୟ ସରକାରଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିବେଦନ କରିବେ । ଗଠିତ ୨ଟି କମିଟି ପ୍ରତ୍ୟେକ ଦିନ ହଷ୍ଟେଲ ତଦାରଖ କରିବେ । ଥାନା ସମ୍ମୁଖରେ ବିକ୍ଷୋଭ ବେଳେ ଯେଉଁ ଛାତ୍ରଙ୍କ ସମ୍ପୃକ୍ତ ଆସେ ସେମାନଙ୍କୁ ସବୁ ଦିନ ପାଇଁ ହଷ୍ଟେଲରୁ ବାହାର କରାଦିଆଯିବ ବୋଲି କୁଳପତି ଗୀତାଞ୍ଜଳି ଦାଶ ସୂଚନା ଦେଇଛନ୍ତି ।

## ସାଢେ ତିନି ଲକ୍ଷ ଟଙ୍କାର ବ୍ରାଉନସୁଗାର୍ ଜବତ, ୩ ଗିରଫ

ଭଞ୍ଜନଗର, (ସବ୍ୟୁ): ନୟାଗଡ଼ରୁ ଭଂଜନଗରକୁ ବ୍ୟାପିଲା ବ୍ରାଉନ୍ ସୁଗାର୍ କାରବାର । ଏହି ଘଟଣାରେ ଭଂଜନଗର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୩୧ ଗ୍ରାମ ବ୍ରାଉନସୁଗାର୍ ସହ ନଗଦ ଟଙ୍କା ଓ ୩ ଟି ମୋବାଇଲ ଜବତ ହୋଇଛି । ନୟାଗଡ଼ ଜିଲ୍ଲାରୁ ଭଂଜନଗରକୁ ଏହି କାରବାର ଚାଲିଥିବା ନେଇ ଗିରଫ ଆସାମୀଙ୍କୁ ଜେରା କରିବା ପରେ ଜାଣିବାକୁ ପାଇଥିଲା ପୋଲିସ । ଅଭିଯୁକ୍ତ ମାନଙ୍କ ମଧ୍ୟରୁ, ନୟାଗଡ଼ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ରାକେଶ୍ କୁମାର ବେହେରା, ବ୍ରାଉନସୁଗାର୍ ଧରି ଭଂଜନଗର ଅଞ୍ଚଳର ଦୁଇଜଣ ଯୁବକଙ୍କୁ ଦେବାପାଇଁ ଆଣିଥିବା ସୂଚନା ପାଇଥିଲା ପୋଲିସ । ନିକଟସ୍ଥ ଜାମପଲ୍ଲୀ ଛକରେ ସଂପୃକ୍ତ ୩ ଜଣ ଯୁବକ ସନ୍ଦେହ ଜନକ ଅବସ୍ଥାରେ ଠିଆ ହୋଇଥିବା ବେଳେ, ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ପେଟ୍ରୋଲିଂ କରୁଥିବା ପୋଲିସ୍ ଟିମ୍ ସେମାନଙ୍କୁ ଯାଞ୍ଚ କରି ଏହି ନିଶାଦ୍ରବ୍ୟ ଜବତ କରିଥିଲେ । ଜବତ ବ୍ରାଉନସୁଗାର୍‌ର ଆନୁମାନିକ ମୂଲ୍ୟ ସାଢ଼େ ତିନି ଲକ୍ଷ ଟଙ୍କା ହେବ ବୋଲି, ଭଂଜନଗର ଥାନା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଡଃ. ଦୀପକ୍ କୁମାର ମିଶ୍ର ଏବଂ ଅତିରିକ୍ତ ଏସପି ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି । ଏନେଇ ଭଂଜନଗର ଥାନା କେଶ୍ ନମ୍ବର ୯୬୮/୨୫ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ପୋଲିସ ।

## ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲା

# ଜଣଙ୍କୁ ଆଜୀବନ ଓ ଅନ୍ୟଜଣଙ୍କୁ ୨୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଏସ.କେ ନାଏକ ପୃଥକ ପୃଥକ ମାମଲାରେ ଅଭିଯୁକ୍ତ ବିରାସିଂ ହାଁସଦାଃ(୬୦)ଙ୍କୁ ଆଜୀବନ କାରାଦଣ୍ଡ ଦଣ୍ଡରେ ଦଣ୍ଡିତ କରିଥିବାବେଳେ ସୁକୁରା ସିଂ(୬୦)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇବା ସହ ୧୦ହଜାରଟଙ୍କା ଲେଖାଏଁ ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଲେଖାଏଁ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ୨୦୨୪ ଜୁନ୍ ୧୭ତାରିଖ ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଏକୁଟିଆ ପାଇ ଉକ୍ତ ଅଞ୍ଚଳର ବିରାସିଂ ହାଁସଦାଃ ଶୌଚାଳୟକୁ ନେଇ ଜୋରଜବରଦସ୍ତ ଦୁଷ୍କର୍ମ



ବିରସିଂ ହାଁସଦାଃ



ସୁକୁରା ସିଂ

କରିଥିଲେ। ପରେ ପୀଡିତାଙ୍କ ପରିବାର ପକ୍ଷରୁ ଏନେଇ ବାଦାମପାହାଡ ଥାନାରେ ଅଭିଯୋଗ କ୍ରମେ ୬୪/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶୁକ୍ରବାର ୧୦ଜଣ ସାକ୍ଷୀ ପ୍ରମାଣଙ୍କୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨୦୨୪ ଜାନୁଆରୀ ୧୧ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ଝିନେଇ ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିଙ୍କୁ ଏକଟୁଆ ପାଇ ଉକ୍ତ ଅଞ୍ଚଳର ସୁକୁରା ସିଂ ଏକ ନିଛାଟିଆ ସ୍ଥାନରେ ଥିବା ପୋଖରୀ ନିକଟକୁ ନେଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ପରେ ପୀଡିତାଙ୍କ ପରିବାର ପକ୍ଷରୁ ଏନେଇ ଚାନ୍ଦୁଆ ଥାନାରେ ଅଭିଯୋଗକ୍ରମେ ୪/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶୁକ୍ରବାର ୧୩ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୟୂରଭଞ୍ଜ ଜିଲ୍ଲାରେ ଅଗଷ୍ଟ ୨୭ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ

# ୧୨ଟି ରାଜ୍ୟ ପାଇଁ ହେବ ଅଗ୍ନିବୀର ବାୟୁ ନିଯୁକ୍ତି ରାଲି

ବାରିପଦା, (ସବ୍ୟୁ) : ଭାରତୀୟ ବାୟୁ ସେନା ତରଫରୁ ୯-ଏୟାରମେନ ଚୟନ କେନ୍ଦ୍ର ଭୁବନେଶ୍ୱର, ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଅଗଷ୍ଟ ମାସ ୨୭ତାରିଖ ରୁ ସେପେଟମ୍ବର ୩ତାରିଖ ପର୍ଯ୍ୟନ୍ତ ବାରିପଦାସ୍ଥିତ ଛଉ ପଡିଆ ଠାରେ ବାୟୁସେନାରେ ଅଗ୍ନିବୀର ବାୟୁ ପଦବୀରେ ଯୋଗଦାନ ନିମନ୍ତେ ନିଯୁକ୍ତି ରାଲିରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ । ଏଠାରେ ଉଲ୍ଲେଖ ଯୋଗ୍ୟ କି ଆସନ୍ତା ଅଗଷ୍ଟ ୨୭ତାରିଖ ଠାରୁ ସେପେଟମ୍ବର ୩ତାରିଖ ପର୍ଯ୍ୟନ୍ତ ବାରିପଦା ଛଉପଡିଆ ଠାରେ ଭାରତୀୟ ବାୟୁ ସେନାରେ ଅଗ୍ନିବୀର ବାୟୁ ପଦବୀରେ ପାଇଁ ଉଭୟ ପୁରୁଷ ଓ ମହିଳା ଆଶାୟୀ ପ୍ରାର୍ଥୀଙ୍କ ନିମନ୍ତେ ୩ଟି ପର୍ଯ୍ୟାୟରେ ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଉକ୍ତ ନିଯୁକ୍ତି ରାଲିରେ ଭାରତର ୧୨ଗୋଟି ରାଜ୍ୟ ଯଥା ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମେଘାଳୟ, ମଣିପୁର, ମିଜୋରାମ, ନାଗାଲ୍ୟାଣ୍ଡ, ସିକିମ୍, ପଶ୍ଚିମ ବଙ୍ଗ, ଛତିଶଗଡ ଓ ଝାରଖଣ୍ଡ ସମେତ ଓଡିଶାର ସମସ୍ତ ଜିଲ୍ଲାର ଅବିବାହିତ ପୁରୁଷ ଓ ମହିଳା, ଚୟନ ପାଇଁ ଯୋଗ୍ୟତା ମାନଦଣ୍ଡ ପୁରଣ କରୁଥିବା ଆଶାୟୀ ପ୍ରାର୍ଥୀ ମାନେ ଅଂଶଗ୍ରହଣ କରି ପାରିବେ । ବିଶେଷ ସୂଚନା ଅନୁସାରେ ଏହି ଚୟନ ପ୍ରକ୍ରିୟାରେ ଯୋଗଦାନ ପାଇଁ ପୂର୍ବରୁ ନାମ ପଞ୍ଜିକରଣ କରିବା ଆବଶ୍ୟକ ନାହିଁ । ପ୍ରାର୍ଥୀ ମାନେ ନିର୍ଦ୍ଧାରିତ ସ୍ଥାନରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ନାମ ପଞ୍ଜିକରଣ କରି ପାରିବେ । ପ୍ରାର୍ଥୀ ମାନଙ୍କ ପାଇଁ ଶାରୀରିକ ଫିଟନେସ, ଲିଖିତ ପରୀକ୍ଷା, ଅନୁକୂଳନ କ୍ଷମତା ଓ ମେଡିକାଲ ଆପଏଣ୍ଟମେଣ୍ଟ ହେବ । ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ପ୍ରାର୍ଥୀ ମାନେ ୧ ଜାନୁଆରୀ ୨୦୦୫ ରୁ ୧ ଜୁଲାଇ ୨୦୦୮ ମଧ୍ୟରେ ଜନ୍ମ ଗ୍ରହଣ କରିଥିବେ । (ଯେଉଁ ମାନଙ୍କ ବୟସ ସାଢେ ୧୭ବର୍ଷରୁ ୨୧ ବର୍ଷ ଭିତରେ ହୋଇଥବ) ଯୁକ୍ତ ୨ କଳା ବାଣିଜ୍ୟ, ବିଜ୍ଞାନ, ବା ଯେକୌଣସି ବିଷୟରେ ୨ ସହିତ ସମସ୍ତ ବିଷୟରେ ସାମୁହିକ ସର୍ବନିମ୍ନ ୫୦ ଶତକଡା ଏବଂ ଇଂରାଜୀ ବିଷୟରେ ସର୍ବନିମ୍ନ ୫୦ ଶତକଡା ନମ୍ବର ରଖିଥିବା ଆବଶ୍ୟକ । ୨ବର୍ଷର ଭକେଶନାଲ ପାଠ୍ୟକ୍ରମ/ଆଇ ଟି ଆଇ/୩ ବର୍ଷର ଡିପ୍ଲୋମା ସମସ୍ତ ବିଷୟରେ ସାମୁହିକ ସର୍ବନିମ୍ନ ୫୦ଶତକଡା ଏବଂ ଇଂରାଜୀରେ ସର୍ବନିମ୍ନ ୫୦ ଶତକଡା ନମ୍ବର ଥିବା ଦରକାର । ଯଦି ଏହି ସବୁ ପାଠ୍ୟକ୍ରମ ରେ ଇଂରାଜୀ ବିଷୟ ନଥିବ, ମ୍ୟାଟ୍ରିକ ରେ ଇଂରାଜୀ ରେ ସର୍ବନିମ୍ନ ୫୦ ଶତକଡା ନମ୍ବର ଥିବା ଦରକାର । ଶାରୀରିକ ଗଠନ ଯୋଗ୍ୟତା ଅନୁସାରେ ପୁରୁଷ ଓ ମହିଳା ଉଭୟ ପ୍ରାର୍ଥୀଙ୍କ ପାଇଁ ସର୍ବନିମ୍ନ ଉଚ୍ଚତା ୧୫୨ ସେଣ୍ଟିମିଟର ହୋଇଥିବ ଏବଂ ଓଜନ (ଉଚ୍ଚତା ଓ ବୟସ) ଅନୁପାତରେ ହୋଇଥିବା ଆବଶ୍ୟକ, ସେହିପରି ବକ୍ଷ ଚଉଡାଇ ପୁରୁଷଙ୍କ ପାଇଁ ନ୍ୟୁନତମ ୭୭ସେ.ମି. ହେବା ଉଚିତ ଏବଂ ବିସ୍ତାର ୫ସେମି ହେବା ଆବଶ୍ୟକ ଏବଂ ମହିଳା ପ୍ରାର୍ଥୀଙ୍କ ପାଇଁ ବକ୍ଷ ବିସ୍ତାର ଅନିବାର୍ୟ ଭାବେ ୫ ସେମି ହେବା ଆବଶ୍ୟକ । ଏହି ସବୁ ଇତ୍ୟାଦି ଭିତ୍ତିରେ ନିଯୁକ୍ତି ପାଇଁ ଅଂଶଗ୍ରହଣ କରି ପାରିବେ । ଅଂଶଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ମାନେ ସାଙ୍ଗରେ ମ୍ୟାଟ୍ରିକୁଲେସନ,୨/ଇଣ୍ଟର ମେଡ଼ିଏଟ /ଡିପ୍ଲୋମା/ବୃତ୍ତି ମୂଳକ ପାଠ୍ୟ କ୍ରମର ଅସଲି ମାର୍କସିଟ ଓ ପାସ ସାର୍ଟିଫିକେଟ ସହିତ ଏକ କିତା ନକଲ ମାର୍କ ସିଟ ଓ ପାସ ସାର୍ଟିଫିକେଟ, ଏନସିସିଇ, ସାର୍ଟିଫିକେଟ, ବାୟୁସେନାଙ୍କ ସନ୍ତାନ ନିମିତ୍ତ ପ୍ରମାଣ ପତ୍ର, ଆଧାର କାର୍ଡ, ବାସିନ୍ଦା ସାର୍ଟିଫିକେଟ, ଜାତିଗତ ପ୍ରମାଣ ପତ୍ର, ବର୍ତ୍ତମାନର ପାସପୋର୍ଟ ସାଇଜର କଳର ଫୋଟୋ ୨୦ଟି କପି ଆଣିବା ଆବଶ୍ୟକ । ପ୍ରାର୍ଥୀ ମାନେ ନିର୍ଧାରିତ ପ୍ରକ୍ରିୟାରେ ଅଂଶଗ୍ରହଣ କରି କୃତ କାର୍ଯ୍ୟ ହେଲେ ଅଗ୍ନିବୀର ବାୟୁ ପଦବୀ ରେ ଯୋଗଦାନ କରିପାରିବେ । ଆଗ୍ରହୀ ପ୍ରାର୍ଥୀ ମାନେ ଏହି ନିଯୁକ୍ତି ରାଲି ରେ ଯୋଗ ଦେଇ ଏହାର ସୁଯୋଗ ନେବାକୁ ଜିଲ୍ଲାପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି । ଏ

## ରାସ୍ତା ଜମିକୁ ନେଇ ଯୁବକଙ୍କୁ ଆକ୍ରମଣ, ୫ ଗିରଫ

ବ୍ରହ୍ମପୁର, (ସବ୍ୟୁ): ରାସ୍ତା ଜାମକୁ କେନ୍ଦ୍ରକରି ଦୁଇ ଯୁବ ଗୋଷ୍ଠି ମୁହାଁମୁହିଁ ହେବା ସହ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ବୈଦ୍ୟନାଥପୁର ପୋଲିସ ୫ଜଣ ଯୁବକଙ୍କୁ ବାନ୍ଧିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଆଙ୍କୁଲିର ଦେବାଶିଷ ମିଶ୍ର(୩୩) , ବି- ଟେକ ଛାତ୍ର ଶ୍ରୀରାମନଗର ରିଙ୍କୁ ଓରଫ ଲିଙ୍ଗରାଜ ସାମଲ (୨୩), ଆକାଶ ପାଣିଗ୍ରାହୀ(୨୮), ମହେଶ ରାଉତ(୨୧) ଓ ବାଙ୍ଗରା ଓରଫ ଅଶୋକ ବେହେରା(୧୯) । ପୋଲିସ ଏକ କାର ନଂ (ଓଡ଼ି ୦୨ ବି କିୟୁ ୯୬୨୨) ଜବତ କରିଛି । ଉକ୍ତ ଗାଡିର ମାଲିକ ଦେବାଶିଷ ବୋଲି ପୋଲିସ କହିଛି । ସେମାନଙ୍କୁ ମାମଲା ନଂ ୪୧୯/୨୫ ରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଆଙ୍କୁଲି ଶିଳ୍ପାଞ୍ଚଳର ପ୍ରୀତମଚାନ୍ଦ ତ୍ରିପାଠୀ ଓ ତାଙ୍କ ସାଙ୍ଗ ଉତ୍ତମ ମହାନ୍ତି ଜାତୀୟ ରାଜପଥରୁ ଲାଞ୍ଜିପଲିପଟକୁ ଆସୁଥିଲେ । ସେହି ସମୟରେ ବିପରୀତପଟୁ ଏକ ଗାଡି ସ୍ପୀଡ଼ରେ ଯାଉଥିବା ବେଳେ ସେମାନେ ଉକ୍ତ ଗାଡିଟିକୁ ଅଟକାଇ ପଚରା ଉଚରା କରିଥିଲେ । ଯାହାକୁ ନେଇ ସେଠାରେ କିଛି ସମୟ ପାଇଁ ରାସ୍ତା ଜାମ ହୋଇଥିଲା । ସେହିପରି ଜାତୀୟ ରାଜପଥକୁ ଯାଉଥିବା ଅନ୍ୟ ଏକ କାର ଭିତରେ ବସିଥିବା ଯୁବକ ମାନେ ଗାଡି ଭିତରୁ ବାହରିଆସି ପ୍ରୀତମଚାନ୍ଦଙ୍କୁ ରାସ୍ତା ଜାମ କାହିଁକି କରୁଛ ବୋଲି ପଚାରିଥିଲେ । ଯାହାକୁ ନେଇ ଉଭୟ ଯୁବଗୋଷ୍ଠି ମଧ୍ୟରେ ଝଗଡା ହୋଇଥିଲା । ଦେବାଶିଷ ମିଶ୍ର ଓ ତାଙ୍କ ସହଯୋଗୀ ମାନେ ପ୍ରୀତମଚାନ୍ଦଙ୍କୁ ଆକ୍ରମଣ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଶୁକ୍ରବାର କାବୁ କରିଥିଲା ବୋଲି କହିଛି ।

# ଗୌରୀ ଦାସଙ୍କ ସ୍ମୃତି ଚାରଣ ସଭା

ବିଞ୍ଝାରପୁର, (ସବ୍ୟୁ): ଯାଜପୁର ଜିଲ୍ଲା ଅନ୍ତର୍ଗତ ବିଞ୍ଝାରପୁର ବ୍ଲକର ରଣପୁର ଗ୍ରାମର ସ୍ୱର୍ଗତ ଧରଣୀଧର ଦାସଙ୍କ ପନୀ ଗୌରୀ ଦାସଙ୍କ ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଚାରି ପୁଅ ପ୍ରଦୀପ, ଦିଲ୍ଲୀପ, ସନ୍ତୋଷ, ସୁଶାନ୍ତ, ଚାରି ବୋହୁ ସବିତା, ଲିଲ୍ଲୀରାଣୀ, ଭାନୁମତୀ, ମମତାଙ୍କ ସମେତ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ପ୍ରଦୀପ ଦାସ ମୁଖାଗ୍ନି ଦେଇଥିଲେ । ଗୁରୁବାର ଏକାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତାଃ ଦାସଙ୍କ ରଣପୁର ସ୍ଥିତ ବାସଭବନରେ ଯୋଗଦେଇ ତାଙ୍କ ଫଟୋ ଚିତ୍ରରେ



ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ । ବିଜେପି ନେତା ବିଜୟ ଦାଶ, ପୂର୍ବତନ ସରପଞ୍ଚ ବିରଞ୍ଚି ପରିଡା, ନିମାଇଁ ସ୍ୱାଇଁ, ସଚ୍ଚିଦାନନ୍ଦ ମିଶ୍ର, ଚିତ୍ତରଞ୍ଜନ ନାୟକ, ଆଡ଼ଭୋକେଟ ପୂର୍ଣ୍ଣଚନ୍ଦ୍ର ମହାରଣା, ସାମ୍ବାଦିକ ସମୀର କର, ସାମ୍ବାଦିକ ବିଶ୍ୱଜିତ ନାୟକ, ପ୍ରାକ୍ତନ ଯନ୍ତ୍ରୀ ଶୈଳେନ୍ଦ୍ର ଭୋଳ, ପ୍ରଭାକର ମଲ୍ଲିକ, ସରୋଜ ରାଉତ, ଦେବଦତ୍ତ ରାଉତ, ମାଗୁଣୀ ଦାସ, ନିତ୍ୟାନନ୍ଦ ଫାରେକ ପ୍ରମୁଖ ସ୍ୱର୍ଗତାଃ ଦାସଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନମାଳୀ ଦାସ, ଭାରତୀ ଦାସ, ରାଜେନ୍ଦ୍ର ଦାସ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।

## ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ଓ ଆକ୍ରମଣ: ଛାତ୍ର ବିଜେଡିର ଦାବିପତ୍ର

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ପରିସରକୁ ଅଣଛାତ୍ର ପ୍ରବେଶ ଏବଂ ଛାତ୍ର ମାନଙ୍କୁ ମାରଣାତ୍ମକ ଆକ୍ରମଣ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ଆଜି ସନ୍ଧ୍ୟାରେ ବ୍ରହ୍ମପୁର ଏସପି ଡ ସର୍ବଣ ବିବେକ ଏମ ବିଜୁ ଜୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରଦାନ କରାଯାଇଥିଲା । ଗତକାଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭିତରେ ଗୋଟିଏ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଗୁଣ୍ଡା ଶ୍ରେଣୀର ଅଣ ଛାତ୍ରମାନେ ବିଶ୍ୱବିଦ୍ୟାଳୟ ଭିତରକୁ ପ୍ରବେଶ କରି ରାଜ ନୈତିକ ଉଦ୍ଦେଶ୍ୟ ରଖି ଏବଂ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଥିଲେ । ଏହାକୁ ବିଶ୍ୱ ବିଦ୍ୟାଳୟର ଛାତ୍ରମାନେ ବିରୋଧ କରିଥିଲେ, ଏଥିରେ ଅଣଛାତ୍ର ମାନେ ଛାତ୍ରମାନଙ୍କୁ ଧମକ ଦେଇ ମରଣାତ୍ମକ ଆକ୍ରମଣ କରି ଥିଲେ । ଏଣୁ ବିଶ୍ୱ ବିଦ୍ୟାଳୟ ଗୁଡ଼ିକରେ ଛାତ୍ର ଛାତ୍ରୀ ମାନଙ୍କର ସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ସକାଶେ ବିଜୁଛାତ୍ର ଜନତା ଦଳପକ୍ଷରୁ ଗତ କାଲିର ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ବିଶ୍ୱବିଦ୍ୟାଳୟ ଫାଟକରେ କଡ଼ା ପୋଲିସ ପ୍ରହରା ବ୍ୟବସ୍ଥା, ସନ୍ଧ୍ୟା ୬ଟା ପରେ ବାହାର ଲୋକଙ୍କୁ ପ୍ରବେଶକୁ ସମ୍ପୂର୍ଣ ବନ୍ଦ ଓ ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି । ଏହି ଦାବି ପତ୍ର ପ୍ରଦାନ ବେଳେ ଗଞ୍ଜାମ ଜୋନ ବିଜୁ ଛାତ୍ରଜନତା ଦଳର ସଭାପତି ଜ୍ୟୋତିରଞ୍ଜନ ସାହୁ ଗଞ୍ଜାମ ଜିଲ୍ଲା ଯୁବ ସଭାପତି ଭବାନୀ ଶଙ୍କର ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଏସ ପିଙ୍କ ସହ ଆଲୋଚନା କରିବା ସହ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ଘଟିଥିବା ଛାତ୍ର ଅଶାନ୍ତି ବିଷୟରେ ମଧ୍ୟ ଆଲୋଚନା କରିଥିଲେ ।

## ବିଶ୍ୱବିଦ୍ୟାଳୟରେ ଶସ୍ତା ରାଜନୀତି କରାନଯାଉ : ବିଜେପି


ବ୍ରହ୍ମପୁର,( ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସ ଚାଲିଥିବା ସମୟରେ ପାଖାପାଖି ୨୦୦ କୋଟି ଟଙ୍କାର ଅନୁଦାନ ଦେଇ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ବିକାଶ ଦିଗରେ କାର୍ଯ୍ୟରତ ଥିବାବେଳେ କଂଗ୍ରେସ ବିଧାୟକ ରମେଶ ଜେନା ଅଣଛାତ୍ରମାନଙ୍କୁ ନେଇ ବିଶୃଙ୍ଖଳିତ ବାତାବରଣ ତିଆରି କରିବା ପ୍ରୟାସକୁ ବିଜେପି ପକ୍ଷରୁ ହିଲପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ନିନ୍ଦା କରାଯାଇଛି । ଗତକାଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଘଟିଥିବା ଛାତ୍ର ଅଶାନ୍ତି ପରିପ୍ରେକ୍ଷୀରେ ସାନଖେମୁଣ୍ଡିର ବିଧାୟକ ରମେଶ ଚନ୍ଦ୍ର ଜେନା ସେଠାରେ ପହଞ୍ଚି ଯେଉଁପରି ଭାବରେ ରାଜ୍ୟ ସରକାର ଓ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବିରୁଦ୍ଧରେ ଅରୁଚିକର ମନ୍ତବ୍ୟ ଦେଲେ ଗଞ୍ଜାମ ଜିଲ୍ଲା ବିଜେପି ତରଫରୁ ତାକୁ ଦୃଢ଼ ନିନ୍ଦା କରାଯାଇଛି । ଛାତ୍ରମାନଙ୍କ ମଧ୍ୟରେ କୌଣସି କାରଣରୁ ହୋଇଥିବା ବିବାଦର ସମାଧାନ କରିବାକୁ ଉଦ୍ୟମ କରିବା ଜଣେ ଦାୟିତ୍ୱ ସମ୍ପର୍ଣ୍ଣ ନେତାଙ୍କ କାର୍ଯ୍ୟ କିନ୍ତୁ ବିଧାୟକ ରମେଶ ଜେନା ତାହା ନକରି ଗୋପାଳପୁର ବେଳାଭୂମି ଗଣ ଦୁଷ୍କର୍ମ ଘଟଣାରେ ନଅ ଲକ୍ଷ ଟଙ୍କା କାରବାର ହୋଇଛି ଓ ଖଣି, ବାଲି, ମୋରମ ଚୋରୀ ହେଉଥିବା କଥା ଅଭିଯୋଗ କରିଛନ୍ତି ଯାହାକି ଶସ୍ତା ରାଜନୀତିକୁ ପରିପ୍ରକାଶ କରୁଛି । ମୋହନ ମାଝୀଙ୍କ ସରକାରରେ ଅପରାଧି କେତେ ଶକ୍ତିଶାଳୀ ହେଉନା କାହିଁକି ଆଇନ୍ ହାତରୁ ଖସି ଯାଇପାରିବ ନାହିଁ । ଗୋପାଳପୁର ଦୁଷ୍କର୍ମ ଘଟଣାରେ ଚବିଶି ଘଣ୍ଟା ମଧ୍ୟରେ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଛି । ୪୫ ଦିନ ମଧ୍ୟରେ କୋର୍ଟରେ କ୍ରାଇମ ବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିଛି । ବିଧାୟକ ରମେଶ ଜେନାଙ୍କ ପାଖରେ ଯଦି ଟଙ୍କା କାରବାରର କୌଣସି ପ୍ରମାଣ ଅଛି ତେବେ ସେ ତାକୁ ପୁଲିସରେ କାହିଁକି ଅଭିଯୋଗ କରୁନାହାଁନ୍ତି ବୋଲି ଜିଲ୍ଲା ବିଜେପି ପକ୍ଷରୁ ପ୍ରଶ୍ନ କରାଯାଇଛି । ଜିଲ୍ଲାରେ ଚୋରା ବାଲି, ମଦ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତି ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ସରକାର କାହାକୁ ଛାଡିବେ ନାହିଁ, ଏଣୁ ଶସ୍ତା ଲୋକପ୍ରିୟତା ପାଇଁ ବିଧାୟକ ରମେଶ ଜେନା ଲୋକଙ୍କୁ ବିଭ୍ରାନ୍ତ କରିବା ବନ୍ଦ କରନ୍ତୁ ବୋଲି ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ବରିଷ୍ଠ ନେତା ସୁନିଲ କୁମାର ସାହୁ, ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ପ୍ରମୁଖ ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ଚୋରଙ୍କ ଠାରୁ ଉଦ୍ଧାର ଅଳଙ୍କାର ଓ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ

ବ୍ରହ୍ମପୁର, (ସବ୍ୟୁ): ଦିଗପହଣ୍ଡି ପୋଲିସକୁ ୫ ଜଣିଆ ଚୋର ଗ୍ୟାଙ୍ଗକୁ କାବୁ କରି ୨୫୦ ଗ୍ରାମ ସୁନା ଓ ଦେଢ଼ ଲକ୍ଷ ଟଙ୍କା ଜବତ କରିଥିଲା । ଉଦ୍ଧାର ହୋଇଥିବା ଉପରୋକ୍ତ ଅଳଙ୍କାର ଓ ଟଙ୍କା ଅଭିଯୋଗକାରୀଙ୍କୁ ଶୁକ୍ରବାର ଫେରସ୍ତ କଲା ପୋଲିସ । ଗତ କିଛି ମାସ ହେଲା ବ୍ରହ୍ମପୁର ପୁଲିସ ଜିଲ୍ଲାର ଚିକିଟି ଅଞ୍ଚଳରେ ଚୋରି ବୃଦ୍ଧି ପାଇଥିଲା । ଚୋରଙ୍କ ଟାର୍ଗେଟରେ ବିଭିନ୍ନ ଘରୁ ଚୋରି ହେଉଥିଲା ସୁନା ଅଳଙ୍କାର ଓ ଟଙ୍କା । ଏନେଇ କେ. ନୂଆଗାଁ ଓ ଦିଗପହଣ୍ଡି ଥାନାରେ ବିଭିନ୍ନ ଚୋରି ମାମଲା ରୁଜୁ ହୋଇଥିଲା । ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ କରିଥିଲା । ପାଞ୍ଚ ଜଣିଆ ଚୋର ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହୋଇଥିବା ବେଳେ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଛି । ଅଭିଯୋଗକାରୀ ମାନଙ୍କୁ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ନିଜେ ଏସପି ଡ଼ା ସର୍ବଣା ବିବେକ ଏମ ସେମାନଙ୍କର ସୁନା ଅଳଙ୍କାର ଓ ଟଙ୍କା ଫେରସ୍ତ କରିଥିଲେ ।

## ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା: ମୟୂରଭଞ୍ଜକୁ ୨ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ

ବାରିପଦା, (ସବ୍ୟୁ) : ଭାରତୀୟ ଶକ୍ତିଉତ୍ତୋଳନ ସଙ୍ଘ ଆନୁକୂଲ୍ୟରେ ଝାରଖଣ୍ଡର ଜାମଶେଦପୁର ଠାରେ ଅନୁଷ୍ଠିତ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଦଳର ୩ଜଣ ଖେଳାଳି ୪ଟି ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ଚଳିତ ମାସ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସତ୍ୟବାନ ଜେନା ୯୩ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣ, ବିକ୍ରମ ବେହେରା ୮୩ କି ଗ୍ରା. ବର୍ଗରେ ସ୍ୱର୍ଣ୍ଣ ଓ ବେଞ୍ଚ ପ୍ରେସରେ ବ୍ରୋଞ୍ଜ, ଶୁଭଙ୍କରୀ ସ୍ୱଦେଶନା ଦାଶ ମହିଳା ବର୍ଗ ୬୩ କି.ଗ୍ରା ବେଞ୍ଚ ପ୍ରେସ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ପପୁ ବିଶ୍ୱାଳ ଓ ମୋନାଲିଶା ପତ୍ର ଯଥା କ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଶୁଭଙ୍କରୀ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକଟର ଭାବେ କାର୍ଯ୍ୟରତ ଓ ବ୍ୟସ୍ତତମ କର୍ମମୟ ଜୀବନ ଭିତରୁ ସମୟ ବାହାର କରି ନିଜର ଦୃଢ ଇଚ୍ଛାଶକ୍ତି ବଳରେ ଜଣେ ସଫଳ କ୍ରୀଡ଼ାବିତ ଭାବେ ବେଶ



ସୁନାମ ଅର୍ଜନ କରିପାରିଛନ୍ତି। ଖବରପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଓ ସମସ୍ତ ସହକାରୀବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ପୂର୍ବରୁ ମଧ୍ୟ ରାଉରକେଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିସାରିଛନ୍ତି। ଏହି ସଫଳତା ପାଇଁ ସେ ନିଜ କୋଚ ବିକ୍ରମ ବେହେରାଙ୍କୁ ସମସ୍ତ ଶ୍ରେୟ ଦେବା ସହ ନିଜ ପରିବାରବର୍ଗଙ୍କ ସମେତ ସମସ୍ତ ସହକାରୀ କର୍ମଚାରୀଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଏନଏସି ଘୋଷଣା ଦାବିରେ ବୋରିଗୁମ୍ମା ନାଗରିକ ମଞ୍ଚର
# ୧୨ ଘଣ୍ଟିଆ ବନ୍ଦ, କଂଗ୍ରେସ ଓ ବିଜେଡିର ସମର୍ଥନ




ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଘୋଷଣା ଦାବୀରେ ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଶୁକ୍ରବାର ସକାଳ ୬ ଟା ଠାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ବୋରିଗୁମ୍ମା ବନ୍ଦ କୁ କଂଗ୍ରେସ ଓ ବିଜେଡି ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି। ରାଜ୍ୟର ଏକ ବୃହତ ବ୍ଲକ ଭାବେ ବୋରିଗୁମ୍ମା ପରିଚିତ। ବିଭିନ୍ନ ଦୃଷ୍ଟି କୋଣରୁ ବୋରିଗୁମ୍ମା ଏନଏସି ପାଇଁ ସମସ୍ତ ମାପ ଦଣ୍ଡ ଥାଇ ସୁଦ୍ଧା ଏପର୍ଯ୍ୟନ୍ତ ବୋରିଗୁମ୍ମା ଏନଏସି ଘୋଷଣା ହୋଇପାରି ନାହିଁ।

ଗତ ସରକାର ସମୟରେ ବୋରିଗୁମ୍ମା ଏନଏସି ଘୋଷଣା ଏକ ପ୍ରହେଳିକା ରହିଥିବା ବେଳେ ବର୍ତ୍ତମାନ ମୋହନ ସରକାର ଗତ କିଛି ଦିନ ତଳେ ସାତ ଜିଲ୍ଲାର ୧୨ ଟି ଅଞ୍ଚଳକୁ ଏନଏସି ଘୋଷଣା କରିଥିଲେ। କିନ୍ତୁ ବୋରିଗୁମ୍ମା ସହର ର ନାଁ ନ ଥିଲା। ଫଳରେ ରାଜନୈତିକ ସ୍ତରରେ ହେଉ ଅବା ପ୍ରଶାସନିକ ସ୍ତରରେ ବୋରିଗୁମ୍ମା ସହରକୁ ଏନଏସି ଘୋଷଣା ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି। ଏହାର ଦୃଢ଼ ପ୍ରତିବାଦ କରି ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବୋରିଗୁମ୍ମା ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଥିବା ବେଳେ ବୋରିଗୁମ୍ମା ବିଭିନ୍ନ ସଙ୍ଗଠନ ଯଥା ବଣିକ ସଂଘ, ବାର ଏସୋସିଆସନ, ବୋରିଗୁମ୍ମା ପ୍ରେସ କ୍ଲବ,ଟ୍ରକ ମାଲିକ ସଂଘ, ବିଭିନ୍ନ ମନ୍ଦିର ପରିଚାଳନା କମିଟି,ନୀଳମାଧବ ଡ୍ରାଇଭର ସଂଘ, ଓଡିଶା ଡ୍ରାଇଭର ମହାସଂଘ, ମିସ୍ତ୍ରୀ ସଂଘ ଭଳି ଅନେକ ସଙ୍ଗଠନ ବୋରିଗୁମ୍ମା ବନ୍ଦ ଡାକରାକୁ ସମର୍ଥନ ଦେଇଥିଲେ। ତେବେ ବୋରିଗୁମ୍ମା ବନ୍ଦ ଡାକରା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ବୋରିଗୁମ୍ମା ଏନଏସି ପ୍ରସଙ୍ଗ ନେଇ ବିଭିନ୍ନ ମନ୍ତବ୍ୟ ରଖିଥିଲେ। କିନ୍ତୁ କାହା ମନ୍ତବ୍ୟ କାହା ସହିତ ତାଳମେଳ ଖାଉ ନାହିଁ। ଫଳରେ ସବୁ କିଛି ଥାଇ ଏପର୍ଯ୍ୟନ୍ତ ବୋରିଗୁମ୍ମା ଏନଏସି ଘୋଷଣା ହୋଇପାରୁ ନାହିଁ। ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ବୋଇନା ସତୀଶ କୁମାର ଓ ଏସଡ଼ିପିଓ ସତ୍ୟବ୍ରତ ଲେଙ୍କାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଜୈବିକ ଚାଉଳରେ ପ୍ରସ୍ତୁତ ହେବ ସମଲେଶ୍ୱରୀଙ୍କ ନିତ୍ୟଭୋଗ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପ୍ରତି ଭକ୍ତମାନଙ୍କ ଅଖଣ୍ଡ ଆସ୍ଥା ଓ ବିଶ୍ୱାସ ରହିଛି । ତେଣୁ ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ । ଦୂରଦୂରାନ୍ତରୁ ଭକ୍ତମାନେ ମାଁଙ୍କ ଦର୍ଶନ ପାଇଁ ଧାଇଁ ଆସୁଥିବା ବେଳେ ସେମାନଙ୍କ ପାଇଁ ପୀଠରେ ଅନ୍ନଭୋଗର ବ୍ୟବସ୍ଥା ରହିଛି । ସମଲେଶ୍ୱରୀ ମନ୍ଦିରରେ ଦୈନିକ ପ୍ରାୟ ୪୦୦ଲୋକଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଉଛି । ଏଥିପାଇଁ ଦୈନିକ ୬୦କିଗ୍ରା ଚାଉଳର ଆବଶ୍ୟକତା ରହିଛି । ମାଁଙ୍କ ଅନ୍ନଭୋଗରେ ଭାତ, ଡାଲି, ଘାଣ୍ଟ ତରକାରୀ, ଆମ୍ବିଳ, ପାମ୍ପଡ ଓ କ୍ଷୀରି ଆଦି ବ୍ୟବସ୍ଥା ରହିଛି । ଏଥିପାଇଁ ଗୋଟିଏ ପ୍ୟାକେଟ୍ ଭୋଗର ଦାମ ମାତ୍ର ୧୦୦ଟଙ୍କା ରହିଛି । ସମଲେଇ ପ୍ରକଳ୍ପ ପରେ ମାଁଙ୍କ ପୀଠକୁ ଶ୍ରଦ୍ଧାଳୁଙ୍କ ଭିଡ ପୂର୍ବାପେକ୍ଷା ବୃଦ୍ଧି ପାଇଛି ।

ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଠାରେ ପ୍ରତ୍ୟହ ଅନ୍ନଭୋଗ ହୋଇଥାଏ । ମଧ୍ୟାହ୍ନ ୧୨ଟା ଓ ରାତି ୯ଟାରେ ମାଁଙ୍କ ଠାରେ ଅନ୍ନଭୋଗ ଲାଗିଥାଏ । ଏଥିପାଇଁ ଏକ ଭୋଗ ଘରେ ମାଁଙ୍କ ନିତ୍ୟଭୋଗ ପାଇଁ ଅନ୍ନ ପ୍ରସ୍ତୁତ ହୁଏ । ମାଁଙ୍କୁ ଏହା ଅର୍ପଣ କରିବା ପରେ ଭକ୍ତଙ୍କ ପାଇଁ ପ୍ରସ୍ତୁତ ଭୋଗରେ ମିଶ୍ରଣ କରାଯାଇଥାଏ । ଏହାକୁ ଦୃଷ୍ଟିରେ ରଖି ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିତ୍ୟଭୋଗରେ



ସ୍ୱତନ୍ତ୍ର ଚାଉଳ ବ୍ୟବହାର କରାଯିବାକୁ ନିଷ୍ପତି ନିଆଯାଇଛି । ବରଗଡ ଜିଲ୍ଲା ପଦମପୁର ଠାରୁ ଏହି ଜୈବିକ ଚାଉଳ ଅଣାଯିବ । ଏଥିପାଇଁ ଟ୍ରଷ୍ଟ ବୋର୍ଡ ଓ ଚାଷୀଙ୍କ ମଧ୍ୟରେ ଚୁକ୍ତି କରାଯାଇଛି । ଆସନ୍ତା ନଭେମ୍ବର ଓ ଡିସେମ୍ବର ମାସ ଠାରୁ ଏହି ଚାଉଳ ମନ୍ଦିରରେ ବ୍ୟବହାର କରାଯିବ । ଏହା ମାଁ ସମଲେଶ୍ୱରୀଙ୍କ ଠାରେ ନିତ୍ୟଭୋଗ ଲାଗିବା ସହ ଭକ୍ତଙ୍କ ପାଇଁ ଅନ୍ନଭୋଗ ପ୍ରସ୍ତୁତରେ ଉପଯୋଗ ହେବ ।

ବରଗଡ ଜିଲ୍ଲା ପଦମପୁର ଅଞ୍ଚଳର ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳ ସ୍ୱାଦିଷ୍ଟ ଓ ଉତ୍କୃଷ୍ଟ ମାନର ଅଟେ । ଜଳସେଚନର ସୁବିଧା ନଥିବାରୁ ଏହି ଅଞ୍ଚଳରେ କେବଳ ଖରିଫ ଋତୁରେ ଧାନଚାଷ ହୋଇଥାଏ । ତେଣୁ ଏହି ଅଞ୍ଚଳରେ ମାଟିର ଉର୍ବରତା ଅପେକ୍ଷାକୃତ ଅଧିକ ରହିଥାଏ । ଧାନ ଚାଷରେ କମ୍ ସାର ଓ କୀଟନାଶକ ପ୍ରୟୋଗ ହୋଇଥାଏ । ଏହାକୁ ନଜରରେ ରଖି ପଦମପୁର ଅଞ୍ଚଳର ୫ଜଣ ଚାଷୀଙ୍କ ସହ ଟ୍ରଷ୍ଟବୋର୍ଡ କଥାବାର୍ତ୍ତା କରିବା ସହ ଏନେଇ ଚୁକ୍ତି କରିଛି । ଚଳିତବର୍ଷ ଏହି ଚାଷୀ ମାନେ ପ୍ରାୟ ୫ଏକର ଚାଷ ଜମିରେ ୫ପ୍ରକାରର ଧାନ ଚାଷ କରିଛନ୍ତି । ଏହା ଅମଳ ହେବା ପରେ ଏଥିରୁ ପ୍ରସ୍ତୁତ ଚାଉଳ ମାଁ ସମଲେଶ୍ୱରୀଙ୍କ ପାଇଁ ଆସିବ । ତେବେ ଏହାର ବ୍ୟବହାର ପରେ ଲୋକଙ୍କ ଆଦୃତି ଓ ପ୍ରତିକ୍ରିୟାକୁ ନଜରରେ ରଖି ଅଧିକ ପରିମାଣର ଚାଉଳ ବରାଦ କରାଯିବ ବୋଲି ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି ।

# ନାବାଳିକା ଅସଦାଚରଣ ମାମଲାରେ ଦୋଷୀଙ୍କୁ କାରାଦଣ୍ଡାଦେଶ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତ ଦ୍ୱୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ଅଭିଯୋଗରେ ରେଢାଖୋଲ ଥାନା ଅଞ୍ଚଳର ସୁଦାମ ସେଠ(୨୫)ଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ମାସ ଦଣ୍ଡାଦେଶ ରହିଛି । ସେହିପରି ଅନ୍ୟ ଏକ ଅଭିଯୁକ୍ତ ଟିକିନା ସେଠୀ(୨୨)ଙ୍କୁ ୬ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି । ଏହି ଅର୍ଥ ଅନାଦେୟ ଦେଲେ ଅଧିକ ୧ମାସ ଜେଲ ଦଣ୍ଡାଦେଶ ରହିଛି । ସୂଚନାଯୋଗ୍ୟ, ରେଢାଖୋଲ ଥାନା ଅଞ୍ଚଳର ଜଣେ ୧୨ବର୍ଷିୟା ନାବାଳିକା ଗତ ୧୭ଅକ୍ଟୋବର, ୨୦୧୯ ସଂନ୍ଧ୍ୟାରେ ଗାଁ ମୁଣ୍ଡରେ ହେଉଥିବା ଜହ୍ନିଓଷା ଦେଖିବାକୁ ଯାଇଥିଲା । ସେ ଏକାକୀ ଯାଉଥିବା ବେଳେ ଅଭିଯୁକ୍ତ ମାନେ ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ । ଏପରିକି ତାକୁ ଧକ୍କା ମଧ୍ୟ ମାରିଥିଲେ । ନାବାଳିକା ଜଣକ ପାଟି କରିବାକୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଏନେଇ ପୀଡିତା ନାବାଳିକା ଜଣକ ନିଜ ପରିବାର ଲୋକଙ୍କୁ ଏସମ୍ପର୍କରେ ଜଣାଇଥିଲେ । ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା । ତଦନ୍ତକାରୀ ଅଧିକାରୀ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୋଟ ୧୨ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ

ସୋନପୁର,(ସବ୍ୟୁ) : ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମନୋନୀତ/ ନିର୍ବାଚିତ କର୍ମକର୍ତ୍ତାମାନେ ଆସନ୍ତା ୪ ବର୍ଷ ପାଇଁ କାର୍ଯ୍ୟ କରିବେ । ପ୍ରଥମେ ମହାସଂଘ ପରିଚାଳନା ପାଇଁ ଏକ ୩୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି । କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ପୂର୍ବତନ ସଭାପତି ଶ୍ରୀଧର ବେହେରାଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି । ସଞ୍ଜୟ କୁମାର ମେହେର, କିଶୋର ଚନ୍ଦ୍ର ଦାସ, ନିତ୍ୟାନନ୍ଦ ମେହେର, ଶ୍ରୀକାନ୍ତ କୁମାର ନାୟକ, ଅନୀଲ କୁମାର ମହାପାତ୍ର ଉପସଭାପତି ଭାବେ ନିର୍ବାଚିତ ହେବା ସହିତ ସାଧାରଣ ସମ୍ପାଦକ ବିଜୟ କୁମାର ମେହେର, ସଂଗଠନ ସମ୍ପାଦକ ବିଜୟ କୁଣ୍ଡୁ ମନୋନୀତ ହୋଇଛନ୍ତି । ପ୍ରତାପ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ବିଶ୍ୱନାଥ ଦାସ, ସୁବାଷ ଚନ୍ଦ୍ର ସାହୁ, ସହଦେବ ମେହେର ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ମିଲନ୍ କୁମାର ମେହେର ଏବଂ ତ୍ ସହିତ ସହ-ସମ୍ପାଦକ ଭାବେ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ଦାସ, ରଂଜନ କୁମାର ପାତ୍ର, ପ୍ରଭାସ ଚନ୍ଦ୍ର ନାୟକ ଓ ଶ୍ରୀନିବାସ ମହାପାତ୍ର ସର୍ବସମ୍ମତିକ୍ରମେ ର୍ନିବାଚିତ ହୋଇଛନ୍ତି । ଏହି ମହାସଂଘକୁ ଦିଗଦର୍ଶନ ଦେବାପାଇଁ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଗୋବର୍ଦ୍ଧନ ପଣିକା, ଓଡ଼ିଶାର ବିଶିଷ୍ଟ ସମବାୟବିତ୍ ଜଙ୍ଗେଶ୍ୱର ବାବୁ, ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଂଜନ ମଙ୍ଗରାଜ ଏବଂ ବରିଷ୍ଠ ବୁଣାକାର ଧ୍ରୁବ ଦାସ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି । ପ୍ରଦୀପ କୁମାର ବର୍ଦ୍ଧନ, ଅର୍ଜୁନ କଟୁଆଳ, ହୃଦାନନ୍ଦ ରାଉତ, ଶଙ୍କର ବେହେରା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଆଗାମୀ ଦିନରେ ବୁଣାକାର ମହାସଂଘକୁ ଶକ୍ତିଶାଳୀ କରି ଗଢିବାକୁ ନୂତନ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି।

# ସୁଇଟ୍‌ରେ ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ସ୍ଥିତ ସୂଚନା ଓ ପ୍ରଯୁକ୍ତି ସଂସ୍ଥାନ(ସୁଇଟ୍)ର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ୧୭ତମ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଯୋଗ ଦେଇ ନମ୍ରତା, ମୂଲ୍ୟବୋଧ ଓ ଉତ୍କର୍ଷତା ଉପରେ ଆଲୋକପାତ କରିଥିଲେ । ଯାନ୍ତ୍ରିକ ଜ୍ଞାନ ସବୁ କ୍ଷେତ୍ରରେ ଆବଶ୍ୟକତା ରହିଛି ବୋଲି କହିଥିଲେ । ମୁଖ୍ୟ ପୃଷ୍ଠପୋଷକ ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇ ଅନୁକୂଳ ମନୋଭାବ ଏବଂ ବିଦ୍ୟା ଆହରଣରେ ନିରନ୍ତରତା, ସ୍ମାର୍ଟ ଯୋଜନା ଓ ବିଷୟରେ କେନ୍ଦ୍ରିଭୂତ ରହିଲେ ସଫଳତା ହାସଲ କରାଯାଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାଶ ସୁଇଟ୍‌ର ଅଭିବୃଦ୍ଧି ଉପରେ ଆଲୋକପାତ କରି ଏହା ଏକ ଅଗ୍ରଣୀ ବୈଷୟିକ ପ୍ରତିଷ୍ଠାନରେ ପରିଣତ ହୋଇଛି ବୋଲି କହିଥିଲେ । ଭିସୁଟ୍‌ର କୁଳପତି ତଥା ସମ୍ମାନିତ ଅତିଥି ପ୍ରଫେସର ଦୀପକ କୁମାର ସାହୁ ସମସ୍ୟାର ସମାଧାନ, ସମୀକ୍ଷା ଆଧାରିତ ଭାବନା, ଯୋଗାଯୋଗ ଦକ୍ଷତା ଆଦି କ୍ଷମତା ବର୍ତ୍ତମାନ ସମୟରେ ଜରୁରୀ ବୋଲି କହିଥିଲେ । ସୁଇଟ୍‌ର ନିର୍ଦ୍ଦେଶକ ଡ. ସୁଦର୍ଶନ ଜେନା ସଂସ୍ଥାନରେ ଶିକ୍ଷା, ଗବେଷଣା ଓ ଅନ୍ୱେଷଣା ପ୍ରଭୃତି ଦିଗ ଉପରେ ଆଲୋକପାତ କରି ଶୃଙ୍ଖଳା, କଠିନ ପରିଶ୍ରମ ଓ ଜିଜ୍ଞାସା ଅନୁସରଣ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ସଂସ୍ଥାନର ଡିନ୍ ଡ. କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଢ଼ାଖୋଲ ବିଜେଡ଼ି ପକ୍ଷରୁ ବିଭିନ୍ନ ଦାବି ନେଇ ବନ୍ଦ ଶାନ୍ତିପୂର୍ଣ୍ଣ



ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ବିଜେଡ଼ି ପକ୍ଷରୁ ରେଢ଼ାଖୋଲର ବିଭିନ୍ନ ସମସ୍ୟାକୁ ନେଇ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରାରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୬ ଦଫା ସମ୍ବଳିତ ଦାବିକୁ ନେଇ ସ୍ଥାନୀୟ ଭୀମଭୋଇ ଛକ ଠାରେ ଜାତୀୟ ରାଜପଥ ଉପରେ ବିଜେଡ଼ି କର୍ମୀ ଏବଂ ରେଢ଼ାଖୋଲ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ସହରର ସମସ୍ତ ଦୋକାନ ବଜାର ସମେତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଜାତୀୟ ରାଜପଥ ଉପରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିବା ଦେଖିବାକୁ ମିଳିଥିଲା । ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଜାତୀୟ ରାଜପଥ ରାସ୍ତା ସମସ୍ୟା ସମ୍ପର୍କରେ ୬ ଦଫା ଦାବି ରହିଥିଲା । ସହର ଭିତର ଦେଇ ନିର୍ଦ୍ଧାରିତ ସମୟ ଅନୁଯାୟୀ ପାଉଁଶ ବୋଝେଇ ଗାଡି ଚଳାଚଳ କରିବା ସହିତ ନିୟମ ଅନୁଯାୟୀ ସୁରକ୍ଷିତ ଭାବେ ଚଳାଚଳ, ନିର୍ମାଣଧିନ ହାତୀ ଚଲାପଥ ରାସ୍ତା ପାର୍ଶ୍ୱରେ ଥିବା ଗ୍ରାମ ଗୁଡ଼ିକ ଯାତାୟାତ ପାଇଁ ବାଇପାସ୍ ରାସ୍ତା ସଂଯୋଗ, ଜାତୀୟ ରାଜପଥ ରାସ୍ତା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା, ସାଧୁମୁଣ୍ଡା, ଚାରବାଟି, ଚାରମାଳ ଛକ ଠାରେ ଅଣ୍ଡରପାସ ରାସ୍ତା ର୍ନିମାଣ, ରେଢ଼ାଖୋଲ ନିକଟରେ ଥିବା କଦଳିଗଡ, ବାମୁର ଓ ହାତିବାରି ଟୋଲ ଗେଟ୍ ରେ ଅଞ୍ଚଳବାସୀଙ୍କୁ ସମ୍ପୂର୍ଣ୍ଣ ଦେୟ ମୁକ୍ତ କରିବାକୁ ଦାବୀ କରିଥିଲେ ଆନ୍ଦୋଳନକାରୀ । ଆନ୍ଦୋଳନ ସ୍ଥଳକୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଏନଏଚଆଇ ପିଡି ପ୍ରେମ ସାହୁ , ଏସଡିପିଓ ପ୍ରଶାନ୍ତ କୁମାର ମେହେର, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ପହଞ୍ଚି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ଅପରାହ୍ନ ୬ ଟାରେ ପ୍ରତ୍ୟାହୃତ ହୋଇଥିଲା । ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଓ ରେଢ଼ାଖୋଲ ବିଜେଡ଼ି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ସମ୍ବଲପୁର ଜିଲ୍ଲା ଉପସଭାପତି ଅନାଦି ସାହୁ, ବରିଷ୍ଠ ବିଜେଡି ନେତା ଅରୁଣ କୁମାର ପ୍ରଧାନ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ନଗର ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ବ୍ଲକ ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ପୁରୋଷୋତ୍ତମ୍ ଅଗ୍ରୱାଲ, କାଉନସିଲର ସୁଧାଂଶୁ ଅମାତ, ରାଜୀବ ଲୋଚନ ପ୍ରଧାନ, ବାସୁଦେବ ପୃଷେଠ, ସୁରେନ୍ଦ୍ର ବିଶ୍ୱାଳ, ଲକ୍ଷ୍ମଣ ପ୍ରଧାନ, ସୁଦର୍ଶନ ସାହୁ, ରାଜ କିଶୋର ପ୍ରଧାନ, ନନ୍ଦୁ ମୀରୀ ପ୍ରମୁଖ ବିଜେଡ଼ି କର୍ମୀ ଏବଂ ଜନ ସାଧାରଣ ସାମିଲ ହୋଇଥିଲେ ।

# ସାର କଳାବଜାରୀ : କଂଗ୍ରେସର ଆନ୍ଦୋଳନ ଚେତାବନୀ



ନୂଆପଡ଼ା,(ସବ୍ୟୁ): କଂଗ୍ରେସ ଜିଲ୍ଲା ସଂଯୋଜକ ଘାସିରାମ ମାଝିଙ୍କ ନେତୃତ୍ୱରେ ଏକ ପ୍ରତିନିଧିଗଣ ଅତିରିକ୍ତ ଜିଲ୍ଲାପାଳ ଭୀମଷେନ ଶବରଙ୍କୁ ସାକ୍ଷାତ କରି ସାର କଳାବଜାରୀ,ଚଢ଼ା ଦରରେ ବିକ୍ରି,ଅଭାବୀ ଓ ସଠିକ ସମୟରେ ସାର ଯୋଗାଇ ନଦେବା ଆଦି ଚାଷୀଙ୍କ ମୂଳ ସମସ୍ୟାକୁ ନେଇ ଦାବିପତ୍ର ଦେଇ ଆଲୋଚନା କରିଥିଲେ। କୃଷି ବିଭାଗ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନଦେବାରୁ କୃଷକ ସମସ୍ୟା ଉତ୍କଟ ରୁପ ନେବାକୁ ଯାଉଛି। ଏ ସମସ୍ତ ଅଭିଯୋଗ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବରଙ୍କ ସହ କଂଗ୍ରେସର ବରିଷ୍ଠ ନେତା ବୃନ୍ଦ ଆଲୋଚନା କରିଥିଲେ । ଏ ସବୁ କୃଷକ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ସମ୍ବେଦନଶୀଳ ହୋଇ ଜିଲ୍ଲାପାଳ ସମସ୍ୟାର ଆଶୁ ସମାଧାନ ନକଲେ ଆସନ୍ତା ୨୫ ଅଗଷ୍ଟ ୨୦୨୫ ଦିନ ବିରାଟ କୃଷକ ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ ସହ ଅର୍ନିଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଏ ଅବସରରେ ଆଲୋଚନା ବେଳେ ଯୁବ କଂଗ୍ରେସ ଜିଲ୍ଲା ସଭାପତି ଅମିତ କୁମାର ଅହିର, ହରି ମାଝି, ଚାଷୀ ସେଲ ଜିଲ୍ଲା ସଭାପତି ଇଶାକ ମହମ୍ମଦ, ଶ୍ରୀଧନ ମାଝି, ଗୌତମ ବିଭାର, ସୁରଜ ନିର୍ମଳ କର, ଆସିକ ମହମ୍ମଦ, ଟୁଟୁ, କାୟୁମ୍ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଅପରିହାର୍ଯ୍ୟ

ବରଗଡ଼,(ସବ୍ୟୁ): ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଅପରିହାର୍ଯ୍ୟ । ମଣିଷ ଏହାକୁ ଉଭୟ ସକାରାତ୍ମକ ଓ ନକାରାତ୍ମକ ଭାବରେ ବ୍ୟବହାର କରିପାରେ । ଏହା ତାଙ୍କ ଉପରେ ନିର୍ଭରଶୀଳ ବୋଲି କହିଛନ୍ତି ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଜୀବନ ଜିଜ୍ଞାସା ମାସିକ ଆଲୋଚନା ଚକ୍ର ଜନ ସାଧାରଣ ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗୀତା ଶୀର୍ଷକ ଆଲୋଚନାଚକ୍ର ରେ ଯୋଗଦାନ କରିଥିବା ଅତିଥି ବକ୍ତା ମାନେ ।



ଆଇଆଇଏସଆର ବାଙ୍ଗାଲୋରର ନିର୍ଦ୍ଦେଶକ ଡ. ଦୁର୍ଗେଶ ଶତପଥୀ ଓ ବରଗଡ଼ ଇମ୍ପେରିଆଲ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ (ପରିଦର୍ଶନ) ରୂପଚନ୍ଦ୍ର ଝା କହିଥିଲେ ଯେ କୃତ୍ରିମ ବୁଦ୍ଧିମତ୍ତା କିଭଳି ଭାବରେ ବ୍ୟବହାର କରିବ , ତାହା ନିଜ ଉପରେ ନିର୍ଭର କରେ । ଏହା ଆମ ଚାରିପଟେ ଅଛି , ଆମେ ନିୟମିତ ବ୍ୟବହାର କରୁଛୁ । ଏତଦ୍ୱାରା ଆମେ ବହୁତ ଜ୍ଞାନ ଆହରଣ କରିପାରିବା , କାରଣ କୃତ୍ରିମ ବୁଦ୍ଧିମତ୍ତା ଗୁଡ଼ାଏ ତଥ୍ୟକୁ ଅବଲୋକନ କରି ପର୍ଯ୍ୟାଲୋଚନା କଳାପରେ ଯାଇ ନିଜର ଉତ୍ତର ରଖିଥାଏ ଏବଂ ସଠିକ୍ ଉତ୍ତର ଦେଇଥାଏ । ହେଲେ ଏହାର କିଭଳି ବ୍ୟବହାର କରିବା ତାହା ଆମ ଉପରେ ନିର୍ଭର କରେ । ଏହାର ବିପରୀତ ଦିଗ ହେଲା ଆଜି ଛାତ୍ର ଛାତ୍ରୀ ମାନେ ନିଜର ବୁଦ୍ଧିମତ୍ତାକୁ ବ୍ୟବହାର ନକରି କୃତ୍ରିମ ବୁଦ୍ଧିମତ୍ତା ଚାର୍ଟ ଜିପିଟି ଭଳିଆ ଆପ ବ୍ୟବହାର କରି ଉତ୍ତର ଖୋଜୁଛନ୍ତି । ଏହା ହେଲା ନକାରାତ୍ମକ ବ୍ୟବହାର । କୃତ୍ରିମ ବୁଦ୍ଧିମତ୍ତା ମଣିଷକୁ ବୁଦ୍ଧି ଓ ଜ୍ଞାନ ବୃଦ୍ଧି କ୍ଷେତ୍ରରେ ଯେତିକି ଆଗଭର କରିଥାଏ , ସେତିକି ଅଳସୁଆ ମଧ୍ଯ କରିଥାଏ । ଏହାର ବ୍ୟବହାର ଉପରେ ରହିଲା। ବରଦାନକୁ ଭସ୍ମାସୁର ଭାବରେ ବ୍ୟହାର କରା ନହେଉ ବୋଲି କହିଥିଲେ ଉଭୟ ଅତିଥି ବକ୍ତା । ପାଠାଗାରର ଉପ ସଭାପତି ମନୋରଂଜନ ସାହୁଙ୍କ ସଭାପତିତ୍ୱ ଓ ବରିଷ୍ଠ ସଦସ୍ୟ ଜୟ ପ୍ରକାଶ ଶତପଥୀଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଉଭୟ ଅତିଥି ପ୍ରଥମେ ମହାତ୍ମା ଗାନ୍ଧୀ ଓ ସରସ୍ୱତୀ ଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳୀ ଓ ଧୂପଦୀପ ପ୍ରଦାନ କରିଥିଲେ । ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ପାଠାଗାରର ସମ୍ପାଦକ ରବି ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେ ସହର ର ବହୁ ବୁଦ୍ଧିଜୀବୀ , ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନାରେ ପାଠାଗାରର ସଦସ୍ୟ କୋଷାଧ୍ୟକ୍ଷ ହୃଷୀକେଶ ଦାଶ, ବରିଷ୍ଠ ସଦସ୍ୟ ଗୌରୀ ଶଙ୍କର ପଣ୍ଡା , ଡ.ରବି ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଖପ୍ରାଖୋଲରେ ବ୍ଲକସ୍ତରୀୟ ଶିଶୁ ସମ୍ପର୍କିତ କର୍ମଶାଳା



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍ ପ୍ରଶାସନ ଓ ଏଡ ଏଟ ଆକ୍ସନ ର ମିଳିତ ଉଦ୍ୟମରେ ଶିଶୁ ସୁରକ୍ଷା ସଂପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା । ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ସରୋଜ କୁମାର ବାରିକ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଲାଠୋର ଥାନା ଅଧିକାରୀ ରାକେଶ ବେହେରା, ଗ୍ରାମୀଣ ଶ୍ରମ ଅଧିକାରୀ ବିଭୁ ଦତ୍ତ ମଲ୍ଲିକ,ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅରୁଣ କୁମାର ଖୁଆସ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଦୟନୀୟ ଭାବେ ଥିବା ଶିଶୁର ସୁରକ୍ଷା, ଉଦ୍ଧାର ଓ ଥଇଥାନ ଉପରେ ଆଲୋଚନା ହୋଇଥିଲା। ସେହିପରି ପଞ୍ଚାୟତକୁ ଶିଶୁ ବନ୍ଧୁତା ପୂର୍ଣ୍ଣ କରିବା ଉପରେ ଆଲୋଚନା ହୋଇଥିଲା। କର୍ମଶାଳାରେ ସୁଶୀଲ ଗୁରୁ, ଉମାକାନ୍ତ ମେହେର, ଦେବରାଜ ପ୍ରଧାନ ପ୍ରମୁଖ ସରପଞ୍ଚ,ପଞ୍ଚାୟତ ପ୍ରତିନିଧି , ଶିଶୁ ଓ ମହିଳା ବିକାଶ ବିଭାଗ କର୍ମଚାରୀ, ଅଙ୍ଗନବାଡ଼ି ଦିଦି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ବଲାଙ୍ଗିରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦାବି

ବଲାଙ୍ଗିର,(ସବ୍ୟୁ): ଶିଳ୍ପ ବିହିନ ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲାରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷରୁ ଦାବୀ ହୋଇଆସୁଅଛି । ବର୍ତ୍ତମାନ ସମ୍ବଲପୁର ଠାରେ କୃଷି ବିଶ୍ୱ ବିଦ୍ୟାଳୟ ଏବଂ ବଲାଙ୍ଗିର ଠାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନୀତିଗତ ଭାବେ ଘୋଷଣା କରିବା ପ୍ରସଙ୍ଗ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏହାର ପ୍ରତବାଦ ସ୍ୱରୂପ ବଲାଙ୍ଗିରରେ ବ୍ୟାପକ ଆଲୋଡନ ସୃଷ୍ଟି ହୋଇ ସମ୍ପୃକ୍ତ ଘୋଷଣାନାମାକୁ ପ୍ରତ୍ୟାଖ୍ୟାନ କରାଯାଇଛି । ପ୍ରତିବାଦରେ ବଲାଙ୍ଗିର ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ ସ୍ଥାନୀୟ ଭାଗିରଥି ଛକଠାରେ ଏକ ପଥପ୍ରାନ୍ତସଭା ହୋଇଥିଲା । ଏହି ସଭାରେ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଶିକ୍ଷାବିତ ସାମାଜିକ କର୍ମୀ ଦଳମତ ର୍ନିବିଶେଷରେ ଏକତ୍ରିତ ହୋଇ ଜିଲ୍ଲାର ନ୍ୟାର୍ଯ୍ୟ ଦାବୀ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୃଢ଼ ଦାବୀ ଜଣାଇ ଜିଲ୍ଲାରେ ଏହି ପ୍ରକଳ୍ପର ଭିତ୍ତି ଭୂମି ସମ୍ପର୍କିତ ବିଷଦ ଭାବେ ଆଲୋକପାତ କରିଥିଲେ । ବଲାଙ୍ଗିର ଜିଲ୍ଲାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ନହେଲେ ବ୍ୟାପକ ଆନ୍ଦୋଳନର ସୂତ୍ରପାତ ହେବ ବୋଲି ବକ୍ତା ସମୂହ ଚେତାବନୀ ଦେଇଥିଲେ । କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବୀରେନ୍ଦ୍ର ବନଛୋର



ଆଇନଜୀବୀ ରତନ ମହାରଣା ଶିକ୍ଷାବିତ କିଶୋର ପାଣିଗ୍ରାହୀ, ବାମପନ୍ଥୀ ନେତା ଅଶୋକ ମିଶ୍ର, ସୁନୀଲ ଭୋଇ,ଯୁବନେତା ନାଶିର ଖାନ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି । ଏହି ପଥପ୍ରାନ୍ତ ସଭାରେ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସୟେଦ ଆଫତାପ ହୁସେନ ଏବଂ ସାଜିତ ହୁସେନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମାଜିକ କର୍ମି ଉଦିତ ଚନ୍ଦ୍ର ପଣ୍ଡା ରାଜେନ୍ଦ୍ର ଶର୍ମା , ମୋହନ ରଞ୍ଜନ ପାଣ୍ଡିଆ, କୁନୁ ନାୟକ ପ୍ରମୁଖ ସହରର ବହୁ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ପ୍ରକାଶ ଥାଉକି ଦୀର୍ଘ ୨ ଦଶନ୍ଧୀ ଉର୍ଦ୍ଧ ଧରି ନିରବଛିନ୍ନ ଭାବେ ବରିଷ୍ଠ ସାମ୍ବାଦିକ ତଥା ଦିଗବଳୟ ପାକ୍ଷିକ ପତ୍ରିକାର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ନେଇ ବିଭିନ୍ନ ଫୋରମ୍ ରେ ନିରବଛିନ୍ନ ଭାବେ ଦାବି କରିଆସୁଛନ୍ତି। ଜିଲ୍ଲାରେ କୃଷି ଓ କୃଷକର ଉନ୍ନତି ହେଲେ ଦାଦନ ପ୍ରବଣ ଜିଲ୍ଲାକୁ ମୁକ୍ତି ମିଳିବ ବୋଲି ଶ୍ରୀ ପଟ୍ଟନାୟକଙ୍କ ବଳିଷ୍ଠ ଯୁକ୍ତି ରହିଛି ।

## ଜଗନ୍ନାଥ ସେବା ସମିତି ପକ୍ଷରୁ ନିରାଶ୍ରୟଙ୍କୁ ଶାଢ଼ୀ ବଣ୍ଟନ



କୋକସରା,(ସବ୍ୟୁ): ପଶ୍ଚିମ ଓଡ଼ିଶାର ମହାନ କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇକୁ ଦୃଷ୍ଟିରେ ରଖି ସମାଜସେବା କ୍ଷେତ୍ରରେ ଧର୍ମଗଡ ଉପଖଣ୍ଡର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଗରିବ ନିରାଶ୍ରୟ ମହିଳାଙ୍କୁ ଶାଢୀ ବଣ୍ଟନ କରାଯାଇଛି। ଶୁକ୍ରବାର କୋକସରା ବ୍ଲକ ଆମପାଣି ପଞ୍ଚାୟତର ଦୁର୍ଗମ ଓ ପାହାଡ଼ ଘେରା ଅଞ୍ଚଳରେ ରହିଥିବା ବିରିମୁହାଁଣ, ଆନ୍ଧି ଝରଣ, ର୍ଟିଲିଆମ, କାଦୋମଳି, ଛକପଡା, ଗାଇବନ୍ଧା ଓ ବରାଡ଼ଙ୍ଗା ପଞ୍ଚାୟତର ନୂଆଗାଁ, ପିଣ୍ଡା ପଦର, ଝୁଲେନବର ଗ୍ରାମରେ ଧର୍ମଗଡ ବିଧାୟକଙ୍କ କୋକସରା ବ୍ଲକ ପ୍ରତିନିଧି ତ୍ରିନାଥ ଶବର, ମଣ୍ଡଳ ସମ୍ପାଦକ ତୁଳାରାମ ନାଏକ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ସନ୍ତୋଷ ମାଝି, ଚକ୍ରଧର ବେଶ୍ରା ସମେତ ଜଗନ୍ନାଥ ସେବା ସମିତିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଶାଢ଼ୀ ବଣ୍ଟନ କରିଛନ୍ତି। ବିରିମୁହାଁଣ ଠାରେ ବିଜେପିର କର୍ମକର୍ତ୍ତାଙ୍କୁ ସ୍ବାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ସହ ଭାଗୀତାରେ ବିଜେପି କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ନୂଆଁଖାଇ ପୂର୍ବରୁ ନିରାଶ୍ରୟ ବୃଦ୍ଧ ମହିଳାଙ୍କୁ ଏହି ଭେଟି ନିଶ୍ଚିତ ଭାବେ ମାନବିକତା ଓ ସମାଜସେବା ପାଇଁ ଏକ ଉଦାହରଣ ବୋଲି ଉପସ୍ଥିତ ନେତା ମାନେ ମତ ପ୍ରକାଶ କରିଛନ୍ତି। ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଁଖାଇ ପୂର୍ବରୁ ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ତିନି ହଜାରରୁ ଉର୍ଦ୍ଧ୍ବ ଗରୀବ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୋଲି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ଅନିଶ୍ଚିତତା ମଧ୍ୟରେ ଜୟପାଟଣା ଏନଏସି ଘୋଷଣା




ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ସହରକୁ ବିଗତ ସରକାରଙ୍କ ତରଫରୁ ଗତ ଫେବୃଆରୀ ୨୦୨୪ ମସିହାରେ ଏନଏସି ଘୋଷଣା କରାଯାଇଥିଲେ ହେଁ ବିଜେପି ନେତୃତ୍ୱରେ ଗଠିତ ନୂତନ ସରକାରଙ୍କ ସଦ୍ୟ ପ୍ରକାଶିତ ତାଲିକାରେ ସ୍ଥାନ ପାଇନଥିବା ବିରୁଦ୍ଧରେ ବିଜେଡି ଦଳ ତରଫରୁ ଆନ୍ଦୋଳନ ସହ ବନ୍ଦ ଡାକରା ଏବଂ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା । ଏହି ବନ୍ଦ ଡାକରା କୁ ସ୍ଥାନୀୟ ଅଞ୍ଚଳବାସୀ , ଲୋକ ପ୍ରତିନିଧି, ବହୁ ସଂଗଠନ ସ୍ୱତଃ ସ୍ଫୁର୍ତ୍ତ ସମର୍ଥନ କରୁଥିବା ଦେଖାଯାଇଛି। ସରକାରଙ୍କ ବୈମାତୃକ ମନୋଭାବର ବିରୋଧ ସହ ଜୟପାଟଣା ସହରକୁ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଯଥାଶୀଘ୍ର କରିବା ଦାବିରେ ବିଜେଡି ତରଫରୁ ରାସ୍ତା ଅବରୋଧ, ଦୋକାନ ବଜାର ବନ୍ଦ ସହ ଯାତାୟାତ ବନ୍ଦ କରାଯାଇଥିଲା ଆବଶ୍ୟକୀୟ ସମସ୍ତ ଯୋଗ୍ୟତା ସତ୍ତ୍ୱେ ବାଦ୍ ପଡିବା ଆଶ୍ଚର୍ଯ୍ୟଜନକ । ଏହି ବ୍ଲକରେ ୨୨ ଟି ପଞ୍ଚାୟତ ସହ ଗୋଟିଏ ତହସିଲ ରହିଛି । ଯେଉଁଥିରେ ୭ ଗୋଟି ଆରଆଇ ସର୍କଲ ଏବଂ ୯୪ ଟି ରାଜସ୍ୱ ଗ୍ରାମ,ଗୋଟିଏ ପୋଲିସ ଷ୍ଟେସନ, ୩ ଗୋଟି କଲେଜ, ଗୋଟିଏ ସିଏଚସି ଏବଂ ୪ଟି ପିଏଚସି ରହିଛି । ୨୦୧୧ ଜନଗଣନା ଅନୁଯାୟୀ, ଜୟପାଟଣା ବ୍ଲକ ର ମୋଟ ଜନସଂଖ୍ୟା ୧,୪୭୨୧୦, ହୋଇଥିବା ବେଳେ ଜୟପାଟଣା ସହର ର ମୋଟ ଜନସଂଖ୍ୟା ୨୦୯୨୧ ସହ ହୋକୂଥିବା ଜୟପାଟଣା ବିଜ୍ଞାପିତ ଅଞ୍ଚଳର ଭୌଗଳିକ କ୍ଷେତ୍ରଫଳ ୭୦୫୪ ବର୍ଗ କିଲୋମିଟର ।

୧୯୫୦ ମସିହାର ମ୍ୟୁନ୍ସିପାଲିଟି ଆଇନ ଅନୁଯାୟୀ ଏକ ଏନଏସି ଗଠନ ପାଇଁ ଆବଶ୍ୟକତା ଠାରୁ ଅଧିକ ଆନୁଷଙ୍ଗିକ ଯୋଗ୍ୟତା ଥାଇ ମଧ ଅଦ୍ୟାବଧି ଏନଏସି ଘୋଷଣା ନ ହୋଇପାରିବା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସ୍ପଷ୍ଟ ମନେହୁଏ ବୋଲି କ୍ଷୋଭ ପ୍ରକାଶ ପାଉଛି । ସ୍ଥାନୀୟ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ମଧ ସରକାରଙ୍କ ନିଷ୍ପତ୍ତିକୁ ଦୁର୍ଭାଗ୍ୟଜନକ ଅଭିହିତ କରିବା ସହ ରାଜନୈତିକ ଅଭିସନ୍ଧି ମୂଳକ ବୋଲି ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସକାରାତ୍ମକ ଇଙ୍ଗିତ ମଧ ଆନୁଷ୍ଠାନିକ ଭାବେ ହସ୍ତଗତ ହୋଇଥିବା ଜଣାଯାଏ। ଏଭଳି ପରିସ୍ଥିତିରେ ବିଗତ ସରକାରଙ୍କ ନିଷ୍ପତ୍ତିକୁ କେଉଁ କାରଣରୁ ସଦ୍ୟ ପ୍ରକାଶିତ ୭ ଟି ଜିଲ୍ଲା ର ୧୨ ଗୋଟି ଏନ୍ ଏ ସି ତାଲିକା ରେ ସ୍ଥାନ ପାଇପାରିଲାନି, ତାହା ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହି ଅଞ୍ଚଳରେ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ଭଳି ବିରାଟ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ଜନସଂଖ୍ୟା, ଭିତ୍ତିଭୂମି ଏବଂ ବାଣିଜ୍ୟିକ କାର୍ଯ୍ୟକଳାପରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ତଥାପି ଏନଏସି ହୋଇନଥିବାରୁ ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା ରକ୍ଷଣାବେକ୍ଷଣ ଏବଂ ସାର୍ବଜନୀନ ସେବା କ୍ଷେତ୍ରରେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ନୂତନ ଏନଏସି ପ୍ରତିଷ୍ଠା ଦ୍ୱାରା ସଂରଚିତ ଶାସନ ଏବଂ ଯୋଜନାବଦ୍ଧ ବିକାଶ ସମ୍ଭବ ହୋଇ ପାରିବ ବୋଲି ଅଂଚଳାସୀ ଆଶା ବାନ୍ଧିଥିବା ବେଳେ ବର୍ତ୍ତମାନ ମଉଳିବାକୁ ଯାଉଛି। ଜୟପାଟଣା ବ୍ଲକ ବିଜେଡି ସଭାପତି ମୀନକେତନ ପୁଝାରୀଙ୍କ ନେତୃତ୍ୱରେ ବରିଷ୍ଠ ନେତା ଶୈଳେନ୍ଦ୍ର ରାଜ,ସତ୍ୟନାରାୟଣ ଅଗ୍ରୱାଲ, ପ୍ରଶାନ୍ତ ମୁଣ୍ଡ,ଦିଲ୍ଲୀପ ରାଉତ,ଅମ୍ବୁଜ ଧଙ୍ଗଡା ମାଝୀ, ବିଘ୍ନରାଜ ପଣ୍ଡା, ଇସୁଫ ଖାଁ ,ଶତ୍ରୁଘ୍ନ ରାଉତ ,କୃତ୍ତିବାସ ସୁନା,ତାପସ ପଟ୍ଟନାୟକ,ରଥ ରାଉତ ସମେତ ବହୁ ସଂଖ୍ୟକ କର୍ମୀ ଏହି ଆନ୍ଦୋଳନରେ ସାମିଲ ଥିଲେ।

## ରୋତ କଲେଜରେ ନବୀନ ବରଣ କାର୍ଯ୍ୟକ୍ରମ

ବଲାଙ୍ଗିର,(ସବ୍ୟୁ) : ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ନବୀନ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବରେ ସ୍ୱାଗତ କରିବା ସହ ସେମାନଙ୍କର ଉତ୍ତରୋତ୍ତର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଆଶା ଦୋରା, ସୁଦେଷ୍ଣା ବରିହା, ଗୋଲାପି ମୁଣ୍ଡା, ଜୟଶ୍ରୀ ପଧାନ, ଜୋସ୍ନା ସାହୁ, ମଞ୍ଜରୀ ପୁଟେଲ ଓ ସସ୍ମିତା ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ନିଜ ନିଜର ପରିଚୟ ପ୍ରଦାନ କରି ଭଲ ପାଠ ପଢି ମହାବିଦ୍ୟାଳୟର ଗୌରବ ବଢାଇବୁ ବୋଲି କହିଥିଲେ। ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବାମଦେବ ମେହେର ଓ ଡକ୍ଟର ସୋମନାଥ ପଧାନ ମଞ୍ଚାସୀନ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୂଆପଡ଼ା ଜିଲ୍ଲା କୁଲତା ସମାଜର ନୂଆଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସିଲେଟପାଣିର ଯଜ୍ଞମଣ୍ଡପ ପରିସରରେ ନୂଆପଡ଼ା ଜିଲ୍ଲା କୁଲତା ସମାଜର ନୂଆଖାଇ ଭେଟଘାଟର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା କୁଲତା ସମାଜର ଜିଲ୍ଲା ସଭାପତୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂଆଖାଇ ଭେଟଘାଟକୁ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଛି। ଚଳିତ ଅଗଷ୍ଟ ମାସ ୨୮ ତାରିଖ ନବାନ୍ନ ଭକ୍ଷଣ ଉତ୍ସବ ଥିବାବେଳେ ସେପ୍ଟେମ୍ବର ୧୪ ତାରିଖ ଦିନ ସିଲେଟପାଣି ଠାରେ ନୂଆଖାଇ ଭେଟଘାଟ ଆୟୋଜନ ପାଇଁ ସର୍ବସମ୍ମତି କ୍ରମେ ସ୍ଥିରିକୃତ ହୋଇଛି। ବୈଠକରେ କୋମନା କେନ୍ଦ୍ର ସଭାପତି ବୈଷମପାୟନ ସାହୁ (ବୈରାଜ), ଜିଲ୍ଲା ଉପସଭାପତି ବୀରେନ୍ଦ୍ର ପ୍ରଧାନ, ଜିଲ୍ଲା ସଂପାଦକ ଆଶ୍ୱିନୀ କୁମାର ଭୋଇ, କୋମନା କେନ୍ଦ୍ର ଉପସଭାପତି ଅର୍ଜୁନ ନାୟକ, ଉପସଭାପତି ସଦାନନ୍ଦ ସାହୁ,ସଂପାଦକ ନିରଞ୍ଜନ ସାହୁ, ସହ ସଂପାଦକ ରମେଶ ଚନ୍ଦ୍ର ପାତ୍ର, ଧନୁ ପ୍ରଧାନ, ପିତାମ୍ବର ଗଡତିଆ, ଫକିର ପ୍ରଧାନ, ପ୍ରବିଣ କୁମାର ଭୋଇ, ଦୁର୍ଲ୍ଲଭ ବିଶ୍ୱାଳ, ଛବି ଲୋଚନ ସାହୁ,ସାନ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଥବିର ବିଶ୍ୱାଳ, ଭୁଜ ଗଡତିଆ, ବିରଞ୍ଚି ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ପ୍ରକାଶ ପ୍ରଧାନ, ବିରବଲ ପ୍ରଧାନ, ଟେଙ୍ଗନୁ ବିଶ୍ୱାଳ,ଜଗବନ୍ଧୁ ପ୍ରଧାନ, ମନବୋଧ ପ୍ରଧାନ, ବ୍ୟାସଦେବ ପ୍ରଧାନ, ପୁରନ ବିଶ୍ୱାଳ, ଅନ୍ତ ସାହୁ, ପ୍ରମୋଦ ପ୍ରଧାନ, ଦେବହରି ଖମାରୀ,ମନସା ସାହୁ, ମାୟାଧର ସାହୁ, ତ୍ରିଲୋଚନ ଭୋଇ, ବଳହରି ପ୍ରଧାନ, କୁଳମଣି ପ୍ରଧାନ, ଡୋଲାମଣି ଗଡ଼ତିଆ, ଅନ୍ତ ପ୍ରଧାନ, ସୁରେଶ ବେହେରା, ବୃନ୍ଦାବନ ପ୍ରଧାନ,ନକୁଳ ପ୍ରଧାନ ଜାଦବ ଗଡତିଆ ଓ ଅନ୍ୟାନ୍ୟ ମାନେ ଉପସ୍ଥିତ ଥିଲେ।

## ବ୍ରହ୍ମାକୁମାରୀଜ୍ ପକ୍ଷରୁ ରକ୍ତଦାନ ଶିବିର



କଲମପୁର,(ସବ୍ୟୁ):ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାରା ଭାରତ ବର୍ଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ସମାଜ ସେବା ପ୍ରଭାଗ ପକ୍ଷରୁ ପୂର୍ବତନ ମୁଖ୍ୟ ପ୍ରଶାସିକା ରତ୍ନପ୍ରଭା ଡ. ଦାଦୀ ପ୍ରକାଶ ମଣିଙ୍କ ୧୮ ତମ ପୁଣ୍ୟ ତିଥି ଅବସରରେ ସମସ୍ତ ସେବାକେନ୍ଦ୍ର ମାନଙ୍କରେ ରକ୍ତ ଦାନ ଶିବିର ଆୟୋଜନ କରାଯାଉଅଛି। ଏହି ଉପଲକ୍ଷେ ବ୍ରହ୍ମାକୁମାରୀଜ୍ ସେବାକେନ୍ଦ୍ର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବାକେନ୍ଦ୍ର ସଞ୍ଚାଳିକା ବି କେ ଶଶୀ ଭଉଣୀ ଏବଂ ଇଂ ସୁଜିତ କୁମାର ପଟ୍ଟନାୟକ ରକ୍ତ ଦାନ କରି ଶୁଭାରମ୍ଭ କରିଥିଲେ। ପରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବିଦ୍ୟାର୍ଥୀ ଗଣ ଏବଂ ଭବାନୀପାଟଣା ଜନସାଧାରଣ ରକ୍ତଦାନ କରିଥିଲେ। ଡ. ଜୟନ୍ତୀ ବାଲା ନାଏକ, ଡ. ବିବେନ୍ଦୁ ବଳ ଙ୍କ ଉପସ୍ଥିତିରେ ଭବାନୀପାଟଣା ବ୍ଲଡ ବ୍ୟାଙ୍କ କର୍ମଚାରୀ ୨୯ ଜଣଙ୍କ ଠାରୁ ୨୯ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ବ୍ରହ୍ମାକୁମାରୀଜ୍ ପକ୍ଷରୁ ରକ୍ତ ଦାତା ମାନଙ୍କୁ ଫଳ ପ୍ରଦାନ କରିବା ସହ ସାର୍ଟିଫିକେଟ ଦେଇ ଉତ୍ସାହିତ କରାଯାଇଥିଲା ।

## ଆଦିବାସୀ ସମାଜ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘର ୧୫ ଗୋଟି ଅନୁସୂଚିତ ଜନଜାତି ମିଳିତ ହୋଇ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ୧୪ ଗୋଟି ଦାବି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡିକ ଗୁଡ଼ିକ ମଧ୍ୟରେ ଆଦିବାସୀ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସାମାଜିକ ,ଆର୍ଥିକ, ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି ଆଣିବା। ତନ୍ମଧ୍ୟରୁ ଆଦିବାସୀମାନଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ,ଗୋଷ୍ଠୀଗତ ପଟ୍ଟା ପ୍ରଦାନ, ଜିଲ୍ଲାରେ ଚାଷୀମାନେ ୟୁରିଆ ସାର ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ସାର ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉନ୍ତ। ବେଆଇନ ଅନୁପ୍ରବେଶକାରୀଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମାଲକାନଗିରି ଜିଲ୍ଲା ଏକ ପଞ୍ଚମ ଅନୁସୂଚି ଅଞ୍ଚଳ ହେତୁ କେବଳ ଆଦିବାସୀ ଗ୍ରାମଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଉ । ବିକାଶ ନାମରେ ବିଭିନ୍ନ ପ୍ରକଳ୍ପରେ ବିସ୍ଥାପିତ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇ ଥଇଥାନ କରାଯାଉ। ରେଳ ପଥ ନିମନ୍ତେ ଜମି ଅଧିଗ୍ରହଣ କରାଯାଉଥିବା ବେଳେ ଜମି ହରାଉଥିବା ଜମି ମାଲିକମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରାଯାଉ । ସ୍କୁଲ ଓ କଲେଜଗୁଡିକରେ ଆଦିବାସୀ ନାବାଳିକାମାନଙ୍କୁ ଅନ୍ୟାୟ, ଅତ୍ୟାଚାର କରାଯାଉଥିବା ବେଳେ ଏହାର ତଦନ୍ତ କରି ଉଚିତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉଛ ସ୍ୱାସ୍ଥ୍ୟ ସମସ୍ୟା, ଜଙ୍ଗଲ ଜାତ ଦ୍ରବ୍ୟର ଉଚିତ ମୂଲ୍ୟ, ଯଥା :-ମହୁଲ, ଟୋଲା, କେନ୍ଦୁପତ୍ର ଆଦିର ଉଚିତ ମୂଲ୍ୟ ପ୍ରଦାନ କରାଯାଉ । ବେଆଇନ ବାଲିଘାଟରୁ ବାଲି ଚୋରା ଚାଲାଣ,ବେଆଇନ ପଥର କୁଆରି ସ୍ଥାପନ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ। ଏଭଳି ଅନେକ ସମସ୍ୟା ମାଲକାନଗିରି ଜିଲ୍ଲା ରେ ଦୃଷ୍ଟି ଗୋଚର ହୋଇଛି ଯାହାକି ଜିଲ୍ଲା ପ୍ରଶାସନ, ସହ ରାଜନୈତିକ ନେତୃବୃନ୍ଦ ଦୃଷ୍ଟି ଦେବା ଆବଶ୍ୟ ରହିଛି ବୋଲି ଜିଲ୍ଲା ଆଦିବସୀଙ୍କ ସଂଘ ଦାବି କରିଛି। ଏହି ଅବସରରେ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଡିଡ଼ାଇ ସମାଜ ସଭାପତି ବଂଶୀଧର ମୁଦୁଲି, ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝୀ, ଗାଦବା ସମାଜ ସଭାପତି ଭୀଷ୍ମ ଖିଲ, କନ୍ଧ ସମାଜ ସମ୍ପାଦକ ହରି ଗୋଲରୀ, ଭୂମିଆ ସମାଜ ସଭାପତି ସମାରୁ ନାୟକ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସମ୍ପାଦକ ଦେବେନ୍ଦ୍ର ଖିଲ,ସାନ୍ତାଳ ସମାଜ ସଭାପତି ବବୁଲୁ ମୁର୍ମୁ, ଦୁରୁଆ ସମାଜ ସଭାପତି ଗୁପ୍ତ ଦୁରୁଆ, କୋୟା ସମାଜ ସମ୍ପାଦକ ଏରା ପଡିଆମୀ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ କୋଷାଧକ୍ଷ ବୁଦ୍ରା କାର୍ତ୍ତାମୀ ଓ ଆଦିବାସୀ ସମାଜ ମହାସଂଘର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ

ବୌଦ୍ଧ,(ସବ୍ୟୁ):ମଙ୍ଗଳବାର ସମାରୋହରେ ପାଳିତ ହୋଇଯାଇଛି ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ । ବିଧି ମୁତାବକ ପ୍ରଭୁ ଯୋଗୀରାଜ ଶ୍ରୀକୃଷ୍ଣ ଙ୍କ ଫଟୋ ଚିତ୍ରରେ ପୂଜାଅର୍ଚ୍ଚନା ଗୀତ ଭଜନ ସହିତ ରାଧା କୃଷ୍ଣ ବେଶରେ ଆସିଥିବା ଶିଶୁ କଳାକାର ମାନଙ୍କ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତା ପରେ ପ୍ରଖଣ୍ଡ ସମ୍ପାଦକ ଶରତ ପ୍ରଧାନଙ୍କ ପ୍ରାରମ୍ଭିକ ବୌଦ୍ଧିକ ଏବଂ ପରେ ମୁଖ୍ୟ ବକ୍ତା ସରସ୍ୱତୀ ନନ୍ଦ ପ୍ରାନ୍ତ ମାତୃଶକ୍ତି ସଂଯୋଜିକା ଭଗବାନ କୃଷ୍ଣଙ୍କ ଜୀବନ ଚରିତ୍ର, ବିଶ୍ୱହିନ୍ଦୁ ପରିଷଦର ଉଦ୍ଦେଶ୍ୟ , ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କଙ୍କ ଜୀବନ ଚରିତ୍ର ଉପରେ ଆଲୋକପାତ କରିଥିଲେ । ଶେଷରେ ପ୍ରଖଣ୍ଡ ସଭାପତି କରୁଣାକର ଘାଣ୍ଟୁଆଳ ଧନ୍ୟବାଦ ଅର୍ପଣ ସହିତ କୁନି କୁନି କଳାକାର ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ମଞ୍ଚରେ ଅତିଥି ଭାବରେ ଜିଲ୍ଲା ସମ୍ପାଦକ ଚକିତ ଭଞ୍ଜ ପ୍ରଖଣ୍ଡ ସମ୍ପାଦକ ଶରତ ପ୍ରଧାନ, ପ୍ରଖଣ୍ଡ ସଭାପତି କରୁଣାକର ଘାଣ୍ଟୁଆଳ, ପ୍ରଖଣ୍ଡ ଉପ ସଭାପତି ବସନ୍ତ ମିଶ୍ର , ପ୍ରାନ୍ତ ସଂଯୋଜିକା ଶ୍ରୀମତୀ ସରସ୍ୱତୀ ନନ୍ଦ ମଂଚାସୀନ ଥିବାବେଳେ ପ୍ରଖଣ୍ଡ ସହ ସମ୍ପାଦକ ଖଗେଶ୍ୱର ମେହେର ମଞ୍ଚ ସଂଚାଳନ କରିଥିଲେ ।

## ରାସ୍ତା ଉପରେ ଲହଡି ମାରୁଛି ଅପରିଷ୍କାର ପାଣି



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସହରରେ ଲଗାଣ ବର୍ଷା ଜାରି ରହିଛି । ଡ୍ରେନ ଗୁଡିକ ସଫେଇ ହୋଇନଥିବା ବେଳେ ବର୍ଷା ଜଳ ନିଷ୍କାସିତ ହେବାରେ ଅସୁବିଧା ସୃଷ୍ଟି ହେଉଛି । ଫଳରେ ରାସ୍ତା ଉପରେ ଅପରିଷ୍କାର ପାଣି ଚାଲୁଛି । ଏପରିକି ସହରର ଏସ୍ଆରଆଇଟି କଲୋନୀ, ବୁଢାରଜା, ଜଗନ୍ନାଥ କଲୋନୀ , ଫାଟକ , ସାକ୍ଷୀପଡା ଓ ଗୋପାଳମାଲ ଆଦି ଅଞ୍ଚଳର ବିଭିନ୍ନ ଘରେ ପାଣି ପଶିଛି । ସହରର ପ୍ରମୁଖ ଚର୍ଚ୍ଚ ଛକରେ ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥା ସଠିକ୍ ନଥିବାବେଳେ ପୋଲ ନିକଟରେ ପାଣି ଜମି ରହିଛି । ଫଳରେ ଯାତାୟତରେ ଅନେକ ସମସ୍ୟା ଦେଖାଯାଉଛି । ଜାତୀୟ ରାଜପଥର ବରେଇପାଲି ଅଞ୍ଚଳରେ ୩ରୁ ୪ଫୁଟ ପାଣି ରାସ୍ତା ଉପରେ ଲହଡି ମାରୁଛି । ଅଇଁଠାପାଲି-ବରେଇପାଲି ଜାତୀୟ ରାଜପଥ ଉପରେ ବର୍ଷା ପାଣି ଚାଲୁଥିବା ବେଳେ ଯାନବାହାନ ଯାତାୟତରେ ବାଧାପ୍ରାପ୍ତ ହେଉଛି । ତଳିଆ ଓ ଖାଲୁଆ ଅଞ୍ଚଳ ଗୁଡିକରେ ଲୋକେ ଦିନତମାମ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଜମି ରହିଥିବା ବର୍ଷା ପାଣିକୁ ମହାନଗର ନିଗମ ପକ୍ଷରୁ ମୋଟର ପମ୍ପ ଦ୍ୱାରା ନିଷ୍କାସିତ କରାଯାଇଥିଲା । ସୂଚନାଯୋଗ୍ୟ, ହୀରାକୁଦ ଡ୍ୟାମର ଉପର ମୁଣ୍ଡରେ ୧୬.୪୪ମିମି ଓ ତଳମୁଣ୍ଡରେ ୧୨.୧୪ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଜଳଭଣ୍ଡାରକୁ ୨ଲକ୍ଷ ୩୫ହଜାର ୮୫୬ ଘନଫୁଟ ଜଳ ପ୍ରବେଶ କରୁଛି । ଏଭଳିସ୍ଥଳେ ଶୁକ୍ରବାର ସଂନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦର ଜଳସ୍ତର ୬୧୮.୩୯ଫୁଟ ରହିଛି । ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଆସନ୍ତାକାଲି ହୀରାକୁଦ ଡ୍ୟାମର ଗେଟ୍ ଖୋଲାଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## କନ୍ଧମାଳ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ମନୋନୀତ
## ସନ୍ତୋଷ ସଭାପତି, ଜୟକୃଷ୍ଣ ସମ୍ପାଦକ

କନ୍ଧମାଳ,(ସବ୍ୟୁ) : କନ୍ଧମାଳ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ବୈଠକ ସଂଘର ବରିଷ୍ଠ ଉପଦେଷ୍ଟା ନବୀନ କୁମାର ବିଶିଙ୍କ ସଭାପତିତ୍ୱ ଓ ସଂଯୋଜକ ସନତ କୁମାର ମିଶ୍ରଙ୍କ ସଂଯୋଜନାରେ ଶୁକ୍ରବାର ସମାଜର ଅସ୍ଥାୟୀ କାର୍ଯ୍ୟାଳୟ ନଳିନୀ ନିବାସରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବବର୍ଷର ପ୍ରସ୍ତାବ ର କାର୍ଯ୍ୟକାରିତା ଓ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ପରେ ନୂତନ କମିଟି ଗଠନ ସମ୍ପର୍କରେ ସଦସ୍ୟମାନେ ମତ ରଖିଥିଲେ । ବୈଠକରେ ସଭାପତି ଭାବେ ସନ୍ତୋଷ କୁମାର ବିଶିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବାବେଳେ ଭାଗ୍ୟଧର ମିଶ୍ର ଉପସଭାପତି,ଜୟକୃଷ୍ଣ ମିଶ୍ର ସମ୍ପାଦକ, ସୁବାସ ରଥ ସହସମ୍ପାଦକ ଓ ସତ୍ୟନାରାୟଣ ପାଢ଼ୀଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା । ସଂଘରେ କାର୍ଯ୍ୟକାରୀ ସଦସ୍ୟ ଭାବେ ସିଦ୍ଧେଶ୍ୱର ପାଣିଗ୍ରାହୀ, ରାଜୀବ ମିଶ୍ର, ଐଶ୍ୱର୍ଯ୍ୟା ବିଶି, ପ୍ରଭାସ ମିଶ୍ର, ସତୀଶ କୁମାର ଦାସ ଓ ହରିବନ୍ଧୁ ପୁରୋହିତ ଆଦିଙ୍କୁ ମନୋନୀତ କରାଯାଇଛି । ସେହିପରି ଉପଦେଷ୍ଟା ଭାବରେ ବରିଷ୍ଠ ସଦସ୍ୟ ନବୀନ କୁମାର ବିଶି, ବସନ୍ତ କୁମାର ମିଶ୍ର, ରଘୁନାଥ ପାଣିଗ୍ରାହୀ, ଘନଶ୍ୟାମ ମିଶ୍ର, ସହଦେବ ମିଶ୍ର, ବିଜୟ କୁମାର ପାଣିଗ୍ରାହୀ, ଓ ରମେଶ ପାଣିଗ୍ରାହୀ ପ୍ରମୁଖ ମନୋନୀତ ହୋଇଥିଲେ । ସଂଯୋଜକ ଭାବେ ସନତ କୁମାର ମିଶ୍ର ଓ ଆନନ୍ଦ ମିଶ୍ର ସହସଂଯୋଜକ ମନୋନୀତ ହୋଇଥିଲେ । ଆନନ୍ଦ ଚନ୍ଦ୍ର ପାଢ଼ୀ ବସନ୍ତ ପାଢ଼ୀ, ଚକାନୟନ ମିଶ୍ର ଆଦି ସକ୍ରିୟ ସହଯୋଗ କରିଥିଲେ । କର୍ମକର୍ତ୍ତା ଚୟନ ପରେ ଆସନ୍ତା ୬ତାରିଖ ଦିନ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ କନ୍ଧମାଳ ବ୍ଲକଛକ ଶ୍ରୀରାମ ମନ୍ଦିର ଠାରେ ପ୍ରତିବର୍ଷ ଭଳି ଭାଗବତ ଅନ୍ତଃମୁଖି ପୂଜନ କାର୍ଯ୍ୟକ୍ରମ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ଅନ୍ତଃମୁଖୀ କାର୍ଯ୍ୟକ୍ରମରେ ଯଜ୍ଞସେନ ମିଶ୍ର ପୂଜକ ଏବଂ ବସନ୍ତ ପାଢ଼ୀ ସନ୍ତ୍ରିକ କର୍ତ୍ତା ଦାୟିତ୍ୱ ତୁଲାଇବା ପାଇଁ ନିଷ୍ପତ୍ତି ହୋଇଛି । ଅନ୍ତଃମୁଖୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଆନ୍ତରିକତାର ସହ ସହଯୋଗ କରିବା ପାଇଁ ନୂତନ ସଭାପତି ଶ୍ରୀ ବିଶି ସମସ୍ତଙ୍କୁ ଅନୁରୋଧ କରିଥିଲେ ।

## ମଦ ବିକ୍ରି ବିରୁଦ୍ଧରେ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଡାଙ୍ଗବାହାଲ ପଞ୍ଚାୟତର ବଡ଼ଡୁଙ୍ଗୁରିପାଲି ଗ୍ରାମର ମହିଳା ଏସଏଚଜି ସମେତ ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳ ପଦ୍ମପୁରଙ୍କୁ ଭେଟି ସେହି ଅଞ୍ଚଳରେ ବା ସେହି ଗ୍ରାମରେ ମଦ ବିକ୍ରି ସମ୍ପୁର୍ଣ୍ଣ ବନ୍ଦ କରିବାକୁ ଦାବିପତ୍ର ଦେଇଛନ୍ତି। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ମହିଳାମାନେ ଗାଁ ରେ ମଦ ବିକ୍ରି ବନ୍ଦ ଡାକରା ଦେଇଛନ୍ତି । ସ୍କୁଲ ଛାତ୍ରଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ତୂରନ୍ତ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉପଜିଲ୍ଲାପାଳ ପଦ୍ମପୁରଙ୍କୁ ନିବେଦନ କରିଛନ୍ତି।

## କ୍ୱାର୍ଜ, କ୍ୱାର୍ଜାଇଟ ଖଣିର ଖନନ ବିରୋଧରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ରାୟଗଡା, (ସବ୍ୟୁ) : ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଇରିକୁବାଡି ପଞ୍ଚାୟତ ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣିର ଖନନ ବିରୋଧରେ ଜନପ୍ରତିନିଧି ଏବଂ ଅଞ୍ଚଳ ବାସିନ୍ଦା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବଡ଼ଇରୁକୁବାଡ଼ି, ଗଳିଗାଁ, ପିତାମହଲ ଏବଂ ଚାଢମା ଗ୍ରାମ ପଞ୍ଚାୟତ ସହିତ କ୍ୱାର୍ଜ ଖଣି ପରିକଳ୍ପିତ ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ବାସିନ୍ଦା ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମାସ ୧୨ ତାରିଖରେ ଆୟୋଜିତ ଖଣି ଖନନ ପରିବେଶ ମଞ୍ଜୁରୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଆପତ୍ତି ଏବଂ ବିରୋଧ କରିବାର କାରଣ କ୍ୱାର୍ଜ ଖଣି ଖନନ ହେଲେ ପାହାଡ଼ ଉପରେ ପ୍ରାୟ ୬ ଗୋଟି ଗ୍ରାମର ପ୍ରାୟ ୧୮୦୦ ଲୋକ ବସବାସ କରୁଛନ୍ତି। ସେହିପରି ପାହାଡ଼ ନିକଟସ୍ଥ ପ୍ରାୟ ୧୦ ଗୋଟି ଗ୍ରାମ ଅବସ୍ଥିତର ପ୍ରାୟ ୩ ହଜାର ଲୋକ ବସବାସ କରୁଛନ୍ତି। ତେଣୁ କ୍ୱାର୍ଜ ଯଦି ଖଣି ଉତ୍ତୋଳନ କରାଯାଏ ଜୀବନଜୀବିକା ସହିତ ବାସହରା ହୋଇଯିବୁଛ ଏହା ସହିତ ଆମର ପ୍ରାକୃତିକ ସମ୍ପଦ, ବନଜଙ୍ଗଲ, ପ୍ରାକୃତିକ ସ୍ରୋତ, କୃଷିଭୂମି ଓ ପରିବେଶକୁ ଗୁରୁତର କ୍ଷତି ପହଞ୍ଚାଇବା ସହ ଆମର ସ୍ୱାସ୍ଥ୍ୟ ହାନୀ ଘଟିବ ବୋଲି ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଥାଉକି, ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଇରିକୁବାଡି ପଞ୍ଚାୟତ ଅନ୍ତର୍ଗତ ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ୫୫.୩୯୪ ହେକ୍ଟର ପରିମିତ ଅଂଚଳରେ କ୍ୱାର୍ଜ ଖଣିରୁ ବାର୍ଷିକ ୫୪୫୦୦ ଘନ ମିଟର ଉତ୍ତୋଳନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ସର୍ବ ସାଧାରଣ ଶୁଣାଣି ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପରିବେଶ ମଞ୍ଜୁରୀ ଜନଶୁଣାଣି ଆୟୋଜନ କରାଯାଇଥିଲା । ସେହି ଦିନ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ଜନ ସାଧାରଣ ପ୍ରତ୍ୟାଖାନ କରିଛନ୍ତି ।ଏହାକୁ ପୁଣି ଶୁକ୍ରବାର ଇରୁକୁବାଡି, ପିତାମହଲ, ଗାଜିଗାଁର ସରପଞ୍ଚ , ସମିତି ସଭ୍ୟ ଏବଂ ଅଞ୍ଚଳର ପ୍ରମୁଖ ବ୍ୟକ୍ତି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତ।

## ଜିଲ୍ଲା ସିନିୟର ବାଳିକା ହକି ଦଳର ରାଉରକେଲା ଯାତ୍ରା



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା ହକି ଆସୋସିଏସନର ସିନିୟର ବାଳିକା ଦଳ ଆଜି ଅପରାହ୍ନରେ ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାଉରକେଲା ଯାତ୍ରା କରିଛନ୍ତି । ଦଳର ଦଳପତି ଭାବରେ ରାଜେଶ୍ୱରୀ ନାୟକ ରହିଥିବା ବେଳେ କୋଚ୍ ଭାବରେ ପ୍ରଫୁଲ୍ଲ କୁଲୁ ଓ ଦଳର ମ୍ୟାନେଜର ଭାବରେ ମମତା ନାୟକ ଓ ଜିତେନ୍ଦ୍ର ମହନ୍ତ ରହିଛନ୍ତି । ଶନିବାର ବିଶ୍ରା ମୁଣ୍ଡା ହକି ଷ୍ଟାଡିୟମରେ ଦଳ ପ୍ରଥମ ମ୍ୟାଚ ଗାଙ୍ଗପୁର ହକି ଆସୋସିଏସନ ସହିତ ପ୍ରଥମ ମ୍ୟାଚ ଖେଳିବ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୨୨)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ )

**ଯତ୍ତୁ କୃତ୍ସ୍ନ୍ବଦେକସ୍ମିନ୍ କାର୍ଯ୍ୟେ ସକ୍ତମହୈତୁକମ୍ ।**
**ଅତତ୍ତ୍ୱାର୍ଥବଦଳ୍ପଞ୍ଚ ତତ୍ତାମସମୁଦାହୃତମ୍ ।। ୨୨ ।।**

( ତାମସଂ ଜ୍ଞାନମାହ)–ଯତ୍ (ଜ୍ଞାନ) ଏକସ୍ମିନ୍ କାର୍ଯ୍ୟେ (ଦେହେ ପ୍ରତିମାଦୌ ଚ) କୃତ୍ସ୍ନବତ୍ (ପରିପୂର୍ଣ୍ଣବତ୍) ସକ୍ତଂ (ଏତାବାନେବ ଆତ୍ମା ଈଶ୍ୱରୋ ବା ଇତି ଅଭିନିବେଶଯୁକ୍ତଂ) ଅହୈତୁକଂ (ନିରୁପପତ୍ତିକଂ) ଅତତ୍ତ୍ୱାର୍ଥବତ୍ (ପରମାର୍ଥାବଲମ୍ବନଶୂନ୍ୟଂ) (ଅତଃ) ଅଳ୍ପଂ (ତୁଚ୍ଛଂ) ଚ, ତତ୍ ଜ୍ଞାନନଂ ତାମସଂ ଉଦାହୃତଂ ।।୨୨ ।।

# ଚାଲି ପାରିଲାନି ସଂସଦର ଅଧିବେଶନ

ଭାରତ ପରି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଏହାର ସଂସଦୀୟ ପଦ୍ଧତି ବିଶ୍ୱର ବିଭିନ୍ନ ରାଷ୍ଟ୍ରଦ୍ୱାରା ପ୍ରଶଂସିତ ହୋଇଥିଲା ବେଳେ ଏବଂ ଭାରତର ଗଣତନ୍ତ୍ରକୁ ମନ୍ଦିର ସଦୃଶ ବିଚାର କରାଯାଉଥିବା ବେଳେ, ବିରୋଧୀ ଦଳଗୁଡ଼ିକ ଏହାର ମର୍ଯ୍ୟାଦା ଏବେ ଉପଲବ୍ଧି କରୁନଥିବା ଦୁର୍ଭାଗ୍ୟର ବିଷୟ । ଭାରତରେ ବିଜେପି ଓ ତାହାର ସହଯୋଗୀ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏବେ କେନ୍ଦ୍ରରେ କ୍ଷମତାସୀନ ହୋଇ ବିଭିନ୍ନ ଜନହିତକର କାର୍ଯ୍ୟ କରି ଆସୁଥିବା ବେଳେ ସେ ସବୁ କାର୍ଯ୍ୟର ଭଲ ମନ୍ଦ ଦିଗ ଉପରେ ଗଠନମୂଳକ ସମାଲୋଚନା କରିବା ହେଉଛି ବିରୋଧୀ ଦଳର କର୍ତ୍ତବ୍ୟ । ଭାରତୀୟମାନେ ଏଥିପାଇଁ ଉଭୟ ଶାସକ ଓ ବିରୋଧୀ ଦଳକୁ ସମ୍ମାନ ଦେଇ ଥାଆନ୍ତି । ମାତ୍ର ସଂସଦର ଉଭୟ ଅଧିବେଶନକୁ ବିଭ୍ରାଟ କରିବା ପାଇଁ ବିରୋଧୀ ଦଳର ଉଦ୍ୟମକୁ ଭାରତର ଜନସାଧାରଣ ଆଉ ଗ୍ରହଣ କରି ପାରୁ ନାହାନ୍ତି । ବିହାରର ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କିମ୍ବା ନିଜକୁ ଦେଖାଇ ହେବା କାରଣରୁ ହେଉ, ସଂସଦର ମୌସୁମୀ ଅଧିବେଶନକୁ ଚଳାଇ ନ ଦେବା ବିରୋଧୀ ଦଳ ପାଇଁ ଫଳପ୍ରଦ ହୋଇ ନପାରେ ବୋଲି କୁହାଯାଉଛି ।

ଏହି ମୌସୁମୀ ଅଧିବେଶନ ସମୟରେ ଲୋକସଭା ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରୁ ମାତ୍ର ୩୦ ପ୍ରତିଶତ ଅଧିବେଶନ ଚାଲି ପାରିଛି । ସେହିପରି ରାଜ୍ୟସଭା ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରୁ ପ୍ରାୟ ୩୯ ପ୍ରତିଶତ ଉପଯୋଗ ହୋଇପାରିଛି । ବିରୋଧୀ ଦଳର ବିନା ଆଲୋଚନାରେ ଶାସକ ଦଳ ଲୋକସଭାରେ ୧୨ ଗୋଟି ବିଧେୟକ ବା ବିଲ୍‌କୁ ପାରିତ କରିପାରିଲେ ଏବଂ ରାଜ୍ୟସଭାରେ ୧୫ ଗୋଟି ବିଧେୟକ ମଧ୍ୟ ଗୃହର ଅନୁମୋଦନ ଲାଭ କରି ପାରିଛି । ଲୋକସଭାରେ ପାରିତ ହୋଇଥିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଧେୟକ ହେଉଛି 'ଭାରତୀୟ ବନ୍ଦର ବିଲ୍, ୨୦୧୫' । ଏହି ବିଲ୍‌ଟି ଭାରତୀୟ ବନ୍ଦର ଆଇନ ୧୯୦୮କୁ ପରିବର୍ତ୍ତନ କରିବ । ସେହିପରି ରାଜ୍ୟସଭାରେ ୧୫ ଗୋଟି ବିଲ୍ ବା ବିଧେୟକ ପାରିତ ହୋଇଛି । ବିରୋଧୀ ଦଳର ହୋ ହଲ୍ଲା ସତ୍ତ୍ୱେ 'ଅନ୍‌ଲାଇନ୍ ଗେମିଙ୍ଗ ବିଲ୍' ମଧ୍ୟ ପାରିତ ହୋଇଛି । ଜାତୀୟ କ୍ରୀଡା ସଂସ୍ଥାକୁ ସ୍ୱୀକୃତି ଦେବା ସହିତ ସେଗୁଡ଼ିକ ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଜାତୀୟ କ୍ରୀଡା ପ୍ରଶାସନ ବିଲ୍ ମଧ୍ୟ ଉଭୟ ଲୋକସଭା ଓ ରାଜ୍ୟସଭାରେ ବିନା ଆଲୋଚନାରେ ପାରିତ ହୋଇଥିଲା । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଧେୟକଗୁଡ଼ିକ ଯାହା ସଂସଦରେ ପାରିତ ହୋଇଥିଲା, ସେଗୁଡ଼ିକ ହେଲା ଗୋଆ, ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁସୂଚୀତ ଉପଜାତିର ପ୍ରତିନିଧିତ୍ୱ କ୍ଷେତ୍ରକୁ ପୁନର୍ବାର ସଜାଡ଼ିଦବା, ବାଣିଜ୍ୟିକ ପରିବହନ ବିଧେୟକ ଓ ଆୟକର ବିଧେୟକ ଅନ୍ତର୍ଭୁକ୍ତ ଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୧ ଅଗଷ୍ଟ ୨୦୨୫ରେ ସଂସଦର ଅଧିବେଶନ ଶେଷ ହୋଇଥିବାରୁ ବିରୋଧୀ ଦଳକୁ ଦାୟୀ କରି କହିଛନ୍ତି ଯେ ବିରୋଧୀ ଦଳର ବଡ଼ନେତାମାନେ ସେହି ଦଳର ଯୁବ ସାଂସଦମାନଙ୍କ କାର୍ଯ୍ୟକଳାପକୁ ଡାଙ୍କିବା ଲାଗି ଏପରି ହୀନ ଉଦ୍ୟମ ଆରମ୍ଭ କରିଛନ୍ତି । ଫଳରେ ବିରୋଧୀ ଦଳର ଯୁବ ସାଂସଦମାନେ ସରକାରଙ୍କୁ ଗଠନମୂଳକ ଭାବେ ସମାଲୋଚନା କରିବା ଓ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯିବା କ୍ଷେତ୍ରରେ ଜ୍ଞାନାର୍ଜନ କରିଥିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି । ବିହାର ନିର୍ବାଚନ ସଂକ୍ରାନ୍ତରେ ବିରୋଧୀ ଦଳର ଯୁକ୍ତି ପଛରେ କୌଣସି ଯୋଗ୍ୟତାଭିତ୍ତିକ ପ୍ରମାଣ ନାହିଁ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ।

ସେହିପରି ଲୋକସଭାର ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ସଂସଦର ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ରଖାଯିବାରୁ, ବିରୋଧୀ ଦଳର ଅସହଯୋଗ ଲାଗି କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ସଂସଦର ଚଳିତ ମୌସୁମୀ ଅଧିବେଶନରୁ ଜଣାପଡ଼ିଲା ଯେ ବିରୋଧୀ ଦଳ କେତେ ନିମ୍ନ ସ୍ତରକୁ ଯାଇ ପାରନ୍ତି । ସଂସଦର ମର୍ଯ୍ୟାଦା ପ୍ରତି ସେମାନଙ୍କର ସମ୍ମାନବୋଧ ମଧ୍ୟ ନାହିଁ ଏବଂ ବିହାର ଭୋଟର ତାଲିକାର ସଂଶୋଧନ ସକାଶେ ବିରୋଧୀ କଂଗ୍ରେସ ଓ ସେମାନଙ୍କ ସହଯୋଗୀ ଦଳର ଦାବି ଜଣାଇବାକୁ ସଂସଦକୁ ଅଚଳ କରାଯିବା ଠିକ୍ ହୋଇନାହିଁ ବୋଲି ଶ୍ରୀ ବିର୍ଲା କହିଛନ୍ତି ।

ପ୍ରକୃତରେ 'ଅପରେସନ ସିନ୍ଦୂର' ଓ ପହଲଗାମ ଆକ୍ରମଣ ପରେ ଦେଶର ନିରାପତ୍ତା ବିରୋଧୀ ଦଳ ଦୃଷ୍ଟିରେ ଯେପରି ଆଦୌ ଗୁରୁତ୍ୱପୂର୍ଣ୍ଣ ଘଟଣା ନଥିଲା । ବିରୋଧୀ କଂଗ୍ରେସ ଦଳ ଓ ତାଙ୍କର ମେଣ୍ଟ କେବଳ ଗୋଟିଏ ରାଜ୍ୟ ପାଇଁ ଚିତ୍କାର କରିବା କେତେଦୂର ସମୀଚୀନ ? ବିରୋଧୀ ଦଳ ସାରା ଭାରତ ବର୍ଷର । ନିର୍ଦ୍ଦିଷ୍ଟ କୌଣସି ରାଜ୍ୟର ନୁହେଁ । ଏପରି ହେଲେ ଅନ୍ୟ ରାଜ୍ୟମାନେ ବିରୋଧୀ ଦଳ ଉପରେ ସନ୍ତୋଷ ପ୍ରକାଶ କରିବେ ନାହିଁ । ବିରୋଧୀ ଦଳ ମଧ୍ୟରେ କେତେକ ବରିଷ୍ଠ ନେତା ଓ କନିଷ୍ଠ ସାଂସଦଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଉ ନାହିଁ ତ ? ଏହା ହେଲେ ସାରା ଭାରତରେ ବିରୋଧୀ ଦଳ କ୍ଷତିଗ୍ରସ୍ତ ହେବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ । ଏ ସବୁ ବିଷୟକୁ ବିରୋଧୀ ଦଳ ଗୁରୁତର ଭାବେ ବିଚାର କରିବା ଉଚିତ ।

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ–ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦେଶମୁକ୍ତି ଯଜ୍ଞରେ କୋରାପୁଟିଆଙ୍କ ବଳିଦାନ



## ପ୍ରହଲାଦ କୁମାର ସିଂହ

ସ୍ୱାଧୀନତା ପାଇଁ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧି ୧୯୪୨ ମସିହାରେ 'ଭାରତ ଛାଡ଼' ଆନ୍ଦୋଳନ ଘୋଷଣା କରିବା ସହିତ ଦେଶବାସୀଙ୍କୁ ଦେଇଥିଲେ 'କର ବା ମର' ମହାମନ୍ତ୍ର । ଏଥିରେ ଅଭିମନ୍ତ୍ରିତ ହୋଇ ସାରା ଦେଶ ସମେତ ଓଡ଼ିଶାର କୋଣ ଅନୁକୋଣରେ ବିପ୍ଳବର ବହ୍ନି ଜଳିଥିବା ବେଳେ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦେଶ ମାତୃକା ପାଇଁ ବଳିଦାନ ଦେଇଛନ୍ତି ଅନ୍ୟୁନ ୮୩ଜଣ ସତ୍ୟାଗ୍ରହୀ । ତେବେ ଇତିହାସ ପୃଷ୍ଠାରେ ଏହି ବଳିଦାନର ଅମର ଗାଥା ଯେଭଳି ସ୍ଥାନ ପାଇବା କଥା ତାହା ଏ ପର୍ଯ୍ୟନ୍ତ ହୋଇନାହିଁ ।

ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ ଆଦିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଯୋଗଦାନ ରହିଥିଲା । କିନ୍ତୁ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଏଠାକାର ଆଦିମ ଅଧିବାସୀମାନେ ପ୍ରମାଣ କରିଦେଲେ ଯେ ଏ ମାଟି ବଳିଦାନର । କୋରାପୁଟର କଥା ଅଛି, 'ଦେଶୀୟା ମାତେ ନାହିଁ, ଥରେ ମାତିଲେ ଛାଡ଼େ ନାହିଁ'। ପ୍ରକୃତି ମାତାର କୋଳରେ ବଣ, ପାହାଡ଼, ନଈ, ଝରଣା ପରିବେଷ୍ଟନୀରେ ରହୁଥିବା ମୂଳ ଆଦିବାସୀ ଯେମିତି ସରଳ ସେମିତି ନିଷ୍କପଟ, ଯାହାକୁ ସେ ଥରେ ଭଲ ପାଇଯାଏ ତା' ପାଇଁ ଜୀବନ ଦେବାକୁ ପଛାଏ ନାହିଁ । ଆଉ ଯାହାକୁ ଭୟ, ଘୃଣା ଓ ଅବିଶ୍ୱାସ କରେ ତା ପାଇଁ ତା ମନ ଭିତରେ ଜଳେ ବିପ୍ଳବର ବହ୍ନି ଶିଖା । ସେ ବିଶ୍ୱାସଘାତକତା ଶିଖିନାହିଁ । ତ୍ୟାଗ ଓ ସେବା ତା'ର ମନ ଆଇନାରେ ଛାଇ ହୋଇ ରହିଥାଏ । ବୁଝିସୁଝି କୌଣସି ଭଲ କାମ ପାଇଁ ସେ ଆଗକୁ ଯେଉଁ ପାଦ ବଢ଼ାଏ ତାହା ଆଉ କେବେ ପଛକୁ ଫେରେ ନାହିଁ । ମୂଳ କୋରାପୁଟ ଜିଲ୍ଲାରୁ ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଛି ଆଉ ତିନୋଟି ଜିଲ୍ଲା ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା । ସ୍ୱାଧୀନତାର ଗଣପର୍ବରେ ଏହି ଅଞ୍ଚଳର ଢେର ଅବଦାନ ରହିଛି । ମହାତ୍ମା ଗାନ୍ଧି କେବେ କୋରାପୁଟ ଆସିନଥିଲେ ମଧ୍ୟ ତାଙ୍କ ବିଚାର ଓ କାମକୁ ଆଗେଇ ନେବା ଲାଗି ସଂକଳ୍ପବଦ୍ଧ ଭାବରେ କୋରାପୁଟିଆମାନେ ଯେଭଳି ଜୀବନକୁ ବାଜି ଲଗାଇ ଦେଲେ, ତାହା ବର୍ତ୍ତମାନର ପିଢ଼ି ହୁଏତ କଳ୍ପନା କରିପାରିବେ ନାହିଁ ।

୧୯୪୨ ଅଗଷ୍ଟ ୮ ତାରିଖରେ ବମ୍ବେରେ ଗାନ୍ଧିଜୀ ଭାରତଛାଡ଼ ଆନ୍ଦୋଳନର ଡାକରା ଦେବା ସହିତ ଦେଶ ମାତୃକା ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର ଲାଗି କର ବା ମର ଆହ୍ୱାନ ଦେଇଥିଲେ । ବମ୍ବେ ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ଅଂଶଗ୍ରହଣ କରିଥିଲେ କୋରାପୁଟ ମାଟିର ସମର୍ପିତ ସଂଗଠକ ରାଧାକୃଷ୍ଣ ବିଶ୍ୱାସରାୟ । ବମ୍ବେରେ ବହୁ ନେତାଙ୍କୁ ଗିରଫ କରାଯାଇଥିବାବେଳେ ପୁଲିସ ଆଖିରେ ଧୂଳି ଦେଇ ଖସି ଆସିଥିଲେ ବିଶ୍ୱାସରାୟ ଏବଂ ତାଙ୍କର ଗୋପନ ବାର୍ତ୍ତାକୁ ବିଶ୍ୱାସକୁ ନେଇ ମରଣକୁ ବରଣ କରିବା ପାଇଁ ଡେଇଁ ପଡ଼ିଥିଲେ ଗାନ୍ଧି ଗୁମାସ୍ତାମାନେ । କଂଗ୍ରେସ ସଂଗଠନକୁ ବେଆଇନ୍ ଘୋଷଣା କରାଯିବା ସହ ଅବିଭକ୍ତ କୋରାପୁଟର ଅଗ୍ରଗଣ୍ୟ ନେତାମାନଙ୍କୁ ବି ଗିରଫ କରି ନିଆଗଲା । ଓଡ଼ିଶା ସମେତ ସାରା ଦେଶର ପ୍ରାୟ ସବୁ ସଂଗ୍ରାମୀ ନେତା ଜେଲ୍‌ରେ ଥିବାବେଳେ ସ୍ଥାନୀୟ ଲୋକେ ସ୍ୱାଧୀନତା ଆନ୍ଦୋଳନକୁ ଜୋରଦାର କରି ସଭା, ସମିତି, ଶୋଭାଯାତ୍ରା, ଥାନା ଘେରାଉ ଆଦି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଏହି କ୍ରମରେ ପୁଲିସ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଯେତେ କର୍ମୀଙ୍କୁ ଗିରଫ କଲେ ବି ଆନ୍ଦୋଳନ କମିବା ପରିବର୍ତ୍ତେ ଜଙ୍ଗଲର ନିଆଁ ଭଳି ବ୍ୟାପିବାକୁ ଲାଗିଥିଲା । ଏହି କ୍ରମରେ ୧୯୪୨ ଅଗଷ୍ଟ ୨୧ରେ ମାଲକାନଗିରିର ମାଥିଲି ଥାନା ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ଲାଗି ଯୁବ ସଂଗ୍ରାମୀ ଲକ୍ଷ୍ମଣ ନାଏକଙ୍କ ନେତୃତ୍ୱରେ ହଜାର ହଜାର ଜନତା ଯେଉଁ ଅଭିଯାନ କରିଥିଲେ ତାହାର ଫଳ ହେଲା ପୁଲିସର ଗୁଳି ଚାଳନାରେ ଅନ୍ୟୁନ ୬ଜଣ ସତ୍ୟାଗ୍ରହୀଙ୍କ ବଳିଦାନ ଏବଂ ମିଛ ମାମଲାରେ ଶହୀଦ ଲକ୍ଷ୍ମଣ ନାଏକଙ୍କୁ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦଣ୍ଡ ସହିତ ଆଉ ୪୯ଜଣଙ୍କୁ କାରାଦଣ୍ଡ ।

ମାଥିଲି ଗୁଳିକାଣ୍ଡରେ ଭୟଭୀତ ନହୋଇ ଅଗଷ୍ଟ ୨୩ ରାତିରେ ବାଘ ସିଉନୀ ଗାଁର ଅନ୍ୟତମ ସଂଗଠକ ମାଧବ ପ୍ରଧାନୀଙ୍କ ଡାକରାରେ ଲୋକେ ମେଳି କଲେ । ନିଷ୍ପତ୍ତି ନିଆଗଲା ପରଦିନ ସକାଳୁ ସେମାନେ ବିଭିନ୍ନ ଅଞ୍ଚଳରୁ ଆସିବେ ବର୍ତ୍ତମାନର ନବରଙ୍ଗପୁର ଜିଲ୍ଲା ଅନ୍ତର୍ଭୁକ୍ତ ପାପଡ଼ାହାଣ୍ଡିକୁ । ଗୁମ୍ମାଗୁଡ଼ାରୁ ଏହି କ୍ରମରେ ବାହାରିଲା ବିଶାଳ ଶୋଭାଯାତ୍ରା। ଖବର ପାଇ ନବରଙ୍ଗପୁର, କୋରାପୁଟ ଆଦିରୁ ସଶସ୍ତ୍ର ପୁଲିସ ବାହିନୀ ଛୁଟିଲେ ପାପଡ଼ାହାଣ୍ଡିକୁ । ଧାରା ଶ୍ରାବଣର ବାଦଲ ଫଟା ବର୍ଷାରେ ଉଛୁଳୁଥାଏ ଟୁରୀ ନଦୀର ଦୁଇପାଖ । ନଈ ଉପରେ ପାପଡ଼ାହାଣ୍ଡିରେ ଥାଏ ଏକ କାଠ ପୋଲ । ହଜାର ହଜାର ସଂଗ୍ରାମୀ ହାତରେ ତ୍ରିରଙ୍ଗା ଝଣ୍ଡା ଧରି ଭାରତ ମାତାକି ଜୟ, ମହାତ୍ମା ଗାନ୍ଧି କି ଜୟ ଆଦି ଧ୍ୱନୀରେ ଗଗନ ପବନ ମୁଖରିତ କରି ଆଗକୁ ଆଗକୁ ମାଡ଼ି ଚାଲିଥାନ୍ତି ସ୍ୱାଧୀନତା ଲାଗି ପାଗଳ ହୋଇ । ଟୁରୀ ନଦୀର ପୋଲର ଗୋଟିଏ ପାଖ ପୁଲିସ ଅବରୁଦ୍ଧ କରିଥିବା ବେଳେ ଶୋଭାଯାତ୍ରାକାରୀମାନଙ୍କ ପଛରୁ ବି ସଶସ୍ତ୍ର ପୁଲିସ ଫୌଜ ଆସୁଥାନ୍ତି । ପୋଲ ଉପରେ ବି ତୋପ ରଖାଯାଇଥାଏ । ଶୋଭାଯାତ୍ରାକାରୀଙ୍କ ସହିତ ପୁଲିସ ପ୍ରଥମେ ଧସ୍ତାଧସ୍ତି କରିବା ପରେ ଲାଠି ଓ ଫାଙ୍କା ଗୁଳିଚାଳନା କଲା । ଏହା ପରେ ପରେ ଆନ୍ଦୋଳନକାରୀଙ୍କ ଉପରକୁ ଆଖିବୁଜା ଗୁଳି ଚାଳନା ହେଲା । ଏଥିରେ ନଈ ପୋଲ ଉପରେ ୧୧ଜଣ ସତ୍ୟାଗ୍ରହୀ ଶହୀଦ ହେଲେ । ଆଉ ୮ଜଣଙ୍କ ମୃତ୍ୟୁ ହେଲା ନବରଙ୍ଗପୁର ଡାକ୍ତରଖାନାରେ । ପାପଡ଼ାହାଣ୍ଡି ଗୁଳିକାଣ୍ଡରେ ଆଉ କେତେ ଆହତ ଭରା ନଈକୁ ଡେଇଁପଡ଼ି ଭାସିଗଲେ ତାହାର ହିସାବ ନାହିଁ । ଟୁରୀ ନଦୀର ଜଳ ରକ୍ତାକ୍ତ ହେଲା । ଏହାର ସାକ୍ଷୀ ଭାବେ ପାପଡ଼ାହାଣ୍ଡିରେ ଛିଡ଼ା ହୋଇଛି ଶହୀଦ ମିନାର । ଏହି ସ୍ମୃତିସ୍ତମ୍ଭରେ ଯେଉଁ ୧୯ ଜଣ ଶହୀଦଙ୍କ ନାମ ଖୋଦିତ ହୋଇ ରହିଛି ସେମାନେ ହେଲେ– ଭଗବାନ ପୂଜାରୀ, ବିକ୍ରମ ଭତରା, ଖଗପତି ଅମନାତ୍ୟ, ପରମାନନ୍ଦ ଶବର, ଆନନ୍ଦ ଗୌଡ଼, ବଳି ସଉରା, ରତନ ରମ୍ଭାରୀ, ବୁଦ୍ଧୁ ଅମନାତ୍ୟ, ମଙ୍ଗୁରୁ ଭତରା, ଜଗନ୍ନାଥ ଅମନାତ୍ୟ, ଶୁକ୍ରୁ ମୁଦୁଲି, ସହଦେବ ପୂଜାରୀ, ସଦାଶିବ ରଣା, ରାମଚନ୍ଦ୍ର ଅମନାତ୍ୟ, ରତନ ପୂଜାରୀ, ଘାସି ଜାନୀ, ସୁଦୁ ଭତରା ଓ ଶ୍ୟାମସୁନ୍ଦର ଗୌଡ଼ । ଏହି ଗୁଳିକାଣ୍ଡରେ ଶତାଧିକ ସଂଗ୍ରାମୀ ଆହତ ହେଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ଅକର୍ମଣ୍ୟ ହୋଇଯାଇଥିବା ବେଳେ ଆଉ କେତେକଙ୍କ ପରବର୍ତ୍ତୀ ସମୟରେ ମୃତ୍ୟୁ ଘଟିଲା ।

ପାପଡ଼ାହାଣ୍ଡି ଗୁଳିକାଣ୍ଡ ପରେ ଗାଁ ଗାଁରେ ନିର୍ଦ୍ଦୟ ପୁଲିସର ନିର୍ଯାତନା ବଢ଼ି ଚାଲିଲା । ଏଥିରୁ ଶିଶୁ, ମହିଳା ଏବଂ ବୃଦ୍ଧବୃଦ୍ଧାମାନେ ବି ବାଦ୍ ପଡ଼ିଲେ ନାହିଁ । ଅତିକମ୍‌ରେ ୧୪୦ଜଣଙ୍କୁ ବିଭିନ୍ନ ଗାଁରୁ ଗିରଫ କରାଗଲା । ପାପଡ଼ାହାଣ୍ଡିର ଶହୀଦ ଓ ସତ୍ୟାଗ୍ରହୀମାନେ ଫାଣ୍ଡି ପୋଡ଼ିବାକୁ ଆସୁଥିଲେ ଏବଂ ବାଟରେ ପୁଲିସ ଉପରେ ଆକ୍ରମଣ କରିଥିଲେ ବୋଲି ମିଛ ଅଭିଯୋଗ ଆଣି ୯୨ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏହି ସଂଗ୍ରାମୀମାନଙ୍କ ଭିତରୁ ୧୭ଜଣଙ୍କର କୋରାପୁଟ ଜେଲ୍‌ରେ ଓ ୭ଜଣଙ୍କର ନବରଙ୍ଗପୁର ଜେଲ୍‌ରେ ମୃତ୍ୟୁ ହୋଇଥିଲା । ଏହାଛଡ଼ା ଗାଁ ଗାଁରେ ପୁଲିସର ନିର୍ମମ ନିର୍ଯାତନାରେ ଆଉ ଅନେକ ଶହୀଦ ହୋଇଥିଲେ । ଏମିତିକି ନିର୍ଯାତନା ସହି ନପାରି କେତେକ ମଧ୍ୟ ଆତ୍ମହତ୍ୟା କଲେ ।

ଗୁଣପୁର ନିକଟବର୍ତ୍ତୀ ଆଦିବାସୀ ଅଧ୍ୟୁଷିତ କୁଜେନ୍ଦ୍ରୀ ଗାଁରେ ସ୍ୱାଧୀନତା ଆନ୍ଦୋଳନ ଏତେ ତୀବ୍ର ହୋଇଥିଲା ଯେ ଏଠାରୁ ଲୋକେ ଶୋଭାଯାତ୍ରାରେ ଯାଇ ୩ଦିନ ଧରି ଗୁଣପୁର ସହରର ସରକାରୀ ଦପ୍ତରଗୁଡ଼ିକୁ ଅଚଳ କରିଦେଇଥିଲେ । କୁଜେନ୍ଦ୍ରୀରୁ କେବଳ ୨୧ଜଣ ମହିଳା ଓ ୩୫ଜଣ ପୁରୁଷ ଗିରଫ ହୋଇ କାରାଦଣ୍ଡ ଭୋଗିଥିଲେ । ଉମରକୋଟ, ସିମିଳିଗୁଡ଼ା, ନବରଙ୍ଗପୁର, କୋରାପୁଟ, ଜୟପୁର, ମାଥିଲି, ରାୟଗଡ଼ା, ଡାବୁଗାଁ ଆଦି ଅଞ୍ଚଳରେ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା । ସଦାଶିବ ତ୍ରିପାଠୀ, ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, ବିଶ୍ୱନାଥ ପଟ୍ଟନାୟକ, ମହମ୍ମଦ ବାଜି, ଲକ୍ଷ୍ମୀଚନ୍ଦ୍ର ଦାସ, ଲକ୍ଷ୍ମଣ ନାଏକ, ମାଧବ ପ୍ରଧାନୀ, ଜୟ ଅମନାତ୍ୟ, ଲାବଣ୍ୟ ଭତରା, କୁଶ ଗଣ୍ଡ, ଚକ୍ରପାଣି ଡମ୍ବ, ବଳରାମ ଗଣ୍ଡ, ବୁଦ୍ଧୁ ଅମନାତ୍ୟ, ବଳରାମ ପୂଜାରୀ, ରଘୁନାଥ ଭୂୟାଁ, ନରସିଂହ ଡମ୍ବ, ରବିସିଂ ମାଝୀ, ଘାସି ଜାନୀ, ଖଗପତି ପୂଜାରୀ, ସଦାଶିବ ବେହେରା, ବଗା ପୂଜାରୀ, କାଳିଆ ମାଝୀ ଆଦି ବିଭିନ୍ନ ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ ।

୧୯୪୨ ଅଗଷ୍ଟ ଆନ୍ଦୋଳନରେ ଜୀବନ ଦେଇଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ୮୩ଜଣ ବୀର ଶହୀଦଙ୍କ ନାମ 'କୋରାପୁଟିଆର ସ୍ୱରାଜ ସଂଗ୍ରାମ', ବିଶ୍ୱନାଥ ପଟ୍ଟନାୟକଙ୍କ ଜୀବନୀ 'ଆଜ୍ଞା' ଆଦି ପୁସ୍ତକରେ ଦେଖିବାକୁ ମିଳେ । ସେ ସମୟରେ କୋରାପୁଟ ଜେଲ୍‌ରେ ପ୍ରାୟ ୩୦୦ ବନ୍ଦୀ ରହିବାର ବ୍ୟବସ୍ଥା ଥିବାବେଳେ ୧୪୦୦ରୁ ଅଧିକ କଏଦୀଙ୍କୁ ଅତି ଅମାନବୀୟ ଭାବରେ ରଖାଯାଉଥିଲା ଏବଂ ଏଠାରେ ୫୦ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ମୃତ୍ୟୁ ଘଟିଥିଲା । ଏ ସଂକ୍ରାନ୍ତରେ ୧୯/୦୧/୧୯୪୬ରେ ଏକ ଇଂରାଜୀ ଖବରକାଗଜରେ 'ଗ୍ରୁସମ୍ ଷ୍ଟୋରୀ ଅଫ୍ ବେଲ୍‌ସନ୍ ଅଫ୍ ଓରିଶା' ଶୀର୍ଷକ ଯେଉଁ ସମ୍ବାଦ ପ୍ରକାଶ ପାଇଥିଲା, ତାହାର ଓଡ଼ିଆ ଅନୁବାଦ ଏହିପରି– 'ଯେତେବେଳେ ଜର୍ମାନୀର ବେଲ୍‌ସନ୍ କନ୍‌ସେନ୍‌ଟ୍ରେସନ୍ ଶିବିରର ଭୟାବହ ଘଟଣା ଜଗତ ଜାଣିଲା, ସେତେବେଳେ ମଣିଷ ସମାଜ ଚକିତ ହୋଇଯାଇଥିଲା। ନାଜିମାନେ ରାକ୍ଷସ ଓ ବେଲ୍‌ସନ୍ ସେମାନଙ୍କ ରାକ୍ଷସ ପ୍ରକୃତିର ପ୍ରତୀକ ବୋଲି କୁହାଯାଉଥିଲା। କିନ୍ତୁ ଯେଉଁମାନେ ନାଜି ଓ ନାଜିବାଦ୍ ବିରୋଧରେ ଲଢୁଥିଲେ ସେମାନେ କଣ? ଯେଉଁମାନେ ନିଜକୁ ସଭ୍ୟ ଜାତି ବୋଲି ଦାବି କରନ୍ତି ସେମାନେ କି ପ୍ରକାରର ସଭ୍ୟ? ବ୍ରିଟିଶର ଏକ ପ୍ରଦେଶ ଓଡ଼ିଶାର କୋରାପୁଟ ଜେଲ୍‌ରେ ୫୦ଜଣ ରାଜନୈତିକ ବନ୍ଦୀଙ୍କ ଅକାଳ ମୃତ୍ୟୁ ଘଟିଛି । ସେମାନଙ୍କ ଜୀବନ ସ୍ୱାଧୀନତା ପାଇଁ ସମର୍ପିତ । ସେମାନେ ଥିଲେ ସ୍ୱାଧୀନତାର ସୈନିକ ଯେଉଁମାନଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ସାହସର ସହ ମୃତ୍ୟୁର ସମ୍ମୁଖୀନ ହେଉଥିଲା। ବିଶ୍ୱକୁ ବଞ୍ଚିବା ଯୋଗ୍ୟ କରିବା ପାଇଁ ସେମାନେ କାମ କରୁଥିଲେ ଏବଂ ଏକ ଈର୍ଷା ପ୍ରଣୋଦିତ ହିଂସା ବ୍ୟବସ୍ଥା ସେମାନଙ୍କୁ କାରାରୁଦ୍ଧ ଅବସ୍ଥାରେ ହତ୍ୟା କଲା ।'

ସ୍ୱାଧୀନତା ସଂଗ୍ରାମକୁ ଅବିଭକ୍ତ କୋରାପୁଟର ବଳିଦାନ ସଂକ୍ରାନ୍ତରେ ଲୋକନାୟକ ଜୟପ୍ରକାଶ ନାରାୟଣ ୧୯୪୫ ମସିହାରେ ଡାବୁଗାଁ ସଭାରେ କହିଥିଲେ–'ଭାରତର ସ୍ୱାଧୀନତା ପାଇଁ କୋରାପୁଟ ଜିଲ୍ଲାର ଅବଦାନ ବହୁ ଉଚ୍ଚରେ । ଗାନ୍ଧି କାମର ଅପୂର୍ବ ସାଫଲ୍ୟ ଏହି ଆଦିବାସୀ ଜିଲ୍ଲାରେ ଦେଖିବାକୁ ମିଳେ । ଗାନ୍ଧିଜୀଙ୍କ ସ୍ୱରାଜ ଡାକରାରେ କୋରାପୁଟ ଜିଲ୍ଲା ଯେଉଁ ଆତ୍ମବଳିଦାନ ଓ ତ୍ୟାଗର ପରାକାଷ୍ଠା ଦେଖାଇଥିଲା ତାହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ ।' ୧୯୫୫ ମସିହାରେ ସନ୍ଥ ବିନୋବା ଭାବେ ତେନ୍ତୁଳିଖୁଣ୍ଟିର ବିଞ୍ଜିଗୁଡ଼ାରେ ଅନୁଷ୍ଠିତ ସଭାରେ କହିଥିଲେ– 'ମୁଁ ଓଡ଼ିଶା ସମେତ ସାରା ଦେଶରେ ୧୩ମାସ ଧରି ପଦଯାତ୍ରା କରିଛି । କୋରାପୁଟ ଜିଲ୍ଲା ବୁଲିବା ପରେ ମୁଁ ଅନୁଭବ କରୁଛି ଯେ ଦେଶ ପାଇଁ ଏହି ଜିଲ୍ଲା ବିଶେଷକରି ନବରଙ୍ଗପୁର ଅଞ୍ଚଳର ଅବଦାନ ସର୍ବାଧିକ ରହିଛି । ଗାନ୍ଧି କାମ ପ୍ରକୃତରେ କୋରାପୁଟ ଜିଲ୍ଲାରେ ହିଁ ଭଲ ଭାବେ ହୋଇଛି । ଏ ଜାତିର ସ୍ୱାଧୀନତା ପାଇଁ ଏ ଅଞ୍ଚଳ ଅତୁଳନୀୟ ବଳିଦାନ ଓ ତ୍ୟାଗର ନିଦର୍ଶନ ଦେଖାଇଛି ।' ପରବର୍ତ୍ତୀ ସମୟରେ ଇରମ୍, ତୁଡ଼ିଗଡ଼ିଆ–ଖଇରାଡିହି, ଲୁଣିଆ, କାଇପଡ଼ା–କଳାମାଟିଆ, ନିମାପଡ଼ା ଆଦି ବହୁ ସ୍ଥାନରେ ଭାରତ ଛାଡ଼ ଆନ୍ଦୋଳନ କାଳରେ ଓଡ଼ିଆ ଶହୀଦଙ୍କ ରକ୍ତରେ ଦେଶ ମାତୃକାର ପଣତ କାନି ଲାଲ ହୋଇଛି । ଏହାଛଡ଼ା ଆମ୍‌କୋ ସିମ୍‌କୋ, ଭୁବନ, ନୀଳକଣ୍ଠପୁର ସମେତ ନୀଳଗିରି, ତାଳଚେର, ଢେଙ୍କାନାଳ, ନୟାଗଡ଼, ସୋନପୁର ଆଦି ଗଡ଼ଜାତ ଅଞ୍ଚଳରେ ବି ଦେଶ ମାତୃକା ପାଇଁ ଅନେକ ବଳିଦାନ ଦେଇଛନ୍ତି ।

**ପାପଡ଼ାହାଣ୍ଡି, ମାଥିଲିରୁ ଇରମ୍ ପର୍ଯ୍ୟନ୍ତ ଶହୀଦ ପୀଠମାନଙ୍କରେ ଥିବା ସ୍ମୃତିସ୍ତମ୍ଭ ସବୁ ଆଜିର ଦିନରେ ଆମକୁ ଡାକିଡାକି ଦେଶ ମାତୃକା ପାଇଁ ଆତ୍ମୋତ୍ସର୍ଗ କରି କଷ୍ଟଲବ୍ଧ ସ୍ୱରାଜକୁ ସ୍ୱର୍ଗ ରାଜ୍ୟରେ ପରିଣତ କରିବା ଲାଗି ଚେତାଇ ଦେଉଛନ୍ତି । ହଜାର ହଜାର ଶହୀଦଙ୍କ ବଳିଦାନ ଓ ଲକ୍ଷ ଲକ୍ଷ ସଂଗ୍ରାମୀଙ୍କ କାରା ଓ ନିର୍ଯାତନା ବରଣ ପୃଷ୍ଠଭୂମିରେ ଆମେ ଯେଉଁ ସ୍ୱାଧୀନତା ପାଇଛୁ ତାହାକୁ ସୁରକ୍ଷିତ ଓ ସମୃଦ୍ଧ କରିବାର ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ଶହୀଦ ଓ ସଂଗ୍ରାମୀମାନଙ୍କ ଅତୃପ୍ତ ଆତ୍ମା ଏବେ ବି ଚେତାଇ ଦେଉଛି ।**

ମୋ– ୯୪୩୭୦୧୭୩୯୫
*E-mail: prahalladsinha@gmail.com*

# ସନାତନ ସଂସ୍କୃତିରେ ଗୁରୁ–ଶିଷ୍ୟ ପରମ୍ପରା

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଭାରତୀୟ ସଂସ୍କୃତିରେ ଗୁରୁ–ଶିଷ୍ୟର ମହାନ ପରମ୍ପରା ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଅଛି । ଏହି ମହିମାମଣ୍ଡିତ ପରମ୍ପରା ଅନୁଯାୟୀ ଗୁରୁ ନିଜର ପୂର୍ଣ୍ଣଜ୍ଞାନ ଶିଷ୍ୟଙ୍କୁ ପ୍ରଦାନ କରିବାରେ ବେଶ୍ ଯତ୍ନବାନ ହେଉଥିଲେ । ଧର୍ମନିରପେକ୍ଷ ଭାରତବର୍ଷରେ ହିନ୍ଦୁ ,ଶିଖ୍ ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏହି ଗୌରବାବହ ପରମ୍ପରା ବଜାୟ ରହିଥିବା ପରିଲକ୍ଷିତ ହେଉଥିଲା । ସନାତନୀ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ଭୂମିକା ବେଶ୍ ମହତ୍ତ୍ୱ ବହନ କରେ । ଗୁରୁ ବ୍ରହ୍ମା,ବିଷ୍ଣୁ ମହେଶ୍ୱର ରୂପେ ସୁବିଦିତ । କହିବା ବାହୁଲ୍ୟ ଯେ, ଗୁରୁଙ୍କୁ ଭଗବାନ ଗୋବିନ୍ଦଙ୍କ ମାନ୍ୟତା ପ୍ରଦାନ କରାଯାଇଛି । ଗୁରୁ ଗୁ ଆଉ ରୁ ଶବ୍ଦରୁ ନିଷ୍ପନ୍ନ । 'ଗୁ' ଅର୍ଥ ଅମା ଅନ୍ଧକାର ବା ଅଜ୍ଞାନତା ଓ 'ରୁ' ମତଲବ ଆଲୋକ ଅର୍ଥାତ୍ ଜ୍ଞାନାଲୋକ । ତାତ୍ପର୍ଯ୍ୟ : ଯିଏ ଅନ୍ଧକାରରୁ ଆଲୋକ ଆଡ଼କୁ ନେଇଯାଏ,ଅଜ୍ଞାନରୁ ଜ୍ଞାନ ଆଡକୁ ବାଟ କଢେଇନିଏ ସିଏ ହିଁ ଗୁରୁ ପଦବାଚ୍ୟ । ସୁତରାଂ ଯିଏ 'ବ୍ରହ୍ମରୂପୀ ଜ୍ୟୋତିର୍ମୟ' ସିଏ ହିଁ ଗୁରୁ । ଗୁରୁକୁଳ କି ଆଶ୍ରମରେ ଗୁରୁ–ଶିଷ୍ୟ ପରମ୍ପରା ଗଢ଼ି ଆସୁଅଛି ପୁରୁଷ ପୁରୁଷ ଧରି । ସେହିପରି,ଆମ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ଈଶ୍ୱରଙ୍କଠୁ ଊର୍ଦ୍ଧ୍ୱରେ ବୋଲି ନିର୍ଦ୍ୱନ୍ଦରେ ସ୍ୱୀକାର କରାଯାଏ । ଗୁରୁ 'ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରୁବେ ନମଃ' । ଗୁରୁଙ୍କଠୁ ବିଦ୍ୟାଗ୍ରହଣ କରୁଥିବା ବ୍ୟକ୍ତି ହିଁ ଶିଷ୍ୟ ରୂପେ ବିବେଚିତ । ଗୁରୁଙ୍କ ପ୍ରତି ପୂର୍ଣ୍ଣଶ୍ରଦ୍ଧା ଗୁରୁଙ୍କ ଦକ୍ଷତା ଉପରେ ଅତୁଟ ଆସ୍ଥା ବିଶ୍ୱାସ ସ୍ଥାପନ କରିବା ତଥା ଗୁରୁଙ୍କ ଚରଣରେ ସଂପୂର୍ଣ୍ଣ ଭାବେ ନିଜକୁ ସମର୍ପଣ କରିବା ଜଣେ ଆଜ୍ଞାକାରୀ ଅନୁଶାସିତ ଶିଷ୍ୟଙ୍କର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଗୁଣ ବୋଲି ସ୍ୱୀକାର କରାଯାଏ ।

ଗୁରୁ–ଶିଷ୍ୟଙ୍କ ଭିତରେ କେବଳ ଶାବ୍ଦିକ ଜ୍ଞାନର ଆଦାନପ୍ରଦାନ ନୁହେଁ ବରଂ ଗୁରୁ ନିଜର ଶିଷ୍ୟର ସୁରକ୍ଷା ବଳୟ ଭିତରେ ରଖି ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରନ୍ତି । ଏକନିଷ୍ଠ ଭାବେ ନିଜର କର୍ତ୍ତବ୍ୟ ନିର୍ବାହ କରନ୍ତି । ପ୍ରକୃତ ଗୁରୁ କସ୍ମିନକାଳେ ଶିଷ୍ୟଙ୍କ ଅମଙ୍ଗଳ ଚିନ୍ତା କରନ୍ତି ନାହିଁ । ଏହା କେବଳ ଗୁରୁଙ୍କ ପ୍ରତି ଶିଷ୍ୟର ପ୍ରଗାଢ ଶ୍ରଦ୍ଧା ଓ ସମର୍ପଣ ଯୋଗୁଁ ସମ୍ଭବ ହୋଇଥାଏ ।

ଶ୍ରୀମଦ୍ ଭଗବତ୍‌ରେ ଗୁରୁ–ଶିଷ୍ୟ ପରମ୍ପରାକୁ 'ପରମ୍ପରାପ୍ରାପ୍ତମ୍ ଯୋଗ' ବୋଲି ଭଗବାନ ଶ୍ରୀକୃଷ୍ଣ କହିଛନ୍ତି । ସମୁଜ୍ଜ୍ୱଳ ଗୁରୁ–ଶିଷ୍ୟ ପରମ୍ପରାର ସୂତ୍ରପାତ ହୁଏ ସାଂସାରିକ ଜ୍ଞାନରୁ । ଆମେ ଆଧ୍ୟାତ୍ମିକ ଶାଶ୍ୱତ ଆନନ୍ଦ ଲାଭ କଲାପରେ ଯାଇ ଏହି ପରମ୍ପରା ଚରମ ଉତ୍କର୍ଷ ଲାଭ କରେ । ଗୁରୁ ମୁଖ୍ୟତଃ ଦ୍ୱିଧା ବିଭକ୍ତ– ଶୈକ୍ଷିକ ଗୁରୁ ଓ ଆଧ୍ୟାତ୍ମିକ ଗୁରୁ । ଶୈକ୍ଷିକ ଗୁରୁ ବିଦ୍ୟା,ଜ୍ଞାନ ତଥା କୌଶଳ ଆଦି ଶିଖାଇ ଆମକୁ ମାର୍ଗଦର୍ଶନ କରିଥାନ୍ତି । ଅପରପଟେ ଆଧ୍ୟାତ୍ମିକ ଗୁରୁ ଜ୍ଞାନ,ଭକ୍ତି ଓ ଆତ୍ମସାକ୍ଷାତକାର ମାର୍ଗ ଅନୁସରଣ କରିବାକୁ ପ୍ରେରଣା ପ୍ରଦାନ କରନ୍ତି । ମନୁଷ୍ୟ ନିଜସ୍ୱ ସ୍ୱଭାବ ପ୍ରବୃତ୍ତି ଅନୁସାରେ ଆପଣା ଗୁରୁଙ୍କୁ ଚୟନ କରନ୍ତି । ତେବେ ଜଣେ ଗୁରୁଙ୍କୁ ଗ୍ରହଣ କଲେ ଯେ ବ୍ୟକ୍ତିର କାମ ସୁରୁଖୁରୁରେ ଚଳିଯାଏ ବୋଲି ବିଚାରିବା ଅନୁଚିତ ।

ଶୈଶବରୁ ଆରମ୍ଭ କରି ଉତ୍ତର ବାର୍ଦ୍ଧକ୍ୟରେ ଉପନୀତ ହେବାଯାଏ ମା' ପ୍ରଦତ୍ତ ଶିକ୍ଷା ସାଙ୍ଗକୁ ଅନେକ ଗୁରୁଙ୍କ ଶିକ୍ଷାଦାନ ଆମକୁ ଜ୍ଞାନ ଆହାରଣ କ୍ଷେତ୍ରରେ ନିପୁଣ କରିଦିଏ । ତେବେ ଏକଥା କହିବାରେ ଦ୍ୱିଧା ନାହିଁ ଯେ ଆମର ଜୀବନରେ ଗୁରୁ ସମର୍ଥଙ୍କର ବହୁତ ଯୋଗଦାନ ରହିଛି । ଗୁରୁଙ୍କଠୁ ନାମ ଦୀକ୍ଷା ନେଇ ତାଙ୍କଦ୍ୱାରା ପ୍ରଦର୍ଶିତ ଭକ୍ତିମାର୍ଗର ଅନୁଗାମୀ ହେଲେ ଆମ ଜୀବନ ସଫଳ ଓ ସାର୍ଥକ ହୋଇପାରନ୍ତା । ଆପଣା ଜୀବନ ଯେ ସରସ ସୁନ୍ଦର ସରଳ ହୋଇପାରନ୍ତା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ତେବେ ଏଥିପାଇଁ ଲୋଡ଼ା କେବଳ ଗୁରୁକୃପା । ଇତିହାସ ପୃଷ୍ଠା ଉପରେ ଦୃକ୍‌ପାକ କଲେ ଜଣାଯାଏ ଯେ ମହାମନୀଷୀମାନେ ଏପରିକି ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମ ଓ ଭଗବାନ ଶ୍ରୀକୃଷ୍ଣ ଓ ଗୁରୁ ନାନକଦେବ ସମସ୍ତେ ଜୀବନରେ ଗୁରୁଙ୍କୁ ଆପଣାଇ ଥିଲେ । କୁହାଯାଏ ଗୁରୁ ବିନା ଗତିନାହିଁ କି ଗୁରୁଙ୍କ ବ୍ୟତିରେକେ କେହି ବି ଆଧ୍ୟାତ୍ମିକ ମାର୍ଗଦର୍ଶନ ଠିକଣା ଭାବେ ଦେଇପାରନ୍ତି ନାହିଁ । ପ୍ରକାରାନ୍ତରେ କହିଲେ ଗୁରୁଙ୍କ ବିନା ଭଲ–ମନ୍ଦ, ପାପ–ପୁଣ୍ୟ ସତ୍ ଅସତ୍ ଭେଦାଭେଦ ଓ ଜୀବନର ବାସ୍ତବ ଦୃଷ୍ଟିଭଙ୍ଗୀ ଜାଣିହୁଏ ନାହିଁ । ଗୁରୁଙ୍କ ଶରଣାପନ୍ନ ହୋଇ ଆମେ ଏ ଭବସାଗରକୁ ପାରିହୋଇ ମୋକ୍ଷଲାଭ କରିପାରୁ । ଖାଲି ସେତିକି ନୁହେଁ ସେଇ ଗୁରୁଙ୍କଠୁଁ ବ୍ରହ୍ମଜ୍ଞାନ ପ୍ରାପ୍ତ କରିପାରିବା ସଙ୍ଗେ ସଙ୍ଗେ ଜୀବନର ଦୃଷ୍ଟିକୋଣକୁ ବଦଳାଇବାରେ ସମର୍ଥ ହୋଇପାରୁ । ପରିଶେଷରେ ଏତିକି କୁହାଯାଇପାରେ ଯେ ଏହି ଗୁରୁ–ଶିଷ୍ୟ ପରମ୍ପରାକୁ ବଳବତ୍ତର ରଖିବାର ନହାତି ଆବଶ୍ୟକତା ରହିଛି । ଶିକ୍ଷା ପାଇଁ ଗୁରୁକୁଳ ପରମ୍ପରାକୁ ଆପଣାଇବା ଏକାନ୍ତ ପ୍ରୟୋଜନ ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର , ଓଙ୍କାର ସିଟି, ଲେନ ନଂ–୯,ପ୍ଲଟ ନଂ–୪୫୬, ଲକ୍ଷ୍ମୀସାଗର କେନାଲ ରୋଡ୍ ଭୁବନେଶ୍ୱର**

# ଭାଦ୍ରବର ସାତପୁରୀ ଅମାବାସ୍ୟା

## ସନ୍ତୋଷ କୁମାର ଦାଶ

ଆମ ଓଡ଼ିଆ ସଂସ୍କୃତିରେ ରହିଛି ବାର ମାସରେ ତେର ପର୍ବ । ଭାଦ୍ରବ ମାସ ଅମାବାସ୍ୟାକୁ ସାତପୁରୀ ଅମାବାସ୍ୟା ବୋଲି କୁହା ଯାଇଥାଏ । ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରରେ ଏହି ଅମାବାସ୍ୟା ଧୂମ୍‌ଧାମରେ ପାଳିତ ହୋଇଥାଏ । ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀରେ ମା' ପାର୍ବତୀ ଉପବାସ ବା ଓଷା କରିଥାନ୍ତି । ଏହି ଦିନରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଟେରା ପିଠା ଭୋଗ ପରେ, ସପ୍ତପୁରୀ ଭୋଗ ପାଇଁ ସେବକମାନେ, ମେଘ ଡମ୍ବରୁ, ଘଣ୍ଟ ନେଇ ଗମନ କରନ୍ତି କପିଳେଶ୍ୱର ମନ୍ଦିର ନିକଟସ୍ଥ କୁମ୍ଭାର ସାହିକୁ । ସେଠାରେ ଅପେକ୍ଷାରତ କୁମ୍ଭକାରମାନେ ପଲମ, ହାଣ୍ଡି, ଟିପେଇ ଓ ତାଡ଼ ଆଦି ମାଟିପାତ୍ର ସବୁକୁ ମୁଣ୍ଡରେ ମୁଣ୍ଡାଇ ଏକ ବିରାଟ ଶୋଭାଯାତ୍ରାରେ ଆଣି ଶ୍ରୀ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ପାଳିଆ ମହସୁଆର ସେବକଙ୍କୁ ହସ୍ତାନ୍ତର କରନ୍ତି ।

ବିଧି ଅନୁସାରେ ମହାସୁଆରମାନେ ମାଟି ପାତ୍ର ସବୁକୁ ଛୁଇଁବା ପରେ ସେ ସବୁକୁ କୁମ୍ଭାରମାନେ ତଳେ ଥୋଇଥାନ୍ତି । ଅମାବାସ୍ୟାରେ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସେବାୟତଙ୍କର ସ୍ଥିରୀକୃତ ନିର୍ଦ୍ଦିଷ୍ଟ ପ୍ରାପ୍ୟ, ନଡ଼ିଆ ଓ ସାତପୁରୀ ଆକାରରେ ବଣ୍ଟନ କରାଯାଏ । ମହାସୁଆର ସେବାୟତଙ୍କର ପ୍ରାପ୍ୟ ବାଦ,୨୩ ଗୋଟି ନଡ଼ିଆ ମା ପାର୍ବତୀ ଙ୍କ ଓଷା ଉଦଯାପନ ପାଇଁ ପ୍ରସ୍ତୁତ ହେଉଥିବା ସାତପୁରୀ ପିଠା ଉଦ୍ଦେଶ୍ୟରେ ଦିଆଯାଏ ।

ବୁଟ, ହରଡ଼, ରାଶି, ନଡ଼ିଆ, ଜିରା ଓ ଗୋଲମରିଚ ଆଦି ମିଶ୍ରଣରେ ପ୍ରସ୍ତୁତ ହୁଏ ପୁର । ନୂତନ ମାଟି ପାତ୍ର ଓ ଅସ୍ଥାୟୀ ଚୁଲିରେ ପ୍ରଥମେ ବିଶୋଇ ସେବାୟତ ଏହାକୁ ନୃସିଂହ ମନ୍ଦିର ସମ୍ମୁଖରେ ଭାଜି ପୁର ପ୍ରସ୍ତୁତ କରିଥାନ୍ତି । ପରେ ମହାସୁଆର ସେବକ ରୋଷଶାଳାରେ ପୂର୍ଣ୍ଣ କୁମ୍ଭ ବସାଇ, କୋଠ ଚୁଲିକୁ ବନ୍ଦାପନା କରି ଉକ୍ତ ୨୩ ଟି ନଡ଼ିଆ ଭାଙ୍ଗି, ସେହି ଚୁଲିରେ ୭ ଗୋଟି ସାତପୁରୀ ପିଠା ଓ ଚରୁ ଅନ୍ନ ପ୍ରସ୍ତୁତ କରନ୍ତି । ଚତୁର୍ଦ୍ଦଶୀ ବେଢ଼ା ପରେ ଯାହାକୁ ପୂଜାପଣ୍ଡା ମା' ପାର୍ବତୀଙ୍କୁ ଭୋଗ ଲଗାଇ ମା'ଙ୍କର ଓଷା ବା ବ୍ରତକୁ ଉଦଯାପନ କରିଥାଆନ୍ତି ।

ଅମାବାସ୍ୟା ଦିନ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ପ୍ରତି ଭୋଗରେ ଏହି ସାତପୁରୀ ଭୋଗ ଲାଗି କରାଯାଏ । ଏହାର ପ୍ରସ୍ତୁତି ପାଇଁ, ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ସାମଗ୍ରୀ ଯଥା– ଅଟା, ନଡ଼ିଆ, ଫାଳ ବୁଟ, ହରଡ଼ ରାଶି, ଗୁଡ, ଗୋଲମରିଚ ଓ ଘିଅ ଆଦି ପୂର୍ବରୁ ଯୋଗାଇ ଦିଆଯାଇ ଥାଏ । ରଥ ନିର୍ମାଣକାରୀ ମହାରଣା ପାଳିଆ ନଡ଼ିଆ ଭାଙ୍ଗନ୍ତି । ସାତ ପୁର ଦିଆ ପିଠା ପ୍ରସ୍ତୁତ ହେବା ପରେ ତାହା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଖରେ ଭୋଗ ଲାଗି ହୋଇ ଥାଏ । 'ଓଁ ନମଃ ଶିବାୟଃ' ।

**ତୁଳସୀପୁର, ପୁରୀ,ମୋ–୯୪୩୯୩୬୧୮୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଧାରକାର୍ଡ...

ସତ୍ତ୍ୱେ ଏସ୍ଆଇଆର୍ ପ୍ରକ୍ରିୟାରେ ଲକ୍ଷାଧିକ ଭୋଟର ନାମ ଦାଖଲ କରିଛନ୍ତି । ୬୫ ଲକ୍ଷ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ୍ ପଡିଛି । ଅଧିକାଂଶ ବିରୋଧୀ ଦଳ ଏଥିରେ ବ୍ୟାପକ ଅନିୟମିତତା ହେଉଛି ବୋଲି ଅଭିଯୋଗ କରିଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ରାଜନୈତିକ ଦଳଗୁଡ଼ିକର ନିଷ୍କ୍ରିୟତା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ ବରଂ ଯେଉଁ ବୁଥ୍ ଲେବୁଲ ଏଜେଣ୍ଟ ଅଛନ୍ତି ସେମାନେ କ'ଣ କରୁଛନ୍ତି । ସ୍ଥାନୀୟ ରାଜନୈତିକ ଦଳ ଓ ଲୋକଙ୍କ ମଧ୍ୟରେ ଏ ଦୂରତ୍ୱ କାହିଁକି ରହୁଛି । ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ସହାୟତା କରିବା ଆବଶ୍ୟକ । ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ ବାଧ ପଡିଛି ତାହାକୁ ଯାଞ୍ଚ କରନ୍ତୁ । ସେମାନେ ମୃତ କି ଅନ୍ୟ କୁଆଡେ ଯାଇଛନ୍ତି ତା'ର ତଦାରଖ କରନ୍ତୁ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପକ୍ଷ ରଖି ଆଇନ୍‌ଜୀବୀ କପିଲ ଶିବଲ, ଅଭିଶେଖ୍ ମନୁ ସିଂହଭି କହିଥିଲେ ଯେ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ସେମାନଙ୍କ ଆପତ୍ତି ଦାଖଲ କରିବା ପାଇଁ ଅନୁମତି ଦିଆଯାଉନାହିଁ । କୋର୍ଟ ଏହାକୁ ଗ୍ରହଣ କରିଥିଲେ ଓ ପଞ୍ଜୀକୃତ ରାଜନୈତିକ ଦଳଗୁଡ଼ିକୁ ଏଥିରେ ସହଯୋଗ କରିବା ପାଇଁ କହିଥିଲେ । ତେବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ମଧ୍ୟ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ନଚେତ୍ ସେମାନେ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଭେଟି ଫର୍ମ ଦେଇପାରିବେ ।

## ଆଜି...

୨ଲକ୍ଷ ୫୫ହଜାର ୨୪୨ଘନଫୁଟ ଜଳ ପ୍ରବେଶ କରୁଛି । ଅନ୍ୟପଟେ ପ୍ରତି ସେକେଣ୍ଡରେ ୩୫ହଜାର ୯୬୨ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ପାୱାର ଚେନାଲ ଦେଇ ପ୍ରତି ସେକେଣ୍ଡରେ ୩୧ହଜାର ୮୮୧ ଘନଫୁଟ, ୪ଟି କେନାଲ ଦେଇ ୩ହଜାର ୮୬୭ଘନଫୁଟ, କଳ କାରଖାନାକୁ ୨୧୪ଘନଫୁଟ ଜଳ ନିଷ୍କାସିତ ହେଉଛି । ଗତ ୨୪ଘଣ୍ଟା ମଧ୍ୟରେ ହୀରାକୁଦର ଉପର ଓ ତଳ ମୁଣ୍ଡରେ ଯଥାକ୍ରମେ ୧୬.୪୪ମିମି ଏବଂ ୧୨.୧୪ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସୂଚନାଯୋଗ୍ୟ, ହୀରାକୁଦ ଡ୍ୟାମର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ସ୍ଲୁଇସ ଗେଟ ଦେଇ ୬ ଜୁଲାଇରେ ନିଷ୍କାସିତ ହୋଇଥିଲା । ଜଳ ପ୍ରବାହ ହ୍ରାସ ପାଇବାରୁ ଗତ ୩ଅଗଷ୍ଟ ସୁଦ୍ଧା ଖୋଲା ଯାଇଥିବା ସମସ୍ତ ଗେଟ୍ ବନ୍ଦ କରାଯାଇଥିଲା । ତେବେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପ୍ରଭାବରେ ଆସନ୍ତା ୨୪ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି । ପ୍ରବଳ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଡ୍ୟାମର ପୁଣି ଥରେ ଗେଟ୍ ଖୋଲାଯିବ ବୋଲି କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି ।

## ନିମ୍ନମାନର...

ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପୂର୍ବରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ମାର୍ଗଦର୍ଶିକା ଅନୁଯାୟୀ କାମ କରାଯାଉଥିଲା । ବର୍ତ୍ତମାନ ଏହାର ଚତୁର୍ଥ ପର୍ଯ୍ୟାୟର କାମ ମଧ୍ୟ ହାତକୁ ନିଆଯାଇଛି । ଏହି ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳ ମାନଙ୍କରେ ସଡକ ଓ ସେତୁ ନିର୍ମାଣ କରାଯିବ । ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗ ବିହୀନ ଜନ ବସତି ପାଇଁ ୯୪୨ଟି ସଡକ ଓ ୮ ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତି ଗୁଡିକର ସଂଯୋଗୀ କରଣ ପାଇଁ ପିଏମ୍ ଜନମନ୍ ଯୋଜନାରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି । ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

ବୈଠକରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ଯାମିନୀ ଷଡଙ୍ଗୀ, ସର୍ବୋଚ୍ଚ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ସାହୁ ଏବଂ ଇଂ ପ୍ରଦୀପ କୁମାର ଜେନା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ...

ଫ୍ଲାଟ ଓ ନଗଦ ୩.୩୩ଲକ୍ଷ ଟଙ୍କା ଠାବ କରିଛି ଭିଜିଲାନ୍ସ । ୧୯ଟି ପ୍ଲଟରୁ ଜଟଣୀ ଓ ସାଲେପୁରରେ ଗୋଟିଏ ଲେଖାଁଏ, ଯୋବ୍ରାରେ ଦୁଇଟି ଓ ବାକି ସବୁ ଚୌଦ୍ୱାର ଅଞ୍ଚଳରେ ରହିଛି । ଅନ୍ୟପଟରେ ଶ୍ରୀ ମହାନ୍ତିଙ୍କ ଭୁବନେଶ୍ୱର ଘରୁ୧୩୫ ଗ୍ରାମ ଓଜନର ସୁନଙ୍କ ଗହଣା ,୩ଲକ୍ଷ୩୦ହଜାର୮୦୦ନଗଦ ଟଙ୍କା ୩ଟି ବାଇକ ଓ ଗୋଟିଏ କାର ମିଳିଛି । ସେହିଭଳି ଶ୍ରୀ ସାହାଣୀଙ୍କ ୫୫ଲକ୍ଷ ଟଙ୍କାର ୪୮ ହଜାର ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି । ଶ୍ରୀ ସାହାଣୀଙ୍କ ଗୃହ ଆସବାବପତ୍ର ୧୦ଲକ୍ଷ୫୭ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଶ୍ରୀ ସାହାଣୀ ସରକାରୀ ଜମାଖାତାରେ ସରକାରୀ ଅର୍ଥ ଜମା କରୁନଥିଲେ ଏପରିକି ଯାହା ଜମା ଥିଲା ତାହାକୁ ନିଜର ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ଭିଜିଲାନ୍ସ ଜାନିବାକୁ ପାଇଛି । ୧୯୯୭ରେ ମହାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜୁନିଆର ଆସିଷ୍ଟାଣ୍ଟ ଭାବେ ଚାକିରି ଆରମ୍ଭ କରିଥିବା ଶ୍ରୀ ସାହାଣୀ ଗତ ୨୦୦୧ରୁ ସିଟି ହସପିଟାଲାର କାର୍ଯ୍ୟରତ ଅଛନ୍ତି । ୨୦୧୬ରୁ ସିନିଅର ଆସିଷ୍ଟାଣ୍ଟ ଭାବେ ପଦୋନ୍ନତି ପାଇ ଦୀର୍ଘ ଦୁଇ ଦଶନ୍ଧି ଧରି ଏଠାରେ ରହିଛନ୍ତି । ଆଜିର ଚଢଉରେ ୯ ଜଣ ଡିଏସପି, ୧୦ଜଣ ଇନ୍ସପେକ୍ଟର ଓ ୭ ଜଣ ଏଏସଆଇ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ।

## ଆଶ୍ରୟସ୍ଥଳରେ...

କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ୮ ସପ୍ତାହ ମଧ୍ୟରେ ସମସ୍ତ କୁକୁରମାନଙ୍କୁ ଆଶ୍ରୟସ୍ଥଳରୁ ମୁକ୍ତ କରାଯାଉ । ସାଧାରଣ ସ୍ଥାନରେ କୁକୁରମାନଙ୍କୁ ଖାଇବାକୁ ଦିଆଯିବନାହିଁ । କୋର୍ଟରେ ପଶୁପ୍ରେମୀମାନଙ୍କ ପକ୍ଷରୁ ଏକ ଆବେଦନ ଦାଖଲ କରାଯାଇଥିଲା ।

## ନବୀନ...

କରିଛନ୍ତି । ସୂଚନାଯୋଗ୍ୟ ମୁମ୍ବାଇସ୍ଥିତ ହସ୍ପିଟାଲରେ ନବୀନଙ୍କର ଯେତେବେଳେ ଅସ୍ତ୍ରୋପଚାର ହୋଇଥିଲା ସେତେବେଳେ ମଧ୍ୟ ପ୍ରେମ୍ ପଟ୍ଟନାୟକ ସେଠାକୁ ଯାଇଥିଲେ । ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ସେ ଏକ ଭିଡିଓବାର୍ତ୍ତା ଜାରି କରିଥିଲେ । ଏବେ ଭୁବନେଶ୍ୱର ଆସି ନିଜ ଭାଇଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଛନ୍ତି ବୋଲି ସୂଚନା ମିଳୁଛି ।

## ରେଲିଂରେ...

ରହିଯାଇଥିବ ଭାବି ସେଠାକୁ ଆସିଥିଲେ । ସେମାନେ ରୋଷୟାଙ୍କଠାରୁ ଚାବି ନେଇ ଆସିଥିଲେ । ଶ୍ରେଣୀ ଗୃହ ଖୋଲିଲା ବେଳକୁ ସେମାନଙ୍କ ଝିଅ ସେଠାରେ ଝରକା ରେଲିଂରେ ଫସି ରହିଥିବା ଦେଖିଥିଲେ । ଝିଅଟି ଶ୍ରେଣୀ ଗୃହରୁ ବାହାରିବା ପାଇଁ ପ୍ରୟାସ କରିଥିଲା । ସେ ଝରକା ରେଲିଂ ଦେଇ ବାହାରିବାକୁ ଚେଷ୍ଟା କରି ଫସି ଯାଇଥିଲା । ବେକ ପର୍ଯ୍ୟନ୍ତ ପୂରା ଶରୀର ବାହାରି ଯାଇଥିଲା । କିନ୍ତୁ ତା'ର ମୁଣ୍ଡଟି ରେଲିଂ ଦେଇ ବାହାରି ପାରି ନଥିଲା । ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ଝିଅଟିକୁ ସେଠାରୁ ଉଦ୍ଧା କରିଥିଲେ । ଝିଅଟିକୁ ଡାକ୍ତରଖାନା ନିଆଯାଇଥିଲା । ବିଭିନ୍ନ ପ୍ରକାର ଯାଞ୍ଚ ପରେ ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି । ଘଟଣାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରହରି ମହାନ୍ତଙ୍କୁ ନିଲମ୍ବନ କରାଯାଇଛି । କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଂଶପାଳ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ତାଙ୍କୁ ନିଲମ୍ବନ କରିଛନ୍ତି । ଏହା ସହିତ ତାଙ୍କୁ ବାଂଶପାଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲର କୌଣସି କର୍ମଚାରୀ ବଦଳରେ ଦୁଇ ଜଣ ପିଲା ତାଲା ପକାଇଥିବାରୁ ସେ ଝିଅଟିକୁ ଦେଖି ପାରି ନଥିଲେ ବୋଲି ଜଣାପଡ଼ିଛି ।

# ଗଞ୍ଜେଇ ସହ ଟଙ୍କା ଜବତ, ଜଣେ ଯୁବକ ଗିରଫ

ନିମାପଡା,(ସବ୍ୟୁ): ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ସଭାମଣ୍ଡପ ନିକଟରେ ଚଢାଉ କରି ଜଣେ ଯୁବକ ଠାରୁ ୧ କେଜିରୁ ଉର୍ଦ୍ଧ୍ୱର୍ ଗଂଜେଇ ଏବଂ ନଗଦ ୩୬ ହଜାର ଟଙ୍କା ଜବତ କରିଛି ପୁଲିସ। ସଭା ମଣ୍ଡପ ନିକଟରେ ଚୋରା ଗଂଜେଇ ବିକ୍ରି ହେଉଥିବା ଖବର ପାଇ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଥିଲା। ଉକ୍ତ ପୁଲିସ ଟିମ୍ ସେଠାରେ ଚଢଉକରି ସାଗର ପଣ୍ଡା ନାମକ ଚୋରା ଗଂଜେଇ ବେପାରୀ ଠାରୁ ୧କେଜି ୮ଶହ ଗ୍ରାମ ଗଂଜେଇ ଯାହାର ମୂଲ୍ୟ ୧୯୦୦୦ଟଙ୍କା, ନଗଦ ୩୬ ହଜାର ଟଙ୍କା ଓ ଗୋଟିଏ ସ୍କୁଟି ଗାଡି ଜବତ କରିଥିଲା। ପୁଲିସ ଅଭିଯୁକ୍ତ ସାଗର ନାଁରେ ଏକ ମାମଲା ରୁଜୁ କରି ତାଙ୍କୁ ଆଜି କୋର୍ଟ ଚାଲାଣ କରିଛି। ଏଠାରେ ଉଲ୍ଲେଖ ଯୋଗ୍ୟ କି ଚାରିଛକ ପୁଲିସର ନିଷ୍କ୍ରିୟତା କାରଣରୁ ଥାନା ଅଂଚଳରେ ଚୋରୀ,ଡକାୟତି,ରାହାଜାନୀ ,ଚୋରା ନିଶାକାରବାର ସହିତ ବିଭିନ୍ନ ଅପରାଧିକ କାର୍ଯ୍ୟ,ଚୋରାରେ ଗୋଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ନିମାପଡା ଏସ୍‌ଡିପିଓ ଓ ପୁରୀରେ ନୂତନ ଭାବେ ଯୋଗଦାନ କରିଥିବା ନୂତନ ଏସ୍‌ପି ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ନଳବଣ ନିଷିଦ୍ଧାଞ୍ଚଳରେ ମାଛମାରି ୩ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧିନସ୍ଥ ପକ୍ଷୀ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ଧରୁଥିବା ବେଳେ ୩ ଜଣ ମତ୍ସ୍ୟଜିବୀକୁ ଶୁକ୍ରବାର ବନକର୍ମଚାରୀ ଗିରଫ କରିଛନ୍ତି । ସେମାନେ ହେଲେ ଟାଙ୍ଗୀ ଥାନା ମଙ୍ଗଳାଯୋଡ଼ି ଗ୍ରାମର କୃଷ୍ଣ ବେହେରା (୪୨), ନାଚୁଣୀ ଥାନା ବଉଳାବନ୍ଧ ଗ୍ରାମର ବାପପୁଅ ପ୍ରମୋଦ ଘଡେଇ (୫୦) ଏବଂ ପ୍ରଶାନ୍ତ ଘଡେଇ (୨୨) । ଏମାନଙ୍କ ନିକଟରୁ ୨ଟି ମାଛଧରା ଡ଼ଙ୍ଗା, ୨ ଟି ଯନ୍ତ୍ରଚାଳିତ ଇଞ୍ଜିନ, ୮ ସେଟ ଖନ୍ଦା ଜାଲ ଏବଂ ବାଉଁଶ କିଲା ଆଦି ଜବତ ହୋଇଛି ୫୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ନିୟମ ଅନୁଯାୟୀ ବାଲୁଗାଁ ରେଞ୍ଜ ପକ୍ଷରୁ ପୃଥକ ଭାବେ କେସ ନଂ ୨୧ଏବଂ ୨୨/୨୫ ରେ ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଯୁବ ସଂଯୋଗ କମିଟିର ପ୍ରଥମ ବୈଠକ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ନୂତନ ଭାବେ ଗଠିତ ହୋଇଥିବା ଯୁବ ସଂଯୋଗ କମିଟିର ପ୍ରଥମ ବୈଠକ ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ କମିଟିର ସଂଯୋଜକ ନଳିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼କରିବାପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ଯେଉଁମାନେ ନିଷ୍କ୍ରିୟ ହୋଇଛନ୍ତି କିମ୍ବା ସୁଯୋଗ ପାଇନାହାନ୍ତି ଏବଂ ଯେଉଁମାନେ କଂଗ୍ରେସ ସଂଗଠନରୁ ଦୂରେଇ ରହିଛନ୍ତି ଓ ଅନ୍ୟଦଳରେ ଯୋଗଦେଇଛନ୍ତି ସେମାନଙ୍କୁ ସଚେତନ କରାଇ ପୁର୍ନବାର ଦଳରେ ସାମିଲ କରାଇ ଶ୍ରୀ ଦାସଙ୍କ ହାତମୁଠାକୁ ଟାଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଭୋଟ ଚୋରୀ ପ୍ରସଙ୍ଗରେ ସାରା ଭାରତବର୍ଷରେ ଆଲୋଡନ ସୃଷ୍ଟି କରିଥିବା ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ଯୁବ ସଂଯୋଗ କମିଟି ସବୁ ପ୍ରକାର ପ୍ରୟାସ କରିବ । ଆଗାମୀ ସପ୍ତାହରେ କମିଟିର ପ୍ରଥମ ଗସ୍ତ ଅନୁଗୁଳ, ଢେଙ୍କାନାଳ ଓ ଦେବଗଡ଼ ଜିଲ୍ଲା ଗସ୍ତକରି ନିଷ୍କ୍ରିୟ ହୋଇଥିବା ବହୁ କର୍ମକର୍ତ୍ତାମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି । ବୈଠକରେ ଅଧ୍ୟକ୍ଷ ନଳିନୀକାନ୍ତ ମହାନ୍ତି ସମେତ ବିଶ୍ୱଭୂଷଣ ଦାସ, ତୋଫାନ ଷଡ଼ଙ୍ଗୀ, ବିପ୍ଳବ ଚୌଧୁରୀ, ପ୍ରତାପ କୁମାର ପ୍ରଧାନ, ଅମିତା ବିଶ୍ୱାଳ, ମନୋଜ ଦେହୁରୀ ଓ ସୁନିଲ ପ୍ରଧାନ ପ୍ରମୁଖ କମିଟିର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ ।

# ଚନ୍ଦକା ଜଙ୍ଗଲରୁ ଆସିଲେ ୨୩ ହାତୀପଲ

ଆଠଗଡ ,(ସବ୍ୟୁ): ଚନ୍ଦକା ଅଞ୍ଚଳରୁ ୨୩ ଟି ହାତୀପଲ ଆଠଗଡରେ ଆସି ପହଞ୍ଚି ଛନ୍ତି ।ହାତୀଙ୍କ ଆସିବା ନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଲୋକମାନେ ଆଶଙ୍କାରେ ରହିଛନ୍ତି । ଧାନ , ପନିପରିବା ଚାଷ କରିଥିବା ଚାଷୀମାନେ ଏହା ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହି ହାତୀ ପଲରେ ଛୁଆ, ଦନ୍ତାହାତୀ ଥିବା ଜଣାପଡିଛି । ଆଠଗଡରୁ କଟକ ଭାୟା ମୁଣ୍ଡଳି ରାସ୍ତାର ଡାଲଖାଇ ଠାକୁରାଣୀଙ୍କ ନିକଟରେ ହାତୀପଲ ରାସ୍ତାରେ ଥିବା ଦେଖାଦେଇଥିଲା । ଫଳରେ ରାସ୍ତାରେ ଯିବା ଆସିବା କିଛି ସମୟ ପାଇଁ ବ୍ୟାହତ ହୋଇ ପଡିଥିଲା । ଖବର ପାଇଁ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ହାତୀପଲ କୁ ଘ ଉଡାଇ ଦେଇଥିଲେ । ଆଠଗଡ ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସୁକାଶନ ସଂରକ୍ଷିତ ଜଙ୍ଗଲରେ ଏହି ହାତୀପଲ ବର୍ତ୍ତମାନ ରହିଥିବା ତଥା ଏମାନଙ୍କ ଗତିପଥ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ବନ ବିଭାଗ ସୂଚନା ଦେବା ସହ ଚାଷୀମାନେ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି ।

# ନାବାଳିକା ପ୍ରେମିକାଙ୍କ ତଣ୍ଟିକାଟି ବିଷ ପିଇଦେଲେ ପ୍ରେମିକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସଦର ଥାନା, ନାବାଳିକାକୁ ତଣ୍ଟିକଟା ଘଟଣାରେ ନୂଆଁ ଟ୍ୱିଷ୍ଟ । ନାବାଳିକାଙ୍କ ତଣ୍ଟିକାଟି ନିଜେ ବିଷ ପିଇଦେଲେ ପ୍ରେମିକ । ତଣ୍ଟିକାଟୁ ପ୍ରେମିକ ଜଣକ ଲରମ୍ବା ଥାନା ପଣ୍ଡ୍ରିପାଏନ ଗାଁର ହଳଧର ବରିହା ବୋଲି ଜଣାପଡିଛି । ହଳଧର ବଲାଙ୍ଗିର ସଦର ଥାନା ମାୟାବର୍ହା ଗାଁର ନିଜ ସମ୍ପର୍କୀୟ ଜଣେ ନାବାଳିକାକୁ ପ୍ରେମ କରୁଥିଲେ । ଗୁରୁବାର ରାତିରେ ମାୟାବର୍ହାର ନିଜ ସମ୍ପର୍କିୟ ଘରକୁ ଯାଇଥିଲେ । ପ୍ରେମିକ ପ୍ରବର ଶୁକ୍ରବାର ସକାଳୁ ଘରେ କେହି ନଥିବା ସମୟରେ ନାବାଳିକାଙ୍କ ସହିତ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା । ହଠାତ ରାଗିଯାଇ ପ୍ରେମିକ ହଳଧର, ଧାରୁଆ ଅସ୍ତ୍ରରେ ନାବାଳିକାଙ୍କ ତଣ୍ଟି କାଟି ଦେଇ ଫେରାର ମାରିଥିଲେ । ନାବାଳିକାକୁ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବଲାଙ୍ଗିର ବି ବିଏମସିଏଚ ଏବଂ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି । ନାବାଳିକାଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଅନ୍ୟପଟେ ତଣ୍ଟିକାଟିବା ପରେ ପ୍ରେମିକ ହଳଧର ନିଜ ଗାଁକୁ ଯାଇ ବିଷ ପିଇଦେଇଥଲେ । ତାକୁ ପ୍ରଥମେ ପାଟଣାଗଡ଼ ଏବଂ ପରେ ବଲାଙ୍ଗିର ବି. ବି. ଏମ. ସି. ଏଚ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ବଲାଙ୍ଗିର ସଦର ପୋଲିସ ତଦନ୍ତ ଜାରୀ ରଖିଛି । ପ୍ରେମ ସମ୍ପର୍କରୁ ଘଟଣା ଘଟିଥିବା ଜଣା ପଡ଼ିଛି


**AFFIDAVIT**

I, Shabnam Bibi Shaikh, W/o- SK Azad, Resident AT/PO- Dehurda, PS- Bhograi, Dist-Balasore, Odisha, Pin code-756036 Declare by this Affidavit No-25576,Date-22/08/2025, that now onwards I shall be known as SABNAM BIBI for all Future purposes.

**AFFIDAVIT**

I MANSHEED NAYAK S/o. Satyasingh Nayak, resident of Vill./Po. Simanbadi, Ps/Tahasil. Daringibadi, Dist. Kandhamal, pin no. 762104, Odisha, declare by this Affidavit No. 80 dtd.20/08/2025 before the Executive Magistrate, Bhubaneswar. That now onwards I shall be known as **MANSHEED NAYAK** for all future purpose.

**AFFIDAVIT**

By virtue of an affidavit no. 1938 before Executive Magistrate cum Sub Collector, Hindol, Dtd. 11.08.2025 I, Bajia Dehury, S/o Late Panchu Dehury of Village- Lahada, Po/ Ps- Rasol, Dist- Dhenkanal, Odisha, declare that I have changed my name from Bhasei Dehury to Bajia Dehury. Henceforth I shall be known as **BAJIA DEHURY** for all purposes.

**AFFIDAVIT**

I Subhendu Mohanty, S/o Surendra Mohanty, Flat No.- 201, Rajput Leisure, Bajaranga Vihar, Lane-2, Patia, Po- KIIT, Ps- Infocity, Bhubaneswar-751024, Dist- Khordha, declare by affidavit no. 73, dtd. 14.08.2025, that my father's name has been wrongly recorded in my HSC and +2 certificates as Surendra Kumar Mohanty instead of Surendra Mohanty. Sri Surendra Mohanty and Surendra Kumar Mohanty is the same person who is my father. Henceforth my father's name in my HSC & +2 certificates will be considered as **SURENDRA MOHANTY** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Jajpur, dated 18.08.2025. I, Bishnu Charan Das, At-Bitana, P.O.- Barikul, P.S-Alakund, Dist - Jajpur, Odisha, Pin-755014 declare that I have changed my name from Bishna Charan Das to Bishnu Charan Das. Henceforth, I shall be known as Bishnu Charan Das for all purposes.

Sd/- Bishnu Charan Das

**AFFIDAVIT**

By virtue of an affidavit before the Executive Magistrate, Boudh, I Pradeep Kumar Sathua, S/o - Upendra Sathua, Po- Bandhapathar,Ps/Dist-Boudh,Pin - 762026. I am the father of the minor Pruthwiraj Sathua (Old name) that for and on behalf of my minor son I wholly renounce relinquish and abeandone the use of the former name of my minor son Pruthwiraj Sathua (Old name) and inplace there of do assume from the date here of the name of such minor as Pruthvi Raj Sathua (New name). That all the facts started above are true to the best of my knowledge and blief and for the benefit of the minor. In executing this declaration I have hereuhto subscribed his former and adopted name of Pruthwiraj Sathua(Old name) and Pruthvi Raj Sathua(New name) and affixed my signature on this 22nd day of August 2025 signed sealed and delivered.

Pradeep Kumar Sathua (Father)

**AFFIDAVIT**

I Sudeshna Rani Das of At- Meduakul, Bari, Jajpur declared by an affidavit No. 7977 before the Executive Magistrate Jajpur Dt. 16.08.2025 that in the admission record of my son Gyana Jyoti Aurobinda Das the Mother's Name as provided by the previous birth Certificate was Sudeshana Das but my actual name is Sudeshna Rani Das. Both Sudeshna Rani Das and Sudeshna Das is one and same person for all purpose.

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁର ନିମ୍ନୋକ୍ତ କାର୍ଯ୍ୟ ପାଇଁ ସୂଚିତ ଟେଣ୍ଡର ନଂ ଭାରି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକି ୧୧.୦୯.୨୦୨୫ ରିଖ ୧୫.୦୦ ଘଟିକାରେ ଖୋଲାଯିବାର ଅଛି । ଏହି ଟେଣ୍ଡରଗୁଡିକ ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇ ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ. ଏବଂ ଟେଣ୍ଡର ନୋଟିସ ନଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ : ଅମାନତ ଅର୍ଥ : (୧) ଏସଟି-ସିକେପି-ଓଟି-୨୫-୨୬-୫୭, ତାରିଖ ୨୦.୦୮.୨୦୨୫, ନୂଆଗାଁ ଓ ବାଙ୍ଗୁରକେଲା ଷ୍ଟେସନ ମଧ୍ୟରେ ଆଇବିଏସ୍‌ଏସ୍ ବ୍ୟବସ୍ଥା ସକାଶେ ସିଗ୍ନାଲ ଓ ଟେଲିକମ୍ କାର୍ଯ୍ୟ : ଟ. ୨.୨୫,୧୫,୬୩୮.୦୯, ଟ. ୨,୬୨,୬୦୦/- । (୨) ଏସଟି-ସିକେପି-ଓଟି-୨୫-୨୬-୫୮, ତାରିଖ ୨୦.୦୮.୨୦୨୫, ବଣ୍ଡାମୁଣ୍ଡା କେବିନ-ରାଉରକେଲା, ପାନପୋଷ - ଖାରସୁଗୁଡା ସେକ୍ସନରେ ଟିଆରଆର (ପି) ସକାଶେ ସିଗ୍ନାଲ ଓ ଟେଲିକମ୍ କାର୍ଯ୍ୟ, ଟ. ୮୧,୮୫,୯୮୫.୫୨, ଟ. ୧,୬୩,୬୦୦/- । ସମାପ୍ତି ସମୟ : ଉଭୟ ପାଇଁ ୧୫ (ପନ୍ଦର) ମାସ । ସବିଶେଷ ଟେଣ୍ଡର ବିବରଣୀ ୱେବସାଇଟ୍ http://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କ ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଇସ୍ୟୁ କରାଯିବ । (PR-549)

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. KHORDHA**
District Website: www.khordha.odisha.gov.in

CAD-1561

**Tender No. 4712 & 4713 Dt. 21.08.2025**

District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs To Retails Centers(FPS) in Khordha district |
| 2 | Availability of bid document in the portal | From 22.08.2025 |
| 3 | Last Date / Time for receipt of bids in the Portal | Dt 06.09.2025 up to 5.30 PM |
| 4 | Date/Time of Opening of Technical Bid | Dt 08.09.2025 up to 3.00 PM |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents & other details can be seen from the e-procurement portal **www.oscsc.in., www.foododisha.in** & **www.tendersodisha.gov.in** along with district website. Amendments /corrigendum/ cancellation/ retenders etc. if any shall be published only in above websites.

Sd/- CSO-cum-District Manager
O.S.C.S.C Ltd., Khordha

OIPR : 07050/11/0005/2526

A-540

**GOVERNMENT OF ORISSA : DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN MINOR IRRIGATION CIRCLE, KEONJHAR**
e-Mail ID: seemickeonjhar@gmail.com
**"e" Procurement Notice**
Lr. No- 725 Dated-21-08-2025.
**BID IDENTIFICATION NO- Addl. C.E EMIC No.- 01/EMIC/2025-26**

The Additional Chief Engineer, Eastern Minor Irrigation Circle, Keonjhar on behalf of Governor of Odisha invites percentage rate bids in Double cover only in ONLINE mode for the works detailed in the table from "B" & "A" Class & above class Contractors registered with the State Government and contractors of equivalent Grade/ Class registered with Central Government/M.E.S./Railways for execution of civil works on production of definite proof from the appropriate authority. The bidders may submit bids for any or all of the works.

| | | | |
|---|---|---|---|
| 1 | Name of the works | : | Civil Construction Works under the Scheme Mukhya Mantri Canal Lining Yojana (MMCLY) & DPIW. |
| 2 | Total No. of works | : | 2 (Two) nos. |
| 3 | Estimated Cost | : | Varies from Rs. 109.20 Lakh to Rs 246.81 Lakh Approximately (Detail list of work Annexed) |
| 4 | Period of completion | : | As Mentioned against Work in annexure. |
| 5 | Date & time of Availability of Bid Document in the portal for online bidding. | : | 26-08-2025 at 10.00 AM to 09-09-2025 up to 5.00 P.M. |
| 7 | Last date/Time for receipt of Bid only in ONLINE. | : | 09-09-2025 up to 5.00 P.M. |
| 8 | Date/Time of Opening of Technical Bid. | : | 10-09-2025. at 11.00 A.M. onwards through Web site |
| 9 | Date/Time of Opening of Financial Bid | : | To be intimated online after offline evaluation of Technical Bids. |
| 10 | Date of Transparent Lottery (If required) | : | At 11.30 A.M onwards on dated 23-09.2025 |
| 11 | Name & Address of the OIT | | Additional Chief Engineer, Eastern Minor Irrigation Circle, Keonjhar At/PO-Keonjhar Dist: -Keonjhar. PIN-758001 (Odisha) |
| 12 | Mode of Payment of Bid Cost | : | Online |

Further details can be seen from the "e" Procurement Portal **https://tendersodisha.gov.in.**

Sd/- Additional Chief Engineer
Eastern M.I Circle, Keonjhar

OIPR : 32270/11/0004/2526

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTTTUTE OF GOVERNMENT OF ODISHA )
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879,
E-mail: imagebbsr@rediffmail.com

CAD-1580

**WALK-IN-INTERVIEW**

Walk-in-Interview will be conducted for the position of SPMU-State Technical Coordinator under Green-Ag Project, Odisha at IMAGE, Bhubaneswar on 10.09.2025 as per the schedule. For details of advertisement, the departmental website: www.agri.odisha.gov.in / www.image.odisha.gov.in may be referred for eligibility, remuneration, place of posting etc. No TA / DA are admissible for attending the Interview. It is the complete discretion of the authority to cancel / reject / modify the selection process at any point of time without assigning any reason thereof.

OIPR : 01408/11/0023/2526

Sd/- Director, IMAGE

**ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ**
ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ
(ଖାଉଟି ବ୍ୟାପାର ବିଭାଗ), ଭାରତ ସରକାର
ମାନଙ୍କ ଭବନ, ୯ ବାହାଦୁର ଶାହ ଜାଫର ମାର୍ଗ,
ନୂଆଦିଲ୍ଲୀ-୧୧୦୦୦୨

**ସୂଚିତ ବିଜ୍ଞାପନ ନଂ. ୦୨/୨୦୨୫/ଏଷ୍ଟାବ୍ଲିସମେଣ୍ଟ/ (ଡେପୁଟେସନ)**

ଭାରତ ସରକାରଙ୍କ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ଖାଉଟି ବ୍ୟାପାର ବିଭାଗ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ବୈଧାନିକ ସଂସ୍ଥା ବ୍ୟୁରୋ ଅଫ୍ ଇଣ୍ଡିଆ ଷ୍ଟାଣ୍ଡାର୍ଡସ (ବିଆଇଏସ୍) ଏବଂ ଦେଶରେ ଷ୍ଟାଣ୍ଡାର୍ଡାଇଜେସନ, ପ୍ରଡକ୍ଟ ଓ ସିଷ୍ଟମ ସାର୍ଟିଫିକେସନ, ସୁନା / ରୁପା ଗହଣା ଆଦିର ହଲ୍ ମାର୍କିଂ, ଲାବୋରେଟୋରି ଟେଷ୍ଟିଂ ଇତ୍ୟାଦି କାର୍ଯ୍ୟରେ ନିୟୋଜିତ ଥିବା ସଂସ୍ଥା ଗୁଡିକ କେନ୍ଦ୍ର ସରକାର/ରାଜ୍ୟ ସରକାର/କେନ୍ଦ୍ର ଶାସିତ ଅଞ୍ଚଳର ସରକାର ବୈଧାନିକ/ସ୍ୱୟଂକ୍ରିୟ ସଂସ୍ଥାର ଯୋଗ୍ୟ କର୍ତ୍ତବ୍ୟରତ କର୍ମଚାରୀଙ୍କ ଠାରୁ ନିମ୍ନ ପ୍ରଦତ୍ତ ବିବରଣୀ ଅନୁଯାୟୀ ଡେପୁଟେସନ ଭିତ୍ତିରେ ଖାଲି ପଡିଥିବା ସେକ୍ସନ ଅଧିକାରୀ ପୂରଣ ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି ।

| ପଦବୀ ର ନାମ | ଖାଲିଥିବା ପଦବୀ | ପଦବୀ ଓ ଖାଲିଥିବା ସ୍ଥାନ | | | |
|---|---|---|---|---|---|
| ସେକ୍ସନ ଅଫିସର ଲେଭଲ-୭ (ଟ. ୪୪୯୦୦-୧୪୨୪୦୦) | ୨୩ | ବାଙ୍ଗାଲୋର | -୦୨ | କୋୟୋମ୍ବାଟୋର | -୦୧ |
| | | ଗାନ୍ଧିଧାମ | -୦୧ | ଗୌହାଟି | -୦୧ |
| | | ହୁବିଲ | -୧ | ଜାମସେଦପୁର | -୦୧ |
| | | କୋଲକାତା | -୦୨ | ମୁମ୍ବାଇ | -୦୨ |
| | | ନୋଏଡା | -୦୧ | ପାରୱାନୁ | -୦୧ |
| | | ପାଟଣା | -୦୧ | ରାୟପୁର | -୦୧ |
| | | ରାଜକୋଟ | -୦୧ | ସୁରାଟ | -୦୧ |
| | | ବିଜୟୱାଡା | -୦୧ | | |
| | | ଦିଲ୍ଲୀ/ଏନସିଆର (ସମ୍ଭାବିତ) | -୦୫ | | |

**କିପରି ଆବେଦନ କରିବେ :**

୧. ଏମ୍ପ୍ଲଏମେଣ୍ଟ ନ୍ୟୁଜ୍ / ରୋଜଗାର ସମାଚାରରେ ବିଜ୍ଞାପନ ପ୍ରକାଶ ପାଇବା ତାରିଖ ଠାରୁ ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ ହେଉଛି ୪୫ ଦିନ ।

୨. ବିଆଇଏସ୍ ୱେବସାଇଟ୍ : **www.bis.gov.in** ର ହୋମ୍ ପେଜ୍‌ରେ କ୍ୟାରିଅର ଅପରଚ୍ୟୁନିଟିଜ୍ ଟ୍ୟାପ୍ କଲେ ଉପଲବ୍ଧ ହେଉଥିବା ସବିଶେଷ ବିଜ୍ଞାପନ ବିବରଣୀ ଦୟାପୂର୍ବକ ସୂଚିତ କରନ୍ତୁ ।

ସ୍ୱା/-
(ସୋଏବ ଅକ୍ତର)
ନିର୍ଦ୍ଦେଶକ (ଏଷ୍ଟାବ୍ଲିଶମେଣ୍ଟ)
ବ୍ୟୁରୋ ଅଫ ଇଣ୍ଡିଆ ଷ୍ଟାଣ୍ଡର୍ଡସ

CBC-08103/12/0007/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୬୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org.

CAD-1567

ପତ୍ର ସଂଖ୍ୟା ୧୮୦ **ବିଜ୍ଞାପନ** ତା : ୧୬.୦୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନନ୍ଦନ ଏନକ୍ଲେଭ, ଭୁବନେଶ୍ୱର, ଗୃହ ନିର୍ମାଣ ପ୍ରକଳ୍ପରେ ପ୍ଲଟ ନଂ. ଏଚ.ଆଇ.ଜି-୧୯ (Plot No.-HIG-19) ର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ୧. ଭାରତୀ ସାହୁ, ସ୍ୱାମୀ- ସ୍ୱର୍ଗତ ବୃନ୍ଦାବନ ସାହୁ, ୨. ଲତା ସାହୁ, ସ୍ୱାମୀ- ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ, ୩. ପ୍ରଜ୍ଞିତା ତେଜସ୍ୱିନୀ ୪. ପ୍ରଚେତା ତେଜସ୍ୱୀ ୫. ପ୍ରିତମ ତେଜସ୍ୱାନ, ପିତା- ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁଙ୍କ ନାମରେ ରେକର୍ଡ ଦରକ କରାଯାଇଥିଲା । ବର୍ତ୍ତମାନ ଉକ୍ତ ରେକର୍ଡଧାରୀଙ୍କ ମଧ୍ୟରୁ ୧. ଭାରତୀ ସାହୁ, ୨. ଲତା ସାହୁ, ୩ ପ୍ରଜ୍ଞିତା ତେଜସ୍ୱିନୀ ୪. ପ୍ରଚେତା ତେଜସ୍ୱୀ ଉକ୍ତ ସମ୍ପତ୍ତିରେ ଥିବା ସେମାନଙ୍କର ସତ୍ତ୍ୱ ଅଂଶକୁ ସେମାନଙ୍କ ଅନ୍ୟ ଏକ ଅଂଶିଦାର ପ୍ରିତମ ତେଜସ୍ୱାନଙ୍କ ନାମରେ ଦାନପତ୍ର ଆଧାରରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0825/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୬୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org.

ପତ୍ର ସଂଖ୍ୟା ୧୮୫ **ବିଜ୍ଞାପନ** ତା : ୨୨.୦୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ- ଏଚ.ଆଇ.ଜି-(ଡି)-ଏ-୧୬ (HIG-D-A-16) ବରମୁଣ୍ଡା, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବିଶ୍ୱଜିତ୍ ସ୍ୱାଇଁ, ପିତା- ସ୍ୱର୍ଗତ ରତ୍ନାକର ସ୍ୱାଇଁ, ସା-ଏଚ.ଆଇ.ଜି-(ଡି)-ଏ-୧୬, ବରମୁଣ୍ଡା, ଏଚ.ବି କଲୋନୀ, ପୋ-ବରମୁଣ୍ଡା, ଥାନା-ଭରତପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଶ୍ୱଜିତ୍ ସ୍ୱାଇଁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅବଗୀଣ ଆଧାରରେ ୧. ଶ୍ରୀ ସୁରେଶ କୁମାର ମିଶ୍ର, ପିତା-ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ୨. ସ୍ୱୟଂଶ୍ରୀ ମିଶ୍ର, ସ୍ୱାମୀ- ସୁରେଶ କୁମାର ମିଶ୍ର, ପ୍ଲଟ ନଂ- ଡୁପ୍ଲେକ୍ସ-୪୨, ୧୨ ତମ ମାଇଲିଷ୍ଟେସନ, ଭଗବାନପୁର, ପୋ-ପାତ୍ରପଡ଼ା, ଥାନା-ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

### ଧିମେଇଛି ରାଜ୍ୟରେ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା

# ମାତ୍ର ୩୯ ଜଣଙ୍କୁ ଦେଶାନ୍ତର ପାଇଁ କେନ୍ଦ୍ରକୁ ରିପୋର୍ଟ ଦେଇ ବସିଛି ଗୃହ ବିଭାଗ

ଭୁବନେଶ୍ୱର, (ପ୍ରଦୀପ୍ତ କୁମାର ଦାସ): ସମ୍ପ୍ରତି ରାଜ୍ୟରେ ବେଆଇନ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା କେଉଁ ଅଦୃଶ୍ୟ କାରଣରୁ ଧିମେଇଛି ସେନେଇ ବୁଦ୍ଧିଜୀବୀ ମହଲରେଏବେ ଘୋର ସନ୍ଦେହ ପ୍ରକାଶ ପାଇଛି।ଗତ ମେ ମାସରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ୩୦ ଦିନିଆ ସମୟସୀମା ପୁରି ଯାଭିତରେ ଦୁଇ ମାସ ବିତିଗଲାଣି।ହେଲେ ରାଜ୍ୟରେ ବେଆଇନ ଭାବେ ରହୁଥିବା ଅନୁପ୍ରବେଶକାରୀ ମାନଙ୍କୁ ଚିହ୍ନଟ କରି ଅଟକକେନ୍ଦ୍ରରେ ରଖିବା ପରେ ଦେଶାନ୍ତର କରିବା ପ୍ରକ୍ରିୟାରେ ଏକପ୍ରକାର ଅଘୋଷିତ ରୋକ ଲାଗିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଜାତୀୟ ସୁରକ୍ଷା ଓ ଦେଶବାସୀଙ୍କ ନିରାପତ୍ତା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବାରୁ ଏହାକୁ ସ୍ୱତନ୍ତ୍ର ଅଭିଯାନକ୍ରମେ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗତ ମେ ମାସରେ ଦେଶର ସବୁ ରାଜ୍ୟକୁ ନିର୍ଦ୍ଦେଶ ଜାରି କରି ଚିଠି କରିଥିଲା।ସେଥିରେ ୩୦ ଦିନ ସମୟ ଅବଧି ଭିତରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରିବା ଲାଗି ମହଲତ ଦିଆଯାଇଥିଲା।ତଦନୁଯାୟୀ ରାଜ୍ୟ ଗୃହବିଭାଗ ମଧ୍ୟ ସବୁ ଜିଲ୍ଲାର ଜିଲ୍ଲାପାଳ,ଏସପିଙ୍କ ସମେତ କଟକ ଭୁବନେଶ୍ୱର କମିଶନରେଟ ପୋଲିସ କର୍ତ୍ତୃପକ୍ଷଙ୍କୁ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ



ଦେଇଥିଲା।ମାତ୍ର ସମୟସୀମା ପାର ହୋଇ ଯା ଭିତରେ ପ୍ରାୟ ଦୁଇ ମାସ ବିତିଗଲାଣି ପଛେ ଏହି ଅଭିଯାନ ଧିମା ପାଲଟିଛି।

ଇତିମଧ୍ୟରେ ସାରା ରାଜ୍ୟରୁ କେବଳ କମିଶନରେଟ ପୋଲିସ ଅନ୍ତର୍ଗତ ଦୁଇ ସହରାଞ୍ଚଳ ପୋଲିସ ଜିଲ୍ଲା କଟକ ଓ ଭୁବନେଶ୍ୱରରୁ ମୋଟ ମାତ୍ର ୩୯ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଦେଶାନ୍ତର କରିବା ପାଇଁ ରାଜ୍ୟ ଗୃହ ବିଭାଗ କେନ୍ଦ୍ର ଗୃହ ବିଭାଗକୁ ଗତ ମାସରେ ରିପୋର୍ଟ ଦେଇଥିବା ଜଣାପଡିଛି।ତନ୍ମଧ୍ୟରୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲାରୁ ୨୪ ଜଣ ଓ କଟକ ସହରାଞ୍ଚଳ ପୋଲିସ ଜିଲ୍ଲାରୁ ୧୫ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିବା ରାଜ୍ୟ ଗୃହ ବିଭାଗକୁ ରିପୋର୍ଟ ଦିଆଯାଇଛି। ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଦେଶାନ୍ତର ପାଇଁ ଅଦ୍ୟାବଧି କେତେ ସଂଖ୍ୟାରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ରାଜ୍ୟ ଗୃହ ବିଭାଗକୁ ରିପୋର୍ଟ ଦେଇଛନ୍ତି ତାହା ଏବେ ଅନ୍ଧାରରେ। ସେ ସମ୍ପର୍କିତ ବାସ୍ତବ ସ୍ଥିତି ଜାଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା, ପ୍ରମୁଖ ସଚିବ ଓ ଗୃହ ସଚିବଙ୍କ ଫୋନ ସହ ଯୋଗାଯୋଗ କରାଯାଇଥିଲେହେଁ ତାହା ସମ୍ଭବ ହୋଇପାରିନାହିଁ। ଏହିକ୍ରମରେ ସବୁଠାରୁ ବିସ୍ମୟର କଥା ଯେକିଛିଦିନ ତଳେ ଝାରସୁଗୁଡ଼ା ଜିଲ୍ଲାରେ ୪୪୪ ଜଣ ସନ୍ଦିଗ୍ଧଙ୍କୁ ଅନୁପ୍ରବେଶକାରୀ ବୋଲି ଭାବି ପ୍ରାଥମିକ ପର୍ଯ୍ୟାୟରେ ଅଟକ ରଖାଯାଇଛି ବୋଲି ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶିତ ହୋଇଥିଲା।ମାତ୍ର ସେମାନଙ୍କ ମଧ୍ୟରୁ ପରିଚୟ ନଥିପତ୍ର ସବିଶେଷ ଯାଞ୍ଚ ପରେ କେତେକଙ୍କ ପରିଚୟ ନଥିପତ୍ର ସଠିକ ଥିବା ଜଣାପଡ଼ିଥିଲା। ତେଣୁ ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା।

ବାକି ଅନ୍ୟମାନଙ୍କର ପରିଚୟ ନଥିପତ୍ର ଯାଞ୍ଚ ପ୍ରକ୍ରିୟା ସ୍ଥିତିରେ ଇତିମଧ୍ୟରେ କେତେଦୂର ଅଗ୍ରଗତି ହେଲା ଏବଂ ଉକ୍ତ ଜିଲ୍ଲାରେ ସେମାନଙ୍କ ବ୍ୟତୀତ ପରେ ଆଉ ଅତିରିକ୍ତ କେତେଜଣଙ୍କୁ ଅନୁପ୍ରବେଶକାରୀ ଭାବେ ଇତିମଧ୍ୟରେ ଚିହ୍ନଟ କରାଯାଇଛି ତାହା ମଧ୍ୟ ଏବେ ଅସ୍ପଷ୍ଟ ରହିଛି। ଏନେଇ ଉତ୍ତରାଞ୍ଚଳ ରେଞ୍ଜ ଆଇଜି ତଥା ବରିଷ୍ଠ ଆଇପିଏସ ଅଧିକାରୀ ହିମାଂଶୁ ଲାଲଙ୍କୁ ପଚାରିବାରୁ ସେ ଏବାବଦରେ ଅଦ୍ୟାବଧି ନିର୍ଦ୍ଦିଷ୍ଟ ଭାବେ କୌଣସି ସଂଖ୍ୟା କଥା କହି ନଥିଲେ ମଧ୍ୟ ଏହି ଅଭିଯାନ ଚାଲୁରହିଛି ବୋଲି କହିଥିଲେ। ଏଭଳି ଏକ ସମ୍ବେଦନଶୀଳ ଜାତୀୟସ୍ୱାର୍ଥ ସମ୍ପର୍କିତ ସମସ୍ୟାକୁ ନେଇ ସମ୍ପୃକ୍ତ ଦାଇତ୍ୱ ସମ୍ପନ୍ନ ଅଧିକାରୀମାନେ ଗମ୍ଭୀରତାର ସହ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଉଦାସୀନତା ଦେଖାଇବା ପଛରେ କଣ ରହସ୍ୟ ରହିଛି ସେ ନେଇ ଘୋର ବିସ୍ମୟ ପ୍ରକାଶ ପାଇଛି। ଏହି ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ନିକଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ମଧ୍ୟ ହୋଇଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟାକୁ କେତେଦୂର କ୍ରିୟାଶୀଳ କରୁଛନ୍ତି ତାହା ଆଗାମୀଦିନରେ ବେଶ ସ୍ପଷ୍ଟ ହୋଇଯିବ।

### ଜୀବିକା ନିର୍ବାହ, ବୟନ ପରିବର୍ତ୍ତନ

# ଝାରସୁଗୁଡା ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ ଜୀବନ ଗଠନରେ ସାହାଯ୍ୟ କରୁଛି ବେଦାନ୍ତ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଓଡ଼ିଶାର ଗ୍ରାମାଂଚଳରେ, ପ୍ରାଚୀନ ପରମ୍ପରା ଏବଂ ନିପୁଣ କାରିଗରୀ ଦୀର୍ଘକାଳ ଧରି ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ସମ୍ବଲପୁରୀ ହସ୍ତତନ୍ତର ସ୍ପନ୍ଦନଶୀଳ ଢାଂଚାଠାରୁ ଟେରାକୋଟା କଳାର ମାଟିର ସୁନ୍ଦରତା ପର୍ଯ୍ୟନ୍ତ, ଏହି ସାଂସ୍କୃତିକ ଅଭିବ୍ୟକ୍ତିଗୁଡ଼ିକ ପିଢ଼ି ପରେ ପିଢ଼ି ଚାଲିଆସିଥିବା ପରିଚୟ ଏବଂ କାହାଣୀଗୁଡ଼ିକୁ ପ୍ରକାଶ କରେ। ତଥାପି, ପରିବର୍ତ୍ତିତ ଆର୍‌ଥିକ ଭୂଦୃଶ୍ୟ, ଗ୍ରାହକଙ୍କ ରୁଚି ଏବଂ ସମର୍ଥନ ପାଇଁ ସୀମିତ ଉପାୟ ସହିତ, ଅନେକ କାରିଗର ସେମାନଙ୍କର କାରିଗରୀ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ, ଯାହା ଏହି ଐତିହ୍ୟ କଳାର ବଂଚିବା ପାଇଁ ବିପଦ ସୃଷ୍ଟି କରିଥିଲା। ବର୍ତ୍ତମାନ, ଏକ ନୀରବ ପୁନରୁଥାନ ଚାଲିଛି। ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ୍, ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଗୋଟିଏ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀର ବ୍ୟାପକ ସହାୟତା ମାଧ୍ୟମରେ - ମହିଳା କାରିଗରମାନଙ୍କୁ ସେମାନଙ୍କ ମୂଳ ସହିତ ପୁନଃ ସଂଯୋଗ, ଦକ୍ଷତା ବୃଦ୍ଧି ଏବଂ ସଶକ୍ତ ଜୀବନ ଗଠନ କରିବାରେ ସାହାଯ୍ୟ କରୁଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଦୁଇଟି ପ୍ରମୁଖ ପଦକ୍ଷେପ, ଭେଦସୁତା ଏବଂ ଭେଦମୂର୍ତ୍ତିକା, ମହିଳାମାନଙ୍କୁ ପାରମ୍ପରିକ ଜ୍ଞାନକୁ ସ୍ଥାୟୀ ଜୀବିକାରେ ପରିଣତ କରିବାରେ ସକ୍ଷମ କରୁଛି, ଏବଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରୁଛି।

ଭେଦସୁତା ଝାରସୁଗୁଡାର ରଘୁନାଥପାଲି ଗାଁରେ ହସ୍ତତନ୍ତର ତାଳମୟ ଶବ୍ଦକୁ ଫେରାଇ ଆଣିବାରେ ସାହାଯ୍ୟ କରୁଛି। ଏହି ହସ୍ତତନ୍ତ କ୍ଲଷ୍ଟର ବିକାଶ ପଦକ୍ଷେପର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସୂତା ବାନ୍ଧିବା, ପ୍ରାକୃତିକ ଭାବରେ ରଙ୍ଗ ଦେବା ଏବଂ ପାରମ୍ପରିକ ବୟନ ଭଳି ସ୍ୱତନ୍ତ୍ର କୌଶଳରେ ତାଲିମ ଦେଇ ସମ୍ବଲପୁରୀ ବୟନ ପରମ୍ପରାକୁ ପୁନର୍ଜୀବିତ କରିବା। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ, ୨୫ ଜଣ ମହିଳା ହସ୍ତତନ୍ତ ସେଟ୍ ପାଇଛନ୍ତି ଏବଂ ସ୍ଥିର ଆୟ କରୁଛନ୍ତି, ସହିତ ହସ୍ତଶିଳ୍ପରେ ଦକ୍ଷତା ହାସଲ କରିବାରେ ମଧ୍ୟ ତାଲିମ ପାଉଛନ୍ତି। ଏହି ସମୟରେ, ନକ୍ସାପାଲି ଏବଂ ରେଙ୍ଗାଲବେଡା ଗ୍ରାମଗୁଡ଼ିକରେ, ବେଦମୂର୍ତ୍ତିକା ପ୍ରକଳ୍ପ ଟେରାକୋଟା କଳାର ଅଭ୍ୟାସକୁ ପୁନଃଆକୃତି ଦେଉଛି। ଏକଦା ଏକ ସମୃଦ୍ଧ ପରମ୍ପରା, ଟେରାକୋଟା କାରିଗରୀର ପ୍ରଦର୍ଶନ, ତାଲିମ ଏବଂ ଉପଯୁକ୍ତ ଆୟ ସୁଯୋଗର ଅଭାବ ଯୋଗୁଁ ହ୍ରାସ ପାଇଥିଲା। ଏହା ସହିତ, ମୂଲ୍ୟ ନିର୍ଦ୍ଧାରଣ, ମାର୍କେଟିଂ ଏବଂ ଯୋଜନା ଉପରେ ତାଲିମ ଅଧିବେଶନଗୁଡ଼ିକ ସେମାନଙ୍କୁ ସେମାନଙ୍କର ସୃଜନଶୀଳତାକୁ ଏକ ନିର୍ଭରଯୋଗ୍ୟ ଆୟ ଉତ୍ସରେ ପରିଣତ କରିବାରେ ଆହୁରି ସାହାଯ୍ୟ କରୁଛି।



ଏହି ପ୍ରୟାସଗୁଡ଼ିକର ବ୍ୟାପକ ପ୍ରଭାବ ଉପରେ ଆଲୋକପାତ କରି, ଝାରସୁଗୁଡାର ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି ଚନ୍ଦ୍ରୁ କହିଛନ୍ତି, "ବେଦସୁତା ଏବଂ ବେଦମୂର୍ତ୍ତିକା ଭଳି ପଦକ୍ଷେପ ମାଧ୍ୟମରେ, ଆମେ ମହିଳା କାରିଗରମାନଙ୍କୁ କେବଳ ପାରମ୍ପରିକ ହସ୍ତଶିଳ୍ପକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରୁନାହୁଁ ବରଂ ସେମାନଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ପରିବାର ପାଇଁ ଉନ୍ନତ, ଅଧିକ ସୁରକ୍ଷିତ ଜୀବିକା ନିର୍ମାଣ କରିବାରେ ମଧ୍ୟ ସକ୍ଷମ କରିଛୁ।

# ୪୯ ଲକ୍ଷର ଗହଣା ନେଇ ନଫେରାଇବାରୁ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମା'ର ଦେହ ଖରାପ କହି ଏତଲାକାରୀଙ୍କ ଠାରୁ ୪୯ଲକ୍ଷ ଟଙ୍କାର ଗହଣା ନେଇ ବନ୍ଧା ପକାଇବା ପରେ ଆଉ ଫେରାଇ ନଥିଲା ଅଭିଯୁକ୍ତ । ୪୯ ଲକ୍ଷ ଟଙ୍କା ଦେବା ପାଇଁ ଚେକ୍ ଦେଇଥିଲେ ମଧ୍ୟ ତାହା ବାଉନ୍ସ କଲା । ଏ ସମ୍ପର୍କରେ ତାରେଣୀ ପ୍ରସାଦ ମହାନ୍ତି ଭରତପୁର ଥାନାରେ ଏତଲା କରିବା ପରେ ଅଭିଯୁକ୍ତ ସୋନୁ ଶୁଭମ୍ (୩୨)କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

ସୋନୁ ନିଜର ମା'ଦେହ ଖରାପ କହି ତାରେଣୀ ପ୍ରସାଦ ମହାନ୍ତିଙ୍କ ଠାରୁ ୨୦୨୪ ମସିହା ଫେବୃଆରୀ ୧୪ ତାରିଖ ଦିନ ଗହଣା ନେଇଥିଲେ । କାରଣ ମା' ଚିକିତ୍ସା ପାଇଁ ସୋନୁ ଏତଲାକାରୀଙ୍କୁ ଟଙ୍କା ମାଗିଥିଲା । ଟଙ୍କା ନଥିବାରୁ ତାରେଣୀ ଘରେ ଥିବା ପରିବାର ସଦସ୍ୟଙ୍କ ଗହଣାକୁ ଲୁଚାଇ ସୋନୁକୁ ଦେଇଥିଲେ । ୧୦ଦିନ ପରେ ଗହଣା ଫେରାଇ ଦେବାକୁ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଫେରାଇ ନଥିଲା । ଗହଣା ଫେରାଇବା ଲାଗି ସମୟ ଅବଧି ସରିଯାଇଥିଲେ ମଧ୍ୟ ସେ ବନ୍ଧା ପକାଇଥିବା ଗହଣାକୁ ଫେରାଇ ଆଣିପାରିଲା ନାହିଁ କିମ୍ବା ଏତଲାକାରୀଙ୍କୁ ଦେଲାନାହିଁ । ବାରମ୍ବାର ଅନୁରୋଧ ପରେ ଅଭିଯୁକ୍ତ ୪୯ ହଜାର ଟଙ୍କାର ୪ଟି ଚେକ୍ ଦେଇଥିଲା । ଗହଣା ନଫେରାଇବାରୁ ଗହଣା ମୂଲ୍ୟ ଦେବା ପ୍ରତିଶ୍ରୁତିରେ ଚେକ୍ ଦେଇଥିଲା । ସେହି ୪ଟି ଯାକ ଚେକ୍ ବାଉନ୍ସ କରିବାରୁ ଏତଲାକାରୀ ପୁଣି ତାଙ୍କୁ ଗହଣା ଫେରାଇବାକୁ ଦାବି କରିଥିଲେ । ହେଲେ ସୋନୁ ଗହଣା ଫେରାଇ ହେବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲା ।

ଉପାୟଶୂନ୍ୟ ହୋଇ ତାରେଣୀ ପ୍ରସାଦ ମହାନ୍ତି ଭରତପୁର ଥାନାରେ ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ତଦନ୍ତ କରି ସୋନୁ ଶୁଭମ୍‌କୁ ଗିରଫ କରିବା ପରେ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ଜାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ନିମ୍ବ ଗଛରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଛପାଖ୍ୱର୍ରେ ଥିବା ଏକ ନିମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଗୁରୁଜଙ୍ଗ ଭୋଇ ସାହିର ସୁକାନ୍ତ ଭୋଇ (୩୮)। ପ୍ରକାଶଥାଉକି, ସ୍କୁଲ ପଛପଟ ନିମ୍ବ ଗଛରେ ଏକ ମୃତଦେହ ଝୁଲୁଥିବା ଲୋକ ଦେଖି ପୁଲିସ କୁ ଖବର ଦେଇଥିଲେ। ମୃତ ଦେହକୁ ସ୍ଥାନୀୟ ଲୋକ ସୁକାନ୍ତ ବୋଲି ଚିହ୍ନଟ କରିଥିଲେ। ପୁଲିସ ନିମ୍ବ ଗଛ ରୁ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଯୁବକଙ୍କୁ କେହି ହତ୍ୟା କରି ସେଠାରେ ଟାଙ୍ଗିଥିବା ସ୍ଥାନୀୟ ଲୋକ ସନ୍ଦେହ କରୁଥିବା ଜଣାଯାଇଛି।

# ୩ବର୍ଷ ମଧ୍ୟରେ ୫୦ କୋଟି ଟଙ୍କା ନିବେଶ କରିବେ ଟାଇଟାସ୍ ଫୁଟୱିୟର

ଭୁବନେଶ୍ୱର (ସବ୍ୟୁ): ଫୁଟୱିୟର କ୍ଷେତ୍ରରେ କୋଲକାତାର ଅନ୍ୟତମ ନାମ ଟାଇଟାସ୍ ତାହାର ଅଭିବୃଦ୍ଧି ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ସମ୍ପର୍କରେ ଘୋଷଣା କରୁଛି। ଗ୍ଲୋବାଲ ଫୁଟଓୟାର ଆଣ୍ଡ ଲେଦର କ୍ରାଫ୍ଟ ଇଣ୍ଡଷ୍ଟ୍ରିଜ ଅଧୀନରେ ଫୁଟୱିୟର ବିପଣନ ଏବଂ ତିଆରି କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟର ଉତ୍କର୍ଷ ହାସଲ ପରେ କମ୍ପାନୀ ଆନୁଷ୍ଠାନିକ ଭାବରେ ନିଜର ଫୁଟଓୟାର ବ୍ୟବସାୟକୁ ଏକ ନୂଆକରି ସ୍ଥାପିତ ସଂସ୍ଥା: ଟାଇଟାସ୍ ଫୁଟୱିୟର ପ୍ରାଇଭେଟ ଲିମିଟେଡକୁ ରୂପାନ୍ତରିତ ହୋଇଛି। କୋଲକାତାସ୍ଥିତ ମୋହତା ପରିବାର ଉଲ୍ଲେଖନୀୟ ଇକ୍ୱିଟି ନିବେଶ କରିବା ସହିତ କମ୍ପାନୀରେ ପ୍ରମୋଟରଙ୍କ ଅଂଶ ଦଖଲ କରିଛନ୍ତି। କମ୍ପାନୀ ପରିଚାଳନାରେ ଆଧୁନିକୀକରଣ ଉପରେ ଦୃଷ୍ଟିନିବଦ୍ଧ କରିବା ଏବଂ ଗ୍ରାହକ-କୈନ୍ଦ୍ରିକ ନବସୃଜନ ପ୍ରଦାନ କରିବାକୁ ଅନିରୁଦ୍ଧ ମୋହତାଙ୍କ ନେତୃତ୍ୱରେ କମ୍ପାନୀକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଆଗେଇନେବାକୁ ଏକ ନୂତନ ନେତୃତ୍ୱ ପ୍ରଦାନକାରୀ ଟିମ୍ ନିଯୁକ୍ତ କରାଯାଇଛି।

### ଶତ ପ୍ରତିଶତ ନିଯୁକ୍ତି ସହାୟତା ସହିତ

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମ୍ବଲପୁର ସହରରେ 'ଧନ୍ଦାମୂଳକ ତାଲିମ କେନ୍ଦ୍ର'ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ମାଧ୍ୟମରେ ସମ୍ବଲପୁର ଜିଲ୍ଲା ଏବଂ ନିକଟବର୍ତ୍ତୀ ଅଞ୍ଚଳର ଯୁବକ ଓ ଯୁବତୀମାନଙ୍କୁ ସଶକ୍ତ କରିବାର ଏକ ଲକ୍ଷ୍ୟ ନେଇ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ପ୍ରମୁଖ ସାମାଜିକ ଦାୟିତ୍ୱବୋଧ (ଉଝଜ) ପଦକ୍ଷେପ 'ରୋଶନି' ଅଧୀନରେ ଓରିଅନ୍ ସହଭାଗୀତାରେ ଏକ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଶୁଭ ଉଦଘାଟନ କରାଯାଇଅଛି । ଏହି କେନ୍ଦ୍ରଟି ସମ୍ବଲପୁରର ଅଇଁଠାପାଲି ସ୍ଥିତ ସରସ୍ୱତୀ ବିହାରରେ ଅବସ୍ଥିତ ରହିଛି । ଚଳିତ ବର୍ଷ ମଧ୍ୟରେ ୨୦୦ରୁ ଅଧିକ ଯୁବକ-ଯୁବତୀମାନଙ୍କୁ ଗ୍ରାହକ ସେବା ଅଧିକାରୀ ଭାବେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି । ଦ୍ରୁତ ଗତିରେ ବଢୁଥିବା ଗ୍ରାହକ ସେବା ଶିଳ୍ପରେ ଅତ୍ୟାବଶ୍ୟକ ବୃତ୍ତିଗତ ଯୋଗାଯୋଗ, ବୈଷୟିକ ବିଶେଷଜ୍ଞତା ଏବଂ ଦକ୍ଷତା ବୃଦ୍ଧି ଆଦି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦକ୍ଷେପ ଅଧିନରେ ପ୍ରଶିକ୍ଷଣ ଦେବା ପରେ ସାରା ରାଜ୍ୟରେ ଅବସ୍ଥିତ ଅଗ୍ରଣୀ କମ୍ପାନୀଗୁଡ଼ିକରେ ଏହି ଯୁବକ ଓ ଯୁବତୀମାନଙ୍କର ନିଯୁକ୍ତି ସୁନିଶ୍ଚିତ କରାଯିବ ।



ଏହି ତାଲିମ କେନ୍ଦ୍ରର ଉଦଘାଟନ ଉତ୍ସବରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ତାଲିମ ନେବାକୁ ଥିବା ଯୁବକ-ଯୁବତୀ ଏବଂ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ରହିଥିଲେ । ତାମିଲ କେନ୍ଦ୍ରର ଉଦଘାଟନ ସହିତ ମୋଟ୍ ୫୦ ଜଣ (୧୧ ଯୁବକ ଏବଂ ୩୯ ଯୁବତୀ)ଙ୍କୁ ନେଇ ପ୍ରଥମ ଦୁଇଟି ବ୍ୟାଚ୍ ଆରମ୍ଭ ହୋଇଯାଇଛି ।

# ଓଡ଼ିଶାର ଯୁବ ବର୍ଗଙ୍କ ପାଇଁ ଆଶାର ନୂଆ ଯୁଗ ଆଣିଛି ଆଦିତ୍ୟ ବିର୍ଲା

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ପକ୍ଷରୁ ସମ୍ବଲପୁରର ବରେଇପାଲିରେ



ସ୍ଥାପିତ ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ସ୍ଥାନୀୟ ଶତାଧିକ ଯୁବକ ଯୁବତୀଙ୍କ ସେମାନଙ୍କ ଜୀବନ ଧାରାକୁ କାହାର ଦୟାରେ ନୁହେଁ, ବରଂ ଦକ୍ଷତା, ଆତ୍ମବିଶ୍ୱାସ ଏବଂ କ୍ୟାରିୟର ଗଠନ ଜରିଆରେ ଉନ୍ନତ କରିବା ନିମନ୍ତେ ଏକ ଉତ୍କ୍ଷେପଣ ସ୍ଥଳ ପାଲଟିଛି। ୨୦୨୪ ମେ ମାସରେ ସ୍ଥାପିତ ଏହି ସେଣ୍ଟର ସ୍ଥାନୀୟ ଯୁବବର୍ଗଙ୍କୁ ଇଲେକ୍ଟ୍ରିକାଲ ଟେକ୍‌ନିସିଆନ, କଞ୍ଜ୍ୟୁମର ଡ୍ୟୁରେବଲ ଟେକ୍‌ନିସିଆନ, ଫାଶନ ଟେକ୍‌ନିସିଆନ, ରିଟେଲ ସେଲସ୍ ଆସୋସିଏଟ ଏବଂ ଫାଇନାନ୍‌ସିଆଲ ସର୍ଭିସେସ୍ ଆଦି କ୍ଷେତ୍ରରେ ଦକ୍ଷତା ବୃଦ୍ଧିକାରୀ ନିର୍ମାଣ ଏବଂ ଦକ୍ଷତା ବୃଦ୍ଧିକାରୀ ତାଲିମ ପ୍ରଦାନ କରୁଛି। ଏହି ସେଣ୍ଟର ଛାତ୍ର ଛାତ୍ରୀଙ୍କୁ କେବଳ ହାର୍ଡ ସ୍କିଲ୍‌ରେ ସୁସଜ୍ଜିତ କରୁନାହିଁ, ତାହାସହିତ ସେମାନଙ୍କୁ କମ୍ୟୁନିକେସନ ତାଲିମ, ଡିଜିଟାଲ ସାକ୍ଷରତା, ଜୀବନର କୌଶଳ ଏବଂ ଆର୍ଥିକ ପରିଚାଳନା ଆଦି କ୍ଷେତ୍ରରେ ସେମାନଙ୍କ ବ୍ୟକ୍ତିତ୍ୱକୁ ଦକ୍ଷକରି ବାସ୍ତବ ଦୁନିଆଁ ସେମାନଙ୍କର ସାମଗ୍ରିକ ପ୍ରସ୍ତୁତିକୁ ସୁନିଶ୍ଚିତ କରୁଛି। ଏପର୍ଯ୍ୟନ୍ତ ଦକ୍ଷତା କାର୍ଯ୍ୟକ୍ରମ ନିମନ୍ତେ ୩୩୩ ଆକାଂକ୍ଷୀ ଯୁବବର୍ଗ ସେମାନଙ୍କ ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯୬ ଜଣ ସଫଳତାର ସହିତ ସେମାନଙ୍କର ତାଲିମ ଶେଷ କରିଛନ୍ତି। ରେକର୍ଡ ଅନୁଯାୟୀ ୧୪୬ ଜଣ କୁଶଳୀ ଆଶାୟୀ ବିଭିନ୍ନ ରିଟେ, ପୋଷାକ ଶିଳ୍ପ, ବ୍ୟାଙ୍କ ଏବଂ ସର୍ଭିସ ସେିକ୍ଷଗ୍ମ;ରଗୁଡିକରେ ନିଯୁକ୍ତି ପାଇସାରିଥିବାବେଳେ ୯ଜଣ ସେମାନଙ୍କର ଔଦ୍ୟୋଗିକ ଯାତ୍ରା ଆରମ୍ଭ କରିଛନ୍ତି।

# ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସମ୍ମିଳନୀ

ଭୁବନେଶ୍ୱର: (ସବ୍ୟୁ): ଇଣ୍ଡିଆନ୍ ବ୍ୟାଙ୍କ ନୟାପଲ୍ଲୀ ଶାଖା ପକ୍ଷରୁ ଗ୍ରାହକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ମିଳନୀରେ ଇଣ୍ଡିଆନ୍ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା, ଉପ-ମହାପ୍ରବନ୍ଧକ ରଣଞ୍ଜୟ ସିଂ, ନୟାପଲ୍ଲୀ ଶାଖାର ଶାଖା ପ୍ରବନ୍ଧକ ମଳୟ ରଞ୍ଜନ ମହାନ୍ତି, ଅବସରପ୍ରାପ୍ତ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏଥିରେ ପାଖାପାଖି ୫୦ରୁ ଉଦ୍ଧ୍ୱର୍ ଗ୍ରାହକ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଏବଂ ବ୍ୟାଙ୍କର ବିଭିନ୍ନ ଜମା ଉତ୍ପାଦ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାହକମାନେ



ନିଜର ମତାମତ ରଖିଥିବା ସହ ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ ସେବାରେ ସେମାନେ ସନ୍ତୁଷ୍ଟି ଲାଭ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଏବଂ ମହିଳା ଗ୍ରାହକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର

ଖୋର୍ଦ୍ଧା, (ସବ୍ୟୁ): ତାଲୁକ ଆଇନ ସେବା କମିଟି ତରଫରୁ ସ୍ଥାନୀୟ ମୁକ୍ତାପୁରସ୍ଥିତ ଏକ ଘରୋଇ ଇଂଜିନିୟରିଂ ସ୍କୁଲରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହିଳା କୋର୍ଟ ଜଜ୍ ରେଖା ରେଖାରାଣୀ ନାୟକ ଉଦଘାଟନ କରିଥିବା ବେଳେ ଦେୱାନି ଜଜ (କନିଷ୍ଠ) ଶ୍ରୀପର୍ଣ୍ଣା ମହାପାତ୍ର, ଜେଏମଏଫସି ଦୁର୍ଗାପ୍ରସାଦ ପଣ୍ଡା, ପ୍ୟାନେଲ ଆଇନଜୀବି ବିକ୍ରମ କେଶରୀ ଚମ୍ପତି, କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ନାୟକ, ଅଧ୍ୟାପକ ଶ୍ରୀକାନ୍ତ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍କୁଲର ପିଲାମାନେ କିପରି ଅଧାରୁ ପାଠପଢ଼ା ନଛାଡି ଦେଶର ବିକାଶରେ ନିଜକୁ ସାମିଲ କରି ଭବିଷ୍ୟତରେ ସୁନାଗରିକ ହେବେ ଓ ଆଇନକୁ ସମ୍ମାନ ଦେବେ ସେ ସମ୍ପର୍କରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବବି ଶତପଥୀ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଜୟନ୍ତ ପଣ୍ଡା ଅନ୍ୟବାଦ ଅର୍ପଣ କରିଥିଲେ।

### ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫

# ତୃଣମୂଳସ୍ତରର ପ୍ରତିଭାଙ୍କୁ ସଶକ୍ତ କରୁଛି ଏଏମ୍/ଏନ୍ଏସ୍ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ଇଣ୍ଡିଆ) ଏହାର ସିଏସ୍ଆର ପଦକ୍ଷେପ 'ଉଡ଼ାନ୍' ମାଧ୍ୟମରେ ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ର ମୁଖ୍ୟ ପ୍ରାୟୋଜକର ଭୂମିକା ନିର୍ବାହ କରିଛି। ଡାଲକୀ ବୀର ବିର୍ସାମୁଣ୍ଡା ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଓ ୨୪୦ରୁ ଅଧିକ ଖେଳାଳି, ସ୍ଥାନୀୟ ଗୋଷ୍ଠୀ ଓ ପ୍ରତିଦ୍ୱନ୍ଦି ଏହି ଦିନକିଆ ଉତ୍ସବରେ ଅଂଶଗ୍ରହଣ କରିଥିଲେ।

କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ଡାଲକୀ ପଡ଼ିଆରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ଆଖ ପାଖ ଗାଁର ଯୁବକମାନେ ଏକତ୍ରିତ ହୋଇ କ୍ରୀଡ଼ା ମନୋଭାବ, ଦଳଗତ ଭାବନା ଓ ସ୍ଥାନୀୟ ଗୌରବର ପ୍ରଦର୍ଶନ କରିଥିଲେ। ନକ୍ ଆଉଟ୍ ଫର୍ମାଟରେ ଏହି ମ୍ୟାଚ୍ ଗୁଡ଼ିକ ଖେଳାଯାଇଥିଲା, ଯାହା ପ୍ରତ୍ୟେକ ମ୍ୟାଚ୍ର ଉତ୍ସାହ ଦ୍ୱିଗୁଣିତ କରିଥିଲା। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସନ୍ନିଏକ୍ସପ୍ରେସ୍ ୧-୦ ଗୋଲରେ ଖୁସି ୧୧ ଦଳକୁ ପରାସ୍ତ କରି ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ର ବିଜେତା ହୋଇଥିଲା। ଏହି କାର୍ଯ୍ୟକ୍ରମେର ବୀର ବିର୍ସାମୁଣ୍ଡା



ୟୁଥ କ୍ଲବର ସଭାପତି ନିରଞ୍ଜନମୁଣ୍ଡା, ଏଏମ୍/ଏନ୍ଏସ୍ଇଣ୍ଡି ଆଠାକୁରାଣୀ ଖଣିରଲୋକ କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ଏଏମ୍/ଏନ୍ଏସ୍ଇଣ୍ଡି ଆଠାକୁରାଣୀ ଖଣି ରସିଏସ୍ଆର୍ମୁଖ୍ୟ ଅରୁଣ ଅଗ୍ରୱାଲଙ୍କ ସମେତ କମ୍ପାନିର ଅନ୍ୟ ଅଧିକାରୀ ଓ ସ୍ଥାନୀୟ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତଥିଲେ। ଅତିଥିମାନେ ବିଜେତା ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ୟକ୍ତିଗତ ସଫଳତା ପାଇଁ ସନ୍ନିଏକ୍ସପ୍ରେସ୍ ଦଳର ଶିବମୁଣ୍ଡାଙ୍କୁ ଶ୍ରେଷ୍ଠ ଗୋଲକିପର୍ , ଖୁସି ୧୧ ଦଳର ଅଜୟ ମୁଣ୍ଡାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଏବଂ ସନ୍ନି ଏକ୍ସପ୍ରେସ୍ ଦଳଳର ଅବିନାଶ ମୁଣ୍ଡାଙ୍କୁ ଶ୍ରେଷ୍ଠ ଗୋଲ ସ୍କୋରର ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ଟୁର୍ଣ୍ଣାମେଣ୍ଟକୁଏଏମ୍/ଏନ୍ଏସ୍ଇଣ୍ଡିଆ ପକ୍ଷରୁ ବ୍ୟାପକ ସମର୍ଥନ ମିଳିଥିଲା, ଯେଉଁଥିରେ କ୍ରୀଡ଼ା ଉପକରଣ, ଟ୍ରଫି, ଖେଳାଳି ଓ ସ୍ୱେଚ୍ଛାସେବୀଙ୍କ ପାଇଁ ଜର୍ସି, ଭେନ୍ୟୁସେଟଅପ୍, ଖାଦ୍ୟ ଏବଂ ଖେଳାଳିମାନଙ୍କ ପାଇଁ ଲଜିଷ୍ଟିକ୍ସ ସହାୟତା ଅନ୍ତର୍ଭୁକ୍ତ ଥିଲା। ନିରଞ୍ଜନ ମୁଣ୍ଡା ସ୍ଥାନୀୟ ପ୍ରତିଭାମାନଙ୍କୁ ସଶକ୍ତ କରିବା ପାଇଁ ଏଏମ୍/ଏନ୍ଏସ୍ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଆୟୋଜନରେ କମ୍ପାନିର ସକ୍ରିୟ ଅଂଶ ଗ୍ରହଣକୁ ପ୍ରଶଂସା କରିଥିଲେ।

# ପ.ବଙ୍ଗକୁ ୫,୨୦୦ କୋଟିର ପ୍ରକଳ୍ପ ଉପହାର

## ବହୁବିଧ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



କୋଲକାତା: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର କୋଲକାତାରେ ୫,୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କୁ ପୁଣି ଥରେ ପଶ୍ଚିମବଙ୍ଗର ବିକାଶକୁ ତ୍ୱରାନ୍ୱିତ କରିବାର ସୁଯୋଗ ମିଳିଛି । ନୋଆପାରାରୁ ଜୟ ହିନ୍ଦ ବିମାନବନ୍ଦର ପର୍ଯ୍ୟନ୍ତ କୋଲକାତା ମେଟ୍ରୋ ଯାତ୍ରାର ତାଙ୍କର ଅଭିଜ୍ଞତା ପ୍ରଦାନ କରି ଶ୍ରୀ ମୋଦୀ କହିଛନ୍ତି ଯେ ଏହି ଗସ୍ତ ସମୟରେ ସେ ଅନେକ ସହକର୍ମୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ ସମସ୍ତେ କୋଲକାତାର ସାଧାରଣ ପରିବହନ ବ୍ୟବସ୍ଥାର ଆଧୁନିକୀକରଣ ଉପରେ ଖୁସି ପ୍ରକାଶ କରିଛନ୍ତିଛ ପ୍ରଧାନମନ୍ତ୍ରୀ ଛଅ ଲେନ୍ ବିଶିଷ୍ଟ ଉନ୍ନତ କୋନା ଏକ୍ସପ୍ରେସେଓ୍ୱ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ବହୁ ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ସେ କୋଲକାତାର ଜନସାଧାରଣ ଏବଂ ପଶ୍ଚିମବଙ୍ଗର ସମସ୍ତ ନାଗରିକଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଇଛନ୍ତି ।

""କୋଲକାତା ଭଳି ସହରଗୁଡ଼ିକ ଭାରତର ଇତିହାସ ଏବଂ ଏହାର ଭବିଷ୍ୟତ ଉଭୟରେ ଏକ ସମୃଦ୍ଧ ପ୍ରତିମୂର୍ତ୍ତି, କାରଣ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବା ଆଡକୁ ଅଗ୍ରସର ହେଉଛି । ଏପରି ସମୟରେ ଦମ୍ ଦମ୍ ଏବଂ କୋଲକାତା ଭଳି ସହରଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ", ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ କହିଛନ୍ତି ଯେ ଆଜିର କାର୍ଯ୍ୟକ୍ରମର ବାର୍ତ୍ତା ମେଟ୍ରୋର ଉଦଘାଟନ ଏବଂ ରାଜପଥର ଶିଳାନ୍ୟାସଠାରୁ ଅଧିକ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଆଧୁନିକ ଭାରତ ଏହାର ସହରାଞ୍ଚଳ ପରିଦୃଶ୍ୟକୁ କିପରି ପରିବର୍ତ୍ତନ କରୁଛି ତାହାର ଏକ ପ୍ରମାଣଛ ସେ ଗୁରୁତ୍ୱାରୋପ କରିଥିଲେ ଯେ ସବୁଜ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ସହରଗୁଡ଼ିକରେ ପ୍ରୟାସ ଚାଲିଛି, ଯେତେବେଳେ ବୈଦ୍ୟୁତିକ ଚାର୍ଜିଂ ପଏଣ୍ଟ ଏବଂ ବୈଦ୍ୟୁତିକ ବସ୍ ସଂଖ୍ୟା ବୃଦ୍ଧି କରାଯାଉଛି । ସେ ଆହୁରି ମଧ୍ୟ କହିଛନ୍ତି ୱେଷ୍ଟ ଟୁ ଓଲ" ପଦକ୍ଷେପ ଅଧୀନରେ, ସହରଗୁଡ଼ିକ ଏବେ ସହରାଞ୍ଚଳ ଆବର୍ଜନାରୁ ବିଦ୍ୟୁତ ଉତ୍ପାଦନ କରୁଛନ୍ତି । ମେଟ୍ରୋ ସେବା ଏବଂ ମେଟ୍ରୋ ନେଟ୍‌ୱାର୍କ ବିସ୍ତାର କରାଯାଉଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ଗର୍ବ ପ୍ରକାଶ କରିଥିଲେ ଯେ ଭାରତରେ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟ୍‌ୱାର୍କ ଅଛି । ସେ ସୂଚାଇଥିଲେ ଯେ ୨୦୧୪ ପୂର୍ବରୁ, ଦେଶରେ କେବଳ ୨୫୦ କିଲୋମିଟର ମେଟ୍ରୋ ରୁଟ୍ ଥିଲା, ଯେତେବେଳେ ଆଜି ଭାରତରେ ମେଟ୍ରୋ ନେଟ୍‌ୱାର୍କ ୧,୦୦୦ କିଲୋମିଟରରୁ ଅଧିକକୁ ବିସ୍ତାରିତ ହୋଇଛି ॥ ସେ କହିଥିଲେ ଯେ କୋଲକାତା ମଧ୍ୟ ଏହାର ମେଟ୍ରୋ ସିଷ୍ଟମର ନିରନ୍ତର ବିସ୍ତାର ଦେଖିଛି । ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ ଯେ କୋଲକାତାର ମେଟ୍ରୋ ରେଳ ନେଟ୍‌ୱାର୍କରେ ପ୍ରାୟ ୧୪ କିଲୋମିଟର ନୂତନ ଲାଇନ ଯୋଡାଯାଉଛି, ଯେତେବେଳେ କୋଲକାତା ମେଟ୍ରୋରେ ସାତଟି ନୂତନ ଷ୍ଟେସନ ସାମିଲ୍ ହେଉଛି । ସେ ଦୃଢ଼ୋକ୍ତି କରିଥିଲେ ଯେ ଏହି ସମସ୍ତ ବିକାଶ କୋଲକାତାର ଲୋକଙ୍କ ପାଇଁ ସହଜ ଜୀବନଯାପନ ଏବଂ ଯାତ୍ରାର ସହଜତାକୁ ବୃଦ୍ଧି କରିବ ।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଦେଶର ଦୁଇଟି ବ୍ୟସ୍ତତମ ରେଳ ଷ୍ଟେସନ - ହାଓଡ଼ା ଏବଂ ସିଆଲଦା - ଏବେ ମେଟ୍ରୋ ମାଧ୍ୟମରେ ସଂଯୋଗ ହୋଇଛି । ସେ ସୂଚାଇଥିଲେ ଯେ ଏହି ଷ୍ଟେସନଗୁଡ଼ିକ ମଧ୍ୟରେ ଯାତ୍ରା ସମୟ, ଯାହା ପୂର୍ବରୁ ପ୍ରାୟ ଦେଢ଼ ଘଣ୍ଟା ଲାଗୁଥିଲା, ଏବେ ମେଟ୍ରୋ ଦ୍ୱାରା କେବଳ ମାତ୍ର କିଛି ମିନିଟ୍ ସମୟ ନେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ହାଓଡ଼ା ଷ୍ଟେସନ ସବ୍‌ୱେ ମଧ୍ୟ ମଲଟି-ମୋଡାଲ ସଂଯୋଗ ସୁନିଶ୍ଚିତ କରୁଛି । ପୂର୍ବରୁ ପୂର୍ବ ରେଳପଥ କିମ୍ବା ଦକ୍ଷିଣ ପୂର୍ବ ରେଳପଥରୁ ଟ୍ରେନ ଧରିବା ପାଇଁ ଯାତ୍ରୀମାନଙ୍କୁ ଦୀର୍ଘ ପଥ ପରିବର୍ତ୍ତନ କରିବାକୁ ପଡୁଥିଲା ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ ଏହି ସବେଓ୍ୱ ନିର୍ମାଣ ସହିତ, ଇଣ୍ଟରଚେଞ୍ଜ ସମୟ ଯଥେଷ୍ଟ ହ୍ରାସ ପାଇବ । ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ କୋଲକାତା ବିମାନବନ୍ଦର ଏବେ ମେଟ୍ରୋ ନେଟ୍‌ୱାର୍କ ସହିତ ସଂଯୁକ୍ତ, ଯାହା ସହରର ଦୂରଦୂରାନ୍ତର ଲୋକଙ୍କ ପାଇଁ ବିମାନବନ୍ଦର ପର୍ଯ୍ୟନ୍ତ ପହଞ୍ଚିବା ସହଜ କରିବ ।

ପଶ୍ଚିମବଙ୍ଗର ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ବୋଷ, କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ଶ୍ରୀ ରଭନୀତ ସିଂହ ବିଟ୍ଟୁ, ଡକ୍ଟର ସୁକାନ୍ତ ମଜୁମଦାର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉପସ୍ଥିତ ଥିଲେ ।

# ଭାରତକୁ ଚୀନ୍‌ର ସମର୍ଥନ

## ବେଜିଂ ଓ ଦିଲ୍ଲୀ ଏସିଆର ଡବଲ ଇଞ୍ଜିନ

ନୂଆଦିଲ୍ଲୀ : ଭାରତରେ ଚୀନ୍ ରାଷ୍ଟ୍ରଦୂତ ଜୁ ଫିହୋଙ୍ଗ କହିଛନ୍ତି ଯେ ଆମେରିକା ଭାରତ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇଛି ଏବଂ ଆହୁରି ଅଧିକ ପାଇଁ ଧମକ ମଧ୍ୟ ଦେଇଛି । ଚୀନ୍ ଏହାର ଦୃଢ଼ ବିରୋଧ କରୁଛି ବୋଲି କହି ସେ କହିଛନ୍ତି ଯେ ନୀରବତା କେବଳ ଦମକାକୁ ସାହସ ଦିଏ ଏବଂ ଚୀନ୍ ଭାରତ ସହିତ ଦୃଢ଼ ଭାବରେ ଠିଆ ହେବ ।

ସେ ଆହୁରି କହିଛନ୍ତି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ସହଯୋଗ କେବଳ ସେମାନଙ୍କର ବିକାଶ ପାଇଁ ନୁହେଁ ବରଂ ବିଶ୍ୱ ସ୍ଥିରତା ପାଇଁ ମଧ୍ୟ ଅତ୍ୟାବଶ୍ୟକ: ଏଭଳି ଆକାରର ଦୁଇଟି ପଡ଼ୋଶୀ ଦେଶ ପାଇଁ, ସମାନ ବିକାଶ ହାସଲ କରିବାର ଏକମାତ୍ର ଉପାୟ ହେଉଛି ଏକତା ଏବଂ ସହଯୋଗ । ଆମେ ଏସିଆରେ ଆର୍ଥିକ ଅଭିବୃଦ୍ଧିର ଡବଲ ଇଞ୍ଜିନ୍ । ଭାରତ ଏବଂ ଚୀନ୍‌ର ଏକତା ସମଗ୍ର ବିଶ୍ୱକୁ ଲାଭ ପହଞ୍ଚାଏ, ସେ କହିଛନ୍ତି । ଜୁ ଫେଇହୋଙ୍ଗ କହିଛନ୍ତି ଯେ ଆମେରିକା ଦୀର୍ଘ ସମୟ ଧରି ମୁକ୍ତ ବାଣିଜ୍ୟରୁ ଲାଭ ପାଇଥିଲା କିନ୍ତୁ ବର୍ତ୍ତମାନ ଶୁଳ୍କକୁ ସୌଦାଗାର ଉପକରଣ ଭାବରେ ବ୍ୟବହାର କରୁଛି । ସେ ଆହୁରି କହିଛନ୍ତି ଯେ ଆମେରିକା ଭାରତ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଛି ଏବଂ ଆହୁରି ଧମକ ମଧ୍ୟ ଦେଇଛି । ଫେଇହୋଙ୍ଗ କହିଛନ୍ତି ଯେ ଅଧିକ ଭାରତୀୟ ସାମଗ୍ରୀ ଚୀନ୍ ବଜାରରେ ପ୍ରବେଶ କରିବ । ଆମେ ଚୀନ୍ ବଜାରରେ ପ୍ରବେଶ କରିବା ପାଇଁ ଅଧିକ ଭାରତୀୟ ସାମଗ୍ରୀକୁ ସ୍ୱାଗତ କରିବୁ । ଭାରତର ଆଇଟି, ସଫ୍ଟୱେର ଏବଂ ବାୟୋମେଡିସିନ୍ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ଅଗ୍ରଗତି ରହିଛି, ଯେତେବେଳେ ଚୀନ୍ ଇଲେକ୍ଟ୍ରୋନିକ୍ ଉତ୍ପାଦନ, ଭିତ୍ତିଭୂମି ନିର୍ମାଣ ଏବଂ ନୂତନ ଶକ୍ତି କ୍ଷେତ୍ରରେ ଦ୍ରୁତ ପ୍ରସାର ଦେଖୁଛି ବୋଲି ଫେଇହୋଙ୍ଗ କହିଛନ୍ତି ।

ଜୁ ଫେଇହୋଙ୍ଗ ବେଜିଂ ଏବଂ ନୂଆଦିଲ୍ଲୀ ମଧ୍ୟରେ ରଣନୈତିକ ବିଶ୍ୱାସ ଏବଂ ସହଯୋଗକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଉଭୟ ଦେଶ ପ୍ରତିଦ୍ୱନ୍ଦୀ ନୁହେଁ, ବରଂ ଭାଗୀଦାର ଏବଂ ଆଲୋଚନା ମାଧ୍ୟମରେ ମତଭେଦକୁ ପରିଚାଳନା କରିବା ଉଚିତ ।

ଚୀନ୍ ଏବଂ ଭାରତ ରଣନୈତିକ ପାରସ୍ପରିକ ବିଶ୍ୱାସକୁ ବୃଦ୍ଧି କରିବା ଉଚିତ । ଜୁ ଫେଇହୋଙ୍ଗ କହିଛନ୍ତି, ଚୀନ୍ ଏବଂ ଭାରତ ରଣନୈତିକ ପାରସ୍ପରିକ ବିଶ୍ୱାସକୁ ବୃଦ୍ଧି କରିବା ଉଚିତ ଏବଂ ପାରସ୍ପରିକ ସନ୍ଦେହକୁ ଏଡାଇବା ଉଚିତ । ଉଭୟ ଦେଶ ପ୍ରତିଦ୍ୱନ୍ଦୀ ନୁହେଁ, ବରଂ ଭାଗୀଦାର । ଆମେ ଆଲୋଚନା ମାଧ୍ୟମରେ ମତଭେଦକୁ ପରିଚାଳନା କରିବା ଉଚିତ । ସେ ଦୁଇ ପଡ଼ୋଶୀ ଶକ୍ତି ମଧ୍ୟରେ ଏକତା ଏବଂ ସହଯୋଗର ଗୁରୁତ୍ୱ ଉପରେ ଆହୁରି ଗୁରୁତ୍ୱାରୋପ କରି କହିଥିଲେ, ଏଭଳି ଆକାରର ଦୁଇଟି ପଡ଼ୋଶୀ ଦେଶ ପାଇଁ, ସମାନତା ଏବଂ ସହଯୋଗ ହେଉଛି ସାଧାରଣ ବିକାଶ ହାସଲ କରିବାର ଏକମାତ୍ର ଉପାୟ । ଚୀନ୍ ଏବଂ ଭାରତର ବନ୍ଧୁତା ଏସିଆକୁ ଲାଭଦାୟକ ॥ ଆମେ ଏସିଆରେ ଆର୍ଥିକ ଅଭିବୃଦ୍ଧିର ଡବଲ ଇଞ୍ଜିନ୍ । ଭାରତ ଏବଂ ଚୀନ୍ ଏକତା ବିଶ୍ୱକୁ ବୃହି ଭାବରେ ଲାଭଦାୟକ । ଏକ ସମାନ ଏବଂ ସୁବ୍ୟବସ୍ଥିତ ବହୁଧ୍ରୁବୀୟ ବିଶ୍ୱକୁ ପ୍ରୋତ୍ସାହିତ କରିବାରେ ନେତୃତ୍ୱ ନେବାର ଦାୟିତ୍ୱ ଭାରତ ଏବଂ ଚୀନ୍‌ର ଅଛି ।

ବ୍ୟାପକ ଭୂରାଜନୈତିକ ପରିପ୍ରେକ୍ଷୀ ଉପରେ କଥା ହୋଇ ଜୁ ଫେହୋଙ୍ଗ କହିଛନ୍ତି, ଆଜି ବିଶ୍ୱ ଏକ ଅଶାନ୍ତ ସମୟ ଦେଇ ଗତି କରୁଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅନ୍ତର୍ଜାତୀୟ କ୍ରମ ସବୁଠାରୁ ଗଭୀର ବିବର୍ତ୍ତନ ଦେଇ ଗତି କରୁଛି । ଅଶାନ୍ତି ଏବଂ ପରିବର୍ତ୍ତନର ଏହି ମୁହୂର୍ତ୍ତରେ, ଚୀନ୍ ଏବଂ ଭାରତ ସମ୍ପର୍କରେ ଗୁରୁତ୍ୱ କ୍ରମଶଃ ସ୍ପଷ୍ଟ ହୋଇଛି । ଚୀନ୍-ଭାରତ ସହଯୋଗ ଉଭୟ ଦେଶକୁ ଲାଭଦାୟକ । ଚୀନ୍ ଏବଂ ଭାରତ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ, ପ୍ରମୁଖ ବିକାଶଶୀଳ ଦେଶ । ଉଭୟ ଦେଶ ଜାତୀୟ ପୁନର୍ଜୀବନର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛନ୍ତି ।

## ସଂସଦର ସୁରକ୍ଷାରେ ପୁଣି ତ୍ରୁଟି : କାନ୍ଥ ଡେଇଁ ପଶିଗଲେ ଯୁବକ

ନୂଆଦିଲ୍ଲୀ: ସଂସଦ ଭବନର ସୁରକ୍ଷା ବ୍ୟବସ୍ଥାକୁ ଚକମା ଦେଇ ଜଣେ ବ୍ୟକ୍ତି ଶୁକ୍ରବାର କାନ୍ଥ ଚଢ଼ି ପଶିଥିଲେ । କିନ୍ତୁ, ସୁରକ୍ଷା କର୍ମୀମାନେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ । ସୂତ୍ର ଅନୁଯାୟୀ, ଏହି ଘଟଣା ସକାଳ ପ୍ରାୟ ୬.୩୦ ସମୟରେ ଘଟିଥିଲା ଏବଂ ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ।ଏହି ଘଟଣା ସଂସଦର ମୌସୁମୀ ଅଧିବେଶନ ଶେଷ ହେବାର ଗୋଟିଏ ଦିନ ପରେ ଘଟିଛି । କୁହାଯାଉଛି ଯେ ଜଣେ ବ୍ୟକ୍ତି ଗଛ ସାହାଯ୍ୟରେ କାନ୍ଥ ଚଢ଼ି ସଂସଦ ଭବନ ପରିସର ଭିତରକୁ ଡେଇଁ ପଡ଼ିଥିଲେ । ଏହି ବ୍ୟକ୍ତି ରେଳ ଭବନ ପାର୍ଶ୍ୱରୁ କାନ୍ଥ ଡେଇଁଥିଲେ । ଏହା ପରେ ସେ ନୂତନ ସଂସଦ ଭବନର ଗରୁଡ଼ ଫାଟକରେ ପହଞ୍ଚିଥିଲେ । ସେହି ବ୍ୟକ୍ତିଙ୍କୁ ସେଠାରେ ବୁଲୁଥିବା ଦେଖି ସଂସଦ ଭବନରେ ଉପସ୍ଥିତ ସୁରକ୍ଷା କର୍ମୀ ତାଙ୍କୁ ଧରି ପକାଇଥିଲେ । ଗତ ବର୍ଷ ମଧ୍ୟ ସୁରକ୍ଷା ଉଲ୍ଲଂଘନର ସମାନ ଘଟଣା ଘଟିଥିଲା, ଯେତେବେଳେ ଜଣେ ୨୦ ବର୍ଷୀୟ ଯୁବକ ସଂସଦ ଭବନ ଆନେକ୍ସରେ ପ୍ରବେଶ କରିଥିଲେ ।

# ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ ଗିରଫ



କଲମ୍ବୋ : ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଛି । ବ୍ୟକ୍ତିଗତ କାମରେ ସରକାରୀ ଅର୍ଥର ଅପବ୍ୟବହାର ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ସେପେଟମ୍ବର ୨୦୨୩ରେ ଏକ ବ୍ରିଟିଶ ବିଶ୍ୱବିଦ୍ୟାଳୟରେ ତାଙ୍କ ପତ୍ନୀ ମୈତ୍ରୀ ବିକ୍ରମସିଂଘେଙ୍କ ସମ୍ମାନାର୍ଥେ ଆୟୋଜିତ ଏକ ଉତ୍ସବରେ ଯୋଗଦେବା ପାଇଁ ସେ ସରକାରୀ ଅର୍ଥ ଓ ବ୍ୟବସ୍ଥାର ଅପବ୍ୟବହାର କରି ଲଣ୍ଡନ ଯାତ୍ରା କରିଥିଲେ । ତାଙ୍କୁ କଲମ୍ବୋ ଫୋର୍ଟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯିବ । ବିକ୍ରମସିଂଘେଙ୍କ ଉପରେ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଦେଶର ସମ୍ବଳ ବ୍ୟବହାର କରିବାର ଅଭିଯୋଗ ଆସିଛି ।ତେବେ ବିକ୍ରମସିଂଘେ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ସେ ନିଜସ୍ୱ ଅର୍ଥରେ ଲଣ୍ଡନ ଗସ୍ତ କରିଥିଲେ । ତେବେ ମାମଲାର ତଦନ୍ତ କରୁଥିବା ସିଆଇଡି ନିଜର ଅଭିଯୋଗକୁ ପ୍ରମାଣିତ କରିବାକୁ ବିକ୍ରମସିଂଘେଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବଙ୍କ ବୟାନ ରେକର୍ଡ କରିଛି ।

# ଭାରତକୁ ପୁଣି ଫେରିବ ଟିକ୍‌ଟକ୍




ନୂଆଦିଲ୍ଲୀ: ପୁଣି ଭାରତ ଫେରିବ କି ଚୀନର ସର୍ଟଭିଡିଓ ଆପ୍ ଟିକଟକ୍ ? ଭାରତରେ ଏହାର ୱେବ୍‌ସାଇଟ ପୁଣି ଖୋଲୁଥିବାରୁ ଏହି ଚର୍ଚ୍ଚା ଆରମ୍ଭ ହୋଇଛି । କିନ୍ତୁ ଆପ ଏବେ ବି ଖୋଲୁନାହିଁ ।

ଟିକଟକକୁ ୫ ବର୍ଷ ପୂର୍ବେ ଭାରତରେ ପ୍ରତିବନ୍ଧିତ କରାଯାଇଥିଲା । ଗଲୱାନ ସଂଘର୍ଷ ପରେ ଭାରତ ସରକାର ଚୀନର ମୋବାଇଲ ଆପଗୁଡ଼ିକୁ ନିଷିଦ୍ଧ କରିଥିଲେ । ସେତେବେଳେ ପ୍ରାୟ ୫୯ଟି ଚୀନା ଆପ ନିଷିଦ୍ଧ ହୋଇଥିଲା ଛ ସେବେଠାରୁ ଭାରତରେ ଟିକଟକ ସକ୍ରିୟ ନଥିଲା । କିନ୍ତୁ ଏବେ ପୁଣି ଭାରତ ଓ ଚୀନ ମଧ୍ୟରେ ସଂପର୍କରେ ସୁଧାର ଆସିଥିବାରୁ ଭାରତ ସରକାର ଚୀନ ଆପଗୁଡ଼ିକୁ ଅନୁମତି ଦେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ଟିକଟକକୁ ୫ ବର୍ଷ ପୂର୍ବେ ଭାରତରେ ପ୍ରତିବନ୍ଧିତ କରାଯାଇଥିଲା । ଗଲଓ୍ୱାନ ସଂଘର୍ଷ ପରେ ଭାରତ ସରକାର ଚୀନର ମୋବାଇଲ ଆପଗୁଡ଼ିକୁ ନିଷିଦ୍ଧ କରିଥିଲେ । ସେତେବେଳେ ପ୍ରାୟ ୫୯ଟି ଚୀନା ଆପ ନିଷିଦ୍ଧ ହୋଇଥିଲାଛ । ସେବେଠାରୁ ଭାରତରେ ଟିକଟକ ସକ୍ରିୟ ନଥିଲା ଛଭାରତରେ ଏବେ ଟିକଟକର ୱେବ୍‌ସାଇଟର ହୋମପେଜ୍ ଖୋଲୁଥିବାବେଳେ ଆପ କିନ୍ତୁ ଖୋଲୁନାହିଁ । ଏପରିକି ଗୁଗୁଲ ପ୍ଲେଷ୍ଟୋର ଓ ଆପଲ ଆପଷ୍ଟୋରରେ ବି ଏହି ଆପ ଉପଲବ୍ଧ ନାହିଁ । ତେବେ ଭାରତ ପ୍ରତ୍ୟାବର୍ତ୍ତନ ସଂପର୍କରେ ଟିକଟକର ମୂଳ କମ୍ପାନୀ ବାଇଟଡାନ୍ସ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରିନାହିଁ ।

## ମାଲେସିଆରେ ଜଳିଗଲା ଯୁଦ୍ଧ ବିମାନ

ନୂଆଦିଲ୍ଲୀ: ମାଲେସିଆରେ ଏକ ଯୁଦ୍ଧ ବିମାନ ଜଳିଯାଇଥିବାର ଖବର ମିଳିଛି । ଗତକାଲି ରାତି ୯ଟା ୫ ମିନିଟ୍ ସମୟରେ ମାଲେସିଆର ସୁଲତାନ ହାଜି ଅହମ୍ମଦ ଶାହ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା ।

ଏହି ଯୁଦ୍ଧ ବିମାନ ଟେକ୍ ଅଫ୍ କରିବା ମାତ୍ରେ ଏକ ବଡ଼ ବିସ୍ଫୋରଣ ହୋଇ ଜଳିଯାଇଥିଲା । ର ସ`ୌଭାଗ୍ୟବଶତଃ ବିମାନର ପାଇଲଟ୍ ସୁରକ୍ଷିତ ଅଛନ୍ତି । ଉଭୟଙ୍କୁ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା ।

# ବିଦେଶୀ ଟ୍ରକ୍ ଚାଳକଙ୍କ ପାଇଁ ଭିସା ବନ୍ଦ କଲା ଆମେରିକା




ନୂଆଦିଲ୍ଲୀ: ଆମେରିକା ସମସ୍ତ ବିଦେଶୀ ବାଣିଜ୍ୟିକ ଟ୍ରକ୍ ଚାଳକମାନଙ୍କ ପାଇଁ ଭିସା ପ୍ରଦାନକୁ ବନ୍ଦ କରିଦେଇଛି । ଏନେଇ ରାଜ୍ୟ ସଚିବ ମାର୍କୋ ରୁବିଓ ସାମାଜିକ ଗଣମାଧ୍ୟମ "ଏକ୍ସ'ରେ ସୂଚନା ଦେଇଛନ୍ତ । ସେ କହିଛନ୍ତି, ଆମେରିକୀୟ ରାସ୍ତାରେ ବଡ଼ ଟ୍ରାକଫର-ଟ୍ରେଲର ଟ୍ରକ୍ ଚଳାଉଥିବା ବିଦେଶୀ ଚାଳକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆମେରିକୀୟମାନଙ୍କ ଜୀବନ ବିପଦରେ ପଡୁଛି ଏବଂ ଆମେରିକୀୟ ଟ୍ରକ୍ ଚାଳକମାନଙ୍କ ଜୀବିକା ହ୍ରାସ ପାଉଛ । ଲୋକଙ୍କ ସୁରକ୍ଷା ଚିନ୍ତା ଏବଂ ଆମେରିକୀୟଙ୍କୁ ଚାକିରିର ସୁରକ୍ଷା ଦେବାର ଆବଶ୍ୟକତାକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ।

ବିଦେଶୀ ଟ୍ରକ୍ ଚାଳକମାନଙ୍କୁ ନିୟନ୍ତ୍ରଣ କରୁଥିବା ନିୟମଗୁଡ଼ିକୁ କଠୋର କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ଏହି ପଦକ୍ଷେପ ନିଆଯାଇଛିଛ ଏପ୍ରିଲରେ, ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଥିଲେ ଯେଉଁଥିରେ କର୍ତ୍ତୃପକ୍ଷଙ୍କୁ ଆମେରିକାରେ ବାଣିଜ୍ୟିକ ଟ୍ରକ୍ ଚାଳକମାନେ ଇଂରାଜୀ-ଦକ୍ଷତା ମାନଦଣ୍ଡ ପୂରଣ କରିବା ପାଇଁ ଦୀର୍ଘକାଳୀନ ଆବଶ୍ୟକତାକୁ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହି ନିର୍ଦ୍ଦେଶକୁ ୨୦୧୬ରେ ପ୍ରତ୍ୟାହାର କରିଥିଲା, ଯାହା ନିରୀକ୍ଷକମାନଙ୍କୁ ଇଂରାଜୀ ଉଲ୍ଲଂଘନକୁ ଅଣଦେଖା କରିବାକୁ ଅନୁମତି ଦେଇଥିଲା ଏବଂ ଜଣେ ଚାଳକଙ୍କୁ ସେବାରୁ ବହିଷ୍କାର କରିବାର ଏକମାତ୍ର କାରଣ ଭାବରେ ଅନୁମତି ଦେଇଥିଲା । ଫ୍ଲୋରିଡାରେ ଜଣେ ବିଦେଶୀ ଟ୍ରକ୍ ଚାଳକଙ୍କୁ ନେଇ ହୋଇଥିବା ଏକ ଭୟଙ୍କର ଦୁର୍ଘଟଣା ପରେ ଏହି ସପ୍ତାହରେ ଏହି ପ୍ରସଙ୍ଗ ଉପରେ ଚିନ୍ତା ବୃଦ୍ଧି ପାଇଛି ।

# ଶିଳ୍ପପତି ସ୍ୱରାଜ ପଲଙ୍କ ପରଲୋକ

ଲଣ୍ଡନ: ପ୍ରଖ୍ୟାତ ଏନଆରଆଇ ଶିଳ୍ପପତି ଏବଂ ସମାଜସେବୀ ଲର୍ଡ ସ୍ୱରାଜ ପଲଙ୍କର ଗୁରୁବାର ସନ୍ଧ୍ୟାରେ ୯୪ ବର୍ଷ ବୟସରେ ଲଣ୍ଡନରେ ପରଲୋକ ହୋଇଛି । ସେ ଗତ କିଛି ଦିନ ହେଲା ଅସୁସ୍ଥ ଥିଲେ । ବୟସ ଜନିତ ଅସୁସ୍ଥତା କାରଣରୁ ତାଙ୍କୁ କିଛିଦିନ ତଳେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗୁରୁବାର ତାଙ୍କ ପରିବାର ଲୋକଙ୍କ ଗହଣରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ୟୁକେରେ କାପାରୋ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା କରିଥିବା ଲର୍ଡ 'ବରାଜ ପଲଙ୍କ ଜନ୍ମ ପଞ୍ଜାବର ଜଲନ୍ଧରରେ ହୋଇଥିଲା ୧୯୬୬ ମସିହାରେ ସେ ତାଙ୍କ ଝିଅ ଅମ୍ବିକାଙ୍କ ଚିକିତ୍ସା ପାଇଁୟୁକେ ଯାଇଥିଲେ । ଅମ୍ବିକା ପରେ ଲ୍ୟୁକେମିଆରେ ମୃତ୍ୟୁବରଣ କରିଥିଲେ । ତା'ପରେ ସେ କାପାରୋ ଗ୍ରୁପ୍ ପ୍ରତିଷ୍ଠା କରିଥିଲେ, ଯାହା ଇସ୍ପାତ, ଇଞ୍ଜିନିୟରିଂ ଏବଂ ରିଅଲ ଇଷ୍ଟେଟ୍ ଭଳି କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କମ୍ପାନୀ ହୋଇଗଲା ।

ଲର୍ଡ ସ୍ୱରଜ ପଲଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି ॥ଏକ୍ସରେ ଶ୍ରୀ ମୋଦୀ ଲେଖିଛନ୍ତି ଯେ ଶିଳ୍ପଜଗତ, ଜନସେବା କ୍ଷେତ୍ରରେ ତାଙ୍କର ଅବଦାନ ସ୍ମରଣୀୟ ହୋଇରହିବ । ଭାରତ-ବ୍ରିଟେନ ସମ୍ପର୍କରେ ଉନ୍ନତି କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ ବୋଲି ମୋଦୀ ଲେଖିଛନ୍ତି ।

# ଜାତୀୟ ଉପଭୋକ୍ତା ହେଲ୍ପଲାଇନ

## ୨.୭୨ କୋଟି ଫେରି ପାଇଲେ ଉପଭୋକ୍ତା



ନୂଆଦିଲ୍ଲୀ : ଜାତୀୟ ଉପଭୋକ୍ତା ହେଲ୍ପଲାଇନ (ଏନସିଏଚ୍) ଜୁଲାଇ ମାସରେ ୨୭ଟି କ୍ଷେତ୍ରରେ ୭,୨୫୬ଟି ଉପଭୋକ୍ତା ଅଭିଯୋଗର ସମାଧାନ କରିଛି । ଏଥିସହିତ ଉପଭୋକ୍ତାଙ୍କୁ ୨.୭୨ କୋଟି ଟଙ୍କା ଫେରସ୍ତ ଦେବାରେ ସହାୟତା କରିଛି । ଇ-କମର୍ସ କ୍ଷେତ୍ରରେ ସର୍ବାଧିକ ୩,୫୯୪ଟି ଫେରସ୍ତ ସଂକ୍ରାନ୍ତ ଅଭିଯୋଗର ସମାଧାନ ହୋଇଛି । ଏହା ଜରିଆରେ ୧.୩୪ କୋଟି ଟଙ୍କା ଫେରସ୍ତ କରାଯାଇଛି ।

ଏହାପରେ ଭ୍ରମଣ ଓ ପର୍ଯ୍ୟଟନ କ୍ଷେତ୍ରରେ ଉପଭୋକ୍ତାଙ୍କ ଅଭିଯୋଗ ସମାଧାନ କରାଯାଇ ୩୧ ଲକ୍ଷ ଟଙ୍କା ଫେରାଇ ଦିଆଯାଇଛି । ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଫଳରେ ଏହି ହେଲ୍ପଲାଇନର ପ୍ରସାର ଏବଂ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଭାବେ ବୃଦ୍ଧି ପାଇଛି । ଡିସେମ୍ବର ୨୦୧୫ରେ ହେଲ୍ପଲାଇନକୁ ଆସୁଥିବା କଲ୍ ସଂଖ୍ୟା ୧୨,୫୫୩ ଥିବା ବେଳେ ଏହା ଦଶଗୁଣା ବୃଦ୍ଧି ପାଇ ଡିସେମ୍ବର ୨୦୨୪ରେ ୧,୫୫,୧୩୮ ରେ ପହଞ୍ଚିଛି । ଅନୁରୂପ ଭାବେ ହାରାହାରି ମାସିକ ଅଭିଯୋଗ ପଞ୍ଜୀକରଣ ୨୦୧୭ରେ ୩୭,୦୬୨ ଥିବା ବେଳେ ୨୦୨୪ରେ ୧,୧୧,୯୫୧କୁ ବୃଦ୍ଧି ପାଇଛି ।

# ଆତଙ୍କବାଦୀଙ୍କୁ ଭାରତର ମିଶାଇଲ ଛାଡିବ ନାହିଁ: ମୋଦୀ



ପାଟନା: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶହବାଜ ସରିଫ ଏବଂ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି । ବିହାରର ଗୟାରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଉପରେ ଆକ୍ରମଣ କରିବା ପରେ କୌଣସି ଆତଙ୍କବାଦୀ ଖସି ଯାଇପାରିବେ ନାହିଁ । ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିହାରରେ ନିଆଯାଇଥିବା ସଂକଳ୍ପ କେବେ ବ୍ୟର୍ଥ ଯାଏ ନାହିଁ । ପ୍ରଧାନମନ୍ତ୍ରୀ ଗୟାରେ ଅନେକ ପ୍ରକଳ୍ପର ଉଦଘାଟନ ମଧ୍ୟ କରିଛନ୍ତି । ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯେତେବେଳେ କୌଣସି ଶତ୍ରୁ ଭାରତକୁ ଚ୍ୟାଲେଞ୍ଜ କରିଛି, ବିହାର ଦେଶ ପାଇଁ ଢାଲ ହୋଇ ଠିଆ ହୋଇଛି । ଯେତେବେଳେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା, ଆମର ନିର୍ଦ୍ଦୋଷ ନାଗରିକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରାଯାଇଥିଲା, ମୁଁ ବିହାରର ଏହି ମାଟିରୁ କହିଥିଲି ଯେ ଆତଙ୍କବାଦୀମାନଙ୍କୁ ନିପାତ କରାଯିବ । ଆଜି ବିଶ୍ୱ ଦେଖୁଛି ଯେ ବିହାର ମାଟିରୁ ନିଆଯାଇଥିବା ସଂକଳ୍ପ ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ପାକିସ୍ତାନର ଗୋଟିଏ ବି କ୍ଷେପଣାସ୍ତ୍ର ଆମକୁ କ୍ଷତି ପହଞ୍ଚାଇ ପାରିବ ନାହିଁ । ଅପରେସନ୍ ସିନ୍ଧୁର ଭାରତର ପ୍ରତିରକ୍ଷା ନୀତିରେ ଏକ ନୂତନ ରେଖା ଟାଣିଛି । ଆତଙ୍କବାଦୀମାନଙ୍କୁ ଭାରତ ପଠାଇ ଆକ୍ରମଣ କରିବା ପରେ କେହି ଖସି ଯାଇପାରିବେ ନାହିଁ ।

ଯଦି ଆତଙ୍କବାଦୀମାନେ ପାତାଳରେ ଲୁଚି ରହନ୍ତି, ତେବେ ଭାରତର କ୍ଷେପଣାସ୍ତ୍ର ସେମାନଙ୍କୁ କବର ଦେବ ।" ଲୋକମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, "ମୋର ଏକ ବଡ଼ ସଂକଳ୍ପ ଅଛି । ପ୍ରତ୍ୟେକ ଅଭାବୀ ବ୍ୟକ୍ତିଙ୍କୁ ସ୍ଥାୟୀ ଘର ନମିଳିବା ପର୍ଯ୍ୟନ୍ତ ମୁଁ ବିଶ୍ରାମ ନେବି ନାହିଁ । ଗତ ୧୧ ବର୍ଷ ମଧ୍ୟରେ ୪ କୋଟିରୁ ଅଧିକ ଗରିବ ଲୋକଙ୍କୁ ସ୍ଥାୟୀ ଘର ଦିଆଯାଇଛି । ବିହାରରେ ମଧ୍ୟ ସ୍ଥାୟୀ ଘର ନିର୍ମାଣ କରାଯାଇଛି ।

# ବିସିସିଆଇ ଚୟନ କମିଟିକୁ ଆସିବେ ପ୍ରଜ୍ଞାନ




ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି) : ବିସିସିଆଇ ଚୟନ କମିଟିର ମୁଖିଆ ଅଛନ୍ତି ଅଜିତ ଅଗରକର। ତାଙ୍କ ଟିମ୍‌ରେ ଆଉ ଜଣେ ଓଡ଼ିଆ କ୍ରିକେଟର ସାମିଲ ହେବାକୁ ଯାଉଛନ୍ତି। ଭାରତୀୟ ଦଳ ଚୟନ କରୁଥିବା କମିଟିରେ ଓଡ଼ିଶାର ଶିବସୁନ୍ଦର ଦାସ ଅଛନ୍ତି। ତାଙ୍କ ପୂର୍ବରୁ ଦେବାଶିଷ ମହାନ୍ତି ଥିଲେ। ଏବେ ଅନ୍ତର୍ଜାତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଯୋଡ଼ି ହେବେ। ପ୍ରଜ୍ଞାନ ହାଇଦ୍ରାବାଦ ପକ୍ଷରୁ ଘରୋଇ କ୍ରିକେଟ ଖେଳିଛନ୍ତି। କିନ୍ତୁ ଓଡ଼ିଶାରେ ତାଙ୍କର ଜନ୍ମ। ସେ ତୃତୀୟ ଓଡ଼ିଆ ଭାବେ ବିସିସିଆଇ ଚୟନ କମିଟିରେ ସାମିଲ ହେବେ ବୋଲି ସୂଚନା ମିଳିଛି। ବିସିସିଆଇ ଚୟନ କମିଟିର ଦୁଇଟି ପଦ ପାଇଁ ଦରଖାସ୍ତ କରିଛି। ଆବେଦନ କରିବାର ସେପ୍ଟେମ୍ବର ୧୦। କେଉଁ ଜୋନ୍‌ରୁ ନୂଆ ସଦସ୍ୟଙ୍କୁ ସାମିଲ କରାଯିବ, କିଏ ବଦଳିବେ, ସେ କଥା ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। କେବଳ ଦୁଇଟି ପଦ ପାଇଁ ବିଜ୍ଞପ୍ତି ବାହାରିଛି। ଏହା ମଧ୍ୟରୁ ଗୋଟିଏ ପଦରେ ପ୍ରଜ୍ଞାନ ଓଝା ନିଯୁକ୍ତି ପାଇବେ ବୋଲି କୁହାଯାଉଛି। କ୍ରିକ୍‌ବଜ୍‌ରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ କେନ୍ଦ୍ରୀୟ ଓ ଦକ୍ଷିଣ ଜୋନ୍‌ରୁ ଦୁଇଜଣ ସଦସ୍ୟ ଚୟନ କମିଟିକୁ ଆସିବେ। ପ୍ରଜ୍ଞାନ ସମ୍ଭବତଃ ଦକ୍ଷିଣ ଜୋନ୍‌ରୁ ପ୍ରତିନିଧିତ୍ୱ କରୁଥିବା ଏସ୍. ଶରତଙ୍କ ସ୍ଥାନ ନେବେ। ଶରତଙ୍କ କାର୍ଯ୍ୟକାଳ ଶେଷ ହୋଇଗଲାଣି। ତଥାପି ନୂଆ କେନ୍ଦ୍ରୀୟ ଜୋନ୍ ସଦସ୍ୟଙ୍କ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ପୂର୍ବ କାର୍ଯ୍ୟକାଳରେ ଏସ୍.ଶରତ ଓ ଶିବସୁନ୍ଦର ଦାସ ଯଥାକ୍ରମେ ଦକ୍ଷିଣ ଓ କେନ୍ଦ୍ରୀୟ ଜୋନ୍‌ରୁ କମିଟିରେ ରହିଥିଲେ। ବର୍ତ୍ତମାନ କମିଟିରେ ଥିବା ଏସ୍‌ଏସ୍ ଦାସ ଓ ସୁବ୍ରତୋ ବାନାର୍ଜୀ ନିଜ ଖେଳ ଜୀବନରେ ଇଷ୍ଟ ଜୋନ୍‌ରୁ ପ୍ରତିନିଧିତ୍ୱ କରୁଥିଲେ। ତେଣୁ ଉଭୟଙ୍କୁ ଇଷ୍ଟ ଜୋନ୍ ସଦସ୍ୟ ଭାବେ ବିବେଚନା କରାଯାଉଛି। ଚୟନକର୍ତ୍ତାଙ୍କ ଚୁକ୍ତି ବାର୍ଷିକ ସମୀକ୍ଷା କରାଯାଏ। ୨୦୨୬ ଯାଏ ଅଜିତ ଅଗରକର ମୁଖ୍ୟ ଚୟନକର୍ତ୍ତା ଭାବେ ରହିବେ। କିନ୍ତୁ କେଉଁ ଚୟନକର୍ତ୍ତା ବଦଳିବେ ତାଙ୍କୁ ନେଇ ତର୍ଜମା ଆରମ୍ଭ ହୋଇଛି। ଚୟନ କମିଟି ସଦସ୍ୟ ପଦ ପାଇଁ ଆବେଦନକାରୀ ଅତିକମ୍‌ରେ ୭ଟି ଟେଷ୍ଟ କିମ୍ବା ୩୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବେ। ଅତିକମ୍‌ରେ ୧୦ଟି ଦିନିକିଆ ଓ ୨୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆବେଦନ କରିପାରିବେ।

## ଜୁରେଲଙ୍କ ପତ୍ତା କାଟିଲେ ଜିତେଶ



ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି) : ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୧୬ ଜଣିଆ ଭାରତୀୟ ଦଳ ଏସିଆ କପ୍ ଖେଳିବାକୁ ଯାଉଛି। ଶ୍ରେୟାସ ଆୟର ଓ ଜୟସ୍ୱାଲଙ୍କ ଭଳି ଦକ୍ଷ ଖେଳାଳି ଦଳରୁ ବାଦ୍ ପଡ଼ିଛନ୍ତି। ଏସବୁ ବ୍ୟତୀତ ଦୀର୍ଘ ୧୯ ମାସ ପରେ ଭାରତୀୟ ଟି-୨୦ ଦଳକୁ ଫେରିଛନ୍ତି ଜିତେଶ ଶର୍ମା। ସେ ଧ୍ରୁବ ଜୁରେଲଙ୍କ ପତ୍ତା କାଟିଛନ୍ତି। ସେ ଫଟାଫଟ୍ କ୍ରିକେଟର ଜଣେ ବିଚକ୍ଷଣ ଖେଳାଳି। ଆଇପିଏଲ୍‌ରେ ତାଙ୍କର ଅନେକ ରେକର୍ଡ଼ ରହିଛି। ବିରୋଧୀଙ୍କ ହାତରୁ ମ୍ୟାଚ୍ ଛଡ଼ାଇବାରେ ସେ ଧୂରନ୍ଧର। ସେତିକି ନୁହେଁ, ୱିକେଟ ପଛରେ ବି ଭଲ କିପର ହୋଇପାରିଛନ୍ତି। ଆର୍‌ସିବି ଦଳର ସୁପର ହିରୋ ଜିତେଶ ଏସିଆ କପ୍‌ରେ ଷ୍ଟାର ହେବାକୁ ଯାଉଛନ୍ତି। ୩୧ ବର୍ଷୀୟ ଜିତେଶ ଆଇପିଏଲ୍ କ୍ୟାରିୟରରେ ୫୫ ମ୍ୟାଚ୍ ଖେଳି ୯୯୧ ରନ କରିଛନ୍ତି। ୧୪୧ଟି ଟି-୨୦ ମ୍ୟାଚ୍‌ରୁ ସେ ୨୮୮୬ ରନ କରିଛନ୍ତି। ଜିତେଶ ୯୯ଟି କ୍ୟାଚ୍ ଓ ୧୮ଟି ଷ୍ଟମ୍ପିଂ କରିଛନ୍ତି। ତାଙ୍କ ଜୁରେଲ ୫୬ଟି ଟି-୨୦ ମ୍ୟାଚ୍‌ରେ ୭୮୪ ରନ କରିଛନ୍ତି। ୨୪ ବର୍ଷୀୟ ଜୁରେଲ ଆଦୌ ଶତକ ମାରିନାହାନ୍ତି। ସେ ୫୬ଟି ଟି-୨୦ ମ୍ୟାଚ୍‌ରେ ୩୨ଟି କ୍ୟାଚ୍ ଧରିଛନ୍ତି। ତେଣୁ ଜିତେଶଙ୍କ ଫର୍ମ ତାଙ୍କୁ ଜାତୀୟ ଦଳକୁ ଫେରାଇ ଆଣିବାର ସୁଯୋଗ ଦେଇଛି।

## ବେଙ୍ଗାଲୁରୁ ହରାଇଲା ବିଶ୍ୱକପ ଆୟୋଜନ ଅଧିକାର

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି) : ଦିନିକିଆ ମହିଳା ବିଶ୍ୱକପ ଆୟୋଜନ କରିବାର ଅଧିକାର ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମ ହରାଇଛି। ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚ୍‌ଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁରେ ଖେଳାଯିବାକୁ ନିଷ୍ପତ୍ତି ନେଇଥିଲା ଆଇସିସି। କିନ୍ତୁ ଶୁକ୍ରବାର ସଂଶୋଧିତ ତାଲିକା ଜାରି କରାଯାଇଛି। ଏହି ତାଲିକାରୁ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାଦ୍ ପଡ଼ିଛି। ଏଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍‌ର ୫ଟି ଯାକ ମ୍ୟାଚ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବେଙ୍ଗାଲୁରୁ ବଦଳରେ ନଭିମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ୫ଟି ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି।



୨୦୨୫ ଆଇପିଏଲ୍ ଟ୍ରଫି ଜିତିବା ପରେ ବେଙ୍ଗାଲୁରୁରେ ଆର୍‌ସିବି ବିଜୟ ଉତ୍ସବ ଆୟୋଜନ କରିଥିଲା। ଏଥିରେ ଦଳାଚକଟା ଘଟି ସାଧାରଣ ଲୋକଙ୍କ ଜୀବନ ଯାଇଥିଲା। ଏଥିପାଇଁ କର୍ଣ୍ଣାଟକ କ୍ରିକେଟ ବୋର୍ଡ଼ ମହିଳା ବିଶ୍ୱକପ ଆୟୋଜନ ଅଧିକାର ହରାଇଛି। ମ୍ୟାଚ୍‌ର ଭେନ୍ୟୁ ବଦଳିଥିଲେ ହେଁ ବିଶ୍ୱକପ ତାରିଖରେ କୌଣସି ପରିବର୍ତ୍ତନ ହୋଇନାହିଁ। ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ଯାଏ ମହିଳା ଦିନିକିଆ ବିଶ୍ୱକପ୍ ଖେଳାଯିବ। ଗୌହାଟୀରେ ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜନ କରାଯିବ। ପ୍ରଥମ ମ୍ୟାଚ୍‌ରେ ଭାରତ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବେ। ଗୋଟିଏ ସେମିଫାଇନାଲ ମୁମ୍ବାଇରେ ଏବଂ ଯଦି ପାକିସ୍ତାନ ସେମି ଯୋଗ୍ୟତା ଅର୍ଜନ ନକରିବ, ତାହାଲେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ଟି ଗୌହାଟୀରେ ଆୟୋଜନ କରାଯିବ। ଯଦି ପାକିସ୍ତାନ ସେମିକୁ ଉଠେ ତାହାଲେ ଦ୍ୱିତୀୟ ସେମିଫାଇନ୍‌ାଲ କଲମ୍ବୋରେ ଖେଳାଯିବ। ପାକିସ୍ତାନ ଫାଇନାଲରେ ପ୍ରବେଶ ନକଲେ ମହିଳା ବିଶ୍ୱକପର ଗ୍ରାଣ୍ଡ ଫାଇନାଲ୍ ମୁମ୍ବାଇରେ ଆୟୋଜିତ ହେବ ବୋଲି ଆଇସିସି ଜାରି କରିଥିବା ସୂଚୀରୁ ସ୍ପଷ୍ଟ ହେଉଛି।

ଦିନିକିଆ ବିଶ୍ୱକପରେ ମୋଟ ୮ଟି ଦଳ ଭାଗ ନେବେ। ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦ.ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ ମହିଳା ବିଶ୍ୱକପ ଖେଳିବାକୁ ଯାଉଛନ୍ତି। ୨୦୨୨ରେ ନ୍ୟୁଜିଲାଣ୍ଡରେ ମହିଳା ବିଶ୍ୱକପ ଆୟୋଜନ ହେବ। ଏହି ସଂସ୍କରଣର ଫାଇନାଲରେ ଇଂଲଣ୍ଡକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆ ସର୍ବାଧିକ ୭ ଥର ମହିଳା ଦିନିକିଆ ବିଶ୍ୱକପ ଜିତିଛି। ଭାରତୀୟ ମହିଳା ଦଳ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ। ସେପ୍ଟେମ୍ବର ୩୦ରେ ଏହି ମ୍ୟାଚ୍ ଖେଳାଯିବ। ଅକ୍ଟୋବର ୫ରେ ପାକିସ୍ତାନକୁ ଭେଟିବ ଭାରତ। ଏହି ମ୍ୟାଚ୍ କଲମ୍ବୋରେ ଖେଳାଯିବ। ଅକ୍ଟୋବର ୯ରେ ଦଳ ବିଶାଖାପଟମ୍‌ରେ ଦକ୍ଷିଣ ଆଫ୍ରିକା, ଅକ୍ଟୋବର ୧୨ରେ ଅଷ୍ଟ୍ରେଲିଆକୁ , ଅକ୍ଟୋବର ୧୯ରେ ଇନ୍ଦୋରରେ ଇଂଲଣ୍ଡକୁ, ଅକ୍ଟୋବର ୨୩ରେ ମୁମ୍ବାଇରେ ନ୍ୟୁଜିଲାଣ୍ଡକୁ ଏବଂ ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ଅକ୍ଟୋବର ୨୬ରେ ବାଂଲାଦେଶକୁ ଭେଟିବ। ଏହି ମ୍ୟାଚ୍ ମୁମ୍ବାଇରେ ଖେଳାଯିବ।

## ବିଗ୍ ଅରେଞ୍ଜ୍ ବାସ୍ ବାସ୍କେଟ୍‌ବଲ୍ ଲିଗ୍
## କିଟ୍‌କୁ ହରାଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍




କଟକ, (ସ୍ୱପ୍ର): ସ୍ଥାନୀୟ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପୁରୁଷ ବାସ୍କେଟ୍ ବଲ୍ ଟିମ୍ ଆନ୍ତଃ ମହାବିଦ୍ୟାଳୟ ବିଗ୍ ଅରେଞ୍ଜ୍ ବାସ୍ ବାସ୍କେଟ୍ ବଲ୍ ଲିଗ୍-୨୦୨୫ର ଫାଇନାଲ୍ ଜିତି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଏହି ଚାରିଦିନିଆ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍ ପଡ଼ିଆରେ ଗତ ଅଗଷ୍ଟ ୧୮ ତାରିଖରୁ ଆରମ୍ଭ ହୋଇଥିଲା । ଏଥିରେ ସମୁଦାୟ ଆଠଟି ଟିମ୍ ଦୁଇଟି ଗ୍ରୁପରେ ବିଭକ୍ତ ହୋଇ ଖେଳିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗ୍ରୁପ୍-ଏ'ରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ଆଇଆଇଟି-ଭୁବନେଶ୍ୱର ଏବଂ ଓୟୁଟିଆର୍- ଭୁବନେଶ୍ୱର ସହ ସ୍ଥାନ ପାଇଥିଲା । ପ୍ରଥମ ମ୍ୟାଚରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟକୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଆଇଆଇଟି-ଭୁବନେଶ୍ୱରକୁ ପରାସ୍ତ କରିଥିଲା । ସେହିପରି ତୃତୀୟ ତଥା ଗ୍ରୁପର ଶେଷ ମ୍ୟାଚରେ ଓୟୁଟିଆର୍-ଭୁବନେଶ୍ୱରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ଦୁର୍ଦ୍ଧର୍ଷ କିଟ୍ ବିଶ୍ୱବିଦ୍ୟାଳୟକୁ ୬୦-୫୭ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା । ଚାମ୍ପିଅନ୍ ଟିମର ଅମ୍ରିତ୍ ଗୌରବ ରାୟ "ମ୍ୟାନ୍ ଅଫ୍ ଦି ଫାଇନାଲ୍' ବିବେଚିତ ହୋଇଥିଲେ । ଏହି ସଫଳତା ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର "ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମିଟି' ବିଜୟୀ ବାସ୍କେଟ୍ ବଲ୍ ଟିମକୁ ଶୁଭେଚ୍ଛା ଜଣାଇଛି ।

## ମ୍ୟାକ୍‌ଗ୍ରାଥ୍‌ଙ୍କ ବୋଲିଂ ବିପଜ୍ଜନକ: ଦ୍ରାବିଡ଼

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି) : ରାହୁଲ ଦ୍ରାବିଡ୍ ତାଙ୍କ ସମୟରେ ଭାରତୀୟ କ୍ରିକେଟ ପାଇଁ କାନ୍ଥ ଭଳି ଥିଲେ। ବୋଲର ଏମିତି ମୁଣ୍ଡ ହଲାଉଥିଲେ ଯେମିତିକି ସେ କହୁଛନ୍ତି, ଏହି ୱାଲ କାହିଁକି ଭାଙ୍ଗୁନାହିଁ। କିନ୍ତୁ ଭାରତର ଏହି ୱାଲ କେଉଁ ବୋଲରଙ୍କୁ ଖେଳିବା ଚ୍ୟାଲେଞ୍ଜ ଲାଗୁଥିଲା ବୋଲି ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ ପୋଡ୍‌କାଷ୍ଟ ବେଳେ ରାହୁଲ ଦ୍ରାବିଡ ଏହାର ଉତ୍ତର ରଖିଛନ୍ତି। ବିଶ୍ୱସ୍ତରରେ ଯେତେ ବୋଲର ଅଛନ୍ତି, ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍‌ଗ୍ରାଥ୍‌ଙ୍କ ବଲ୍ ସବୁଠୁ ବିପଜ୍ଜନକ ବୋଲି ଦ୍ରାବିଡ୍ କହିଛନ୍ତି।

ରାହୁଲ ଦ୍ରାବିଡ୍ ନିଜ ଅନ୍ତର୍ଜାତୀୟ କ୍ୟାରିଅରରେ ୧୬୪ଟି ଟେଷ୍ଟ, ୩୪୪ଟି ଦିନିକିଆ ଓ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଥିଲେ। ୧୯୯୬ରୁ ୨୦୧୨ ଯାଏଁ ସେ ବିଶ୍ୱର ଜଣଙ୍କ ପରେ ଜଣେ ବିପଜ୍ଜନକ ବୋଲରଙ୍କ ସାମ୍ନା କରିଥିଲେ। ୱାଶିମ୍ ଆକ୍ରମ୍‌ଙ୍କଠୁ ଆରମ୍ଭ କରି ୱାକର୍ ୟୁନୁସ ଓ ସୋଏବ ଅଖତରଙ୍କ ଯାଏ, ସେନ୍ ୱର୍ଣ୍ଣଙ୍କଠାରୁ ଗ୍ଲେନ୍ ମ୍ୟାକ୍‌ଗ୍ରାଥ୍ ଓ ବ୍ରେଟ୍ ଲିଙ୍କ ଯାଏ, ମୁଥେୟା ମୁରଲୀଧରନଙ୍କଠାରୁ ଚାମିଣ୍ଡା ଭାସ୍ ଯାଏ, କର୍ଟନୀ ୱାଲ୍ସଙ୍କଠୁ ନେଇ ଆମ୍ବ୍ରୋଜଙ୍କ ପର୍ଯ୍ୟନ୍ତ, ଜେମ୍ସ ଆଣ୍ଡରସନଙ୍କଠାରୁ ଷ୍ଟୁଆର୍ଟ ବ୍ରଡ୍ ଯାଏ, ଡୋନାଲ୍ଡଙ୍କଠାରୁ ମାଖାୟାଏଣ୍ଟିନଙ୍କ ଯାଏଁ ସେ ଅନେକ ବିଶ୍ୱସ୍ତରୀୟ ବୋଲରଙ୍କ ବିପକ୍ଷରେ ଖେଳିଥିଲେ।

କୁଟି ଷ୍ଟୋରିଜ୍ ୱିଥ୍ ଅସ୍ ସୋରେ ଅଶ୍ୱିନ ରାହୁଲ ଦ୍ରାବିଡଙ୍କୁ ପଚାରିଥିଲେ, ତାଙ୍କୁ କେଉଁ ଦ୍ରୁତ ବୋଲର ସବୁଠୁ ଅଧିକ ବିପଜ୍ଜନକ ଲାଗନ୍ତି ? ଉତ୍ତରରେ ଦ୍ରାବିଡ୍ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍‌ଗ୍ରାଥ୍‌ଙ୍କ ନାମ ନେଇଥିଲେ। ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ କହିଛନ୍ତି, ଦ୍ରୁତ ବୋଲରଙ୍କ କଥା କହିବି ତ ସେ ହେଉଛନ୍ତି ମ୍ୟାକ୍‌ଗ୍ରାଥ। ଏମିତି ଭାବେ ମୁଁ ୱାସିମ୍ ଆକ୍ରମ ଓ ୱାକର ୟୁନୁସ୍‌ଙ୍କ ମଧ୍ୟ କ୍ୟାରିୟରର ଶେଷ ଯାଏଁ ଖେଳିଛି। ସେଥିପାଇଁ ଏହା ସଠିକ ହେବ ନାହିଁ। ଯେଉଁ ଲୋକେ ୱାସିମ୍‌ଙ୍କୁ ପୂର୍ବରୁ ଖେଳିଥିଲେ, ସେ କୁହନ୍ତି ୱାସିମ୍ ଜଣେ ଅଲଗା ପ୍ରକାରର। ଦ୍ରାବିଡ୍ ମ୍ୟାକ୍‌ଗ୍ରାଥ୍‌ଙ୍କୁ ତାଙ୍କର ସଠିକ ଲୟ ସମୟରେ ଖେଳିଛନ୍ତି। ସେ ଜଣେ ଜବରଦସ୍ତ ବୋଲର ଥିଲେ। ମୋର ଅପ୍‌ଷ୍ଟମ୍ପ୍‌କୁ ଅନ୍ୟ କୌଣସି ବୋଲରଙ୍କଠୁ ଅଧିକ ବଲ୍ ଫିଙ୍ଗୁଥିଲେ। ମୁଁ ତାଙ୍କଠାରୁ ମଧ୍ୟ ଅଧିକ ଦ୍ରୁତ ବୋଲରଙ୍କୁ ଖେଳିଛି। କିନ୍ତୁ ନିରନ୍ତରତା ଓ ଦକ୍ଷତା ମାମଲାରେ ସେ ସବୁଠୁ ବିପଜ୍ଜନକ ବୋଲର ଥିଲେ, ଯାହାଙ୍କୁ ମୁଁ ସାମ୍ନା କରିଛି। ସ୍ପିନରଙ୍କୁ ଖେଳିବା ତାଙ୍କୁ ସବୁଠୁ ଅସୁବିଧା ହେଉଥିଲା କି ? ଏହାର ଉତ୍ତରରେ ଦ୍ରାବିଡ୍ ମୁଥିଆ ମୁରଲୀଧରଙ୍କ ନାମ ନେଇଛନ୍ତି। ସ୍ପିନରଙ୍କ କଥା ଯଦି କହିବା, ମୁଁ ଯାହାଙ୍କ ବିରୋଧରେ ଖେଳିଥିଲି ଏମାନଙ୍କ ମଧ୍ୟରେ ସବୁଠୁ ଆଗରେ ମୁଥିଆ ମୁରଲୀଧରନ ରହିବେ। ବିଶେଷକରି ସେତେବେଳେ ରାଉଣ୍ଡ ଦି ୱିକେଟ ପକାଉଥିଲେ ମୁଥିଆ। ଦୁସ୍‌ରା ମଧ୍ୟ ଫିଙ୍ଗୁଥିଲେ। ସେ ଏମିତି ବୋଲର ଥିଲେ, କେବେ ଥକିଯାଉ ନଥିଲେ। ଲମ୍ବା ସ୍ପେଲ୍ ବୋଲିଂ କରୁଥିଲେ। ସେ ବିଶ୍ୱ କ୍ରିକେଟରେ ଜଣେ ଶ୍ରେଷ୍ଠ ସ୍ପିନର ହୋଇପାରିଛନ୍ତି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
## ରାମେଶ୍ୱରପାଟଣା ଚାମ୍ପିଅନ

ଆଠମଲ୍ଲିକ, ୨୨।୮ (ସବ୍ୟ) : ଆଠମଲ୍ଲିକ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ମିନି ଷ୍ଟାଡିଅମରେ ଏନଏ ସି ପକ୍ଷରୁ ଆଇନଗତ ସଫେଇ ସୁରକ୍ଷିତ ସଫେଇ ଉପଲକ୍ଷେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ରାମେଶ୍ୱର ପାଟଣା ଏବଂ ଭେଟେନାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ପାରି ନଥିଲେ। ଯାହାଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ରାମେଶ୍ୱର ପାଟଣା ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିବା ବେଳେ ଭେଟେରାନ ରନର୍ସ ଅପ ହୋଇଛି । ଏଥିରେ ମୁଖ୍ୟ ରେଫରୀ ଭାବେ ଅମିତ ନାଏକ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ସୁଶୀଲ ବେହେରା, ଅର୍ଜୁନ ନାଏକ ସହଯୋଗ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଏନ ଏ ସି ଅଧକ୍ଷା ଆଶା କୁମାରୀ ସାହୁ, ସମ୍ମାନିତ ଅତିଥି ଭାବେ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, କାଉନସିଲର ନୂତନ ବେହେରା ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନେ ଉଭୟ ଦଳର ଖେଳାଳିମାନଙ୍କ ସହ କରମର୍ଦନ କରି ଉତ୍ସାହିତ କରିଥିଲେ । ଶେଷରେ ଚାମ୍ପିଅନ ରାମେଶ୍ୱର ପାଟଣା ଏବଂ ରନର୍ସ ଅପ ଭେଟେନାର କ୍ଲବକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ ଦେଖିବା ପାଇଁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଏନଏସି କାର୍ଯ୍ୟାଳୟର କର୍ମଚାରୀ ନିର୍ମଳ ବେହେରା, ରମାକାନ୍ତ ବିଶ୍ୱାଳ, ଅବିନାଶ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏନଏ ସି ତରଫରୁ ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାରୁ ଜନସାଧାରଣ ରେ ବହୁ ପ୍ରଶଂସା କରାଯାଉଛି ।

# ଏସିଆ କପ୍ ଲାଗି ବଦଳିବ ଇଣ୍ଡିଆ ଜର୍ସି

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି) : ୨୦୨୫ ଏସିଆ କପ ପାଖେଇ ଆସୁଛି। ଏହି ଟୁର୍ଣ୍ଣାମେଣ୍ଟର ଟାଇଟଲ ଦାବିଦାର ଟିମ୍ ଇଣ୍ଡିଆର ଖେଳାଳି ତାଲିକା ମଧ୍ୟ ଘୋଷଣା ସରିଛି। ଏବେ କେବଳ ଅପେକ୍ଷା ଟୁର୍ଣ୍ଣାମେଣ୍ଟ ଆରମ୍ଭକୁ। ସେପ୍ଟେମ୍ବର ୯ ରୁ ୟୁଏଇରେ ଏସିଆ କପ ଟି-୨୦ ଫର୍ମାଟରେ ଆରମ୍ଭ ହେବାକୁ ଯାଉଛି। ଏଥର ୮ଟି ଦଳ ଅଂଶଗ୍ରହଣ କରିବେ। ସମସ୍ତଙ୍କ ନଜର ପୁଣି ଥରେ ଭାରତୀୟ ଦଳ ଉପରେ ରହିଛି। କାରଣ ଭାରତ ହିଁ ଏସିଆ କପର ପ୍ରବଳ ଟାଇଟଲ ଦାବିଦାର। ଟିମ୍ ଇଣ୍ଡିଆ ଗତଥର ଏସିଆ କପ ଜିତିଥିଲା। କିନ୍ତୁ ସେହି ଦଳ ଓ ଏଥର ଖେଳୁଥିବାଦଳ ମଧ୍ୟରେ ପାର୍ଥକ୍ୟ ରହିଛି। ଦୁଇ ତିନି ଜଣ ଖେଳାଳିଙ୍କୁ ବାଦ୍ ଦେଲେ ଏଥର ଦଳ ସମ୍ପୂର୍ଣ୍ଣ ନୂଆ। ଏସିଆ କପ ପାଇଁ ବିସିସିଆଇ ନୂଆ ଜର୍ସି କରିବାକୁ ଯାଉଛି। ଗତଥର ଭାରତୀୟ ଜର୍ସି ଉପରେ ଯାହା ଲେଖାଯାଇଥିଲା, ଏଥର ହଜିଯାଇପାରେ। ଏହା




ହେଉଛି ଟାଇଟଲ ସ୍ପନ୍‌ସରର ଡ୍ରିମ୍ ଇଲେଭେନ। ଭାରତୀୟ କ୍ରିକେଟ ଦଳ ସେପ୍ଟେମ୍ବର ୧୦ରେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୟୁଏଇ ବିପକ୍ଷରେ ପ୍ରଥମେ ମ୍ୟାଚ୍ ଖେଳିବ। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସମେତ ସମସ୍ତ ଖେଳାଳି ନୀଳ ରଙ୍ଗର ଟି-୨୦ ଜର୍ସି ଖେଳିବେ। ଏଥିରେ ଭାରତର ନାମ, ବିସିସିଆଇର ଲୋଗୋ ଏବଂ ଏସିଆ କପ ୨୦୨୫ ଲୋଗୋ ରହିବ। କିନ୍ତୁ ଡ୍ରିମ୍ ଇଲେଭେନ ଲୋଗୋ ଏହାର ଅଂଶ ହେବ ନାହିଁ। ଡ୍ରିମ୍ ଇଲେଭେନ୍ କମ୍ପାନୀ ସହ ପୂର୍ବରୁ ଟାଇଟାଲ ପ୍ରାୟୋଜକ ଚୁକ୍ତି କରିଥିଲା ବିସିସିଆଇ। ଏଥର ଦଳ ସହ ଡ୍ରିମ୍ ଇଲେଭନ ରହିବ । କିନ୍ତୁ କେନ୍ଦ୍ର ସରକାର ସଂସଦରେ ଅନ୍‌ଲାଇନ୍ ମନି ଗେମିଂ ଅର୍ଥାତ ଟଙ୍କା ଦେଇ ଟଙ୍କା ରୋଜଗାର କରୁଥିବା ଖେଳଗୁଡ଼ିକୁ ନିଷିଦ୍ଧ କରିବା ପାଇଁ ଏକ ବିଲ୍ ଆଗତ କରିଛନ୍ତି। ଦୁଇଦିନ ମଧ୍ୟରେ ସଂସଦର ଉଭୟ ଗୃହରେ ଅନ୍‌ଲାଇନ ଗେମିଂର ପ୍ରମୋସନ ଏବଂ ନିୟନ୍ତ୍ରଣ ବିଲ୍ ପାସ୍ କରାଇଥିଲେ। ଏବେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା କିଛିଦିନ ମଧ୍ୟରେ ଆଇନର ରୂପ ନେବ। ଏହାର ସବୁଠାରୁ ବଡ଼ ପ୍ରଭାବ ଭାରତରେ ଚାଲୁଥିବା ଅନ୍‌ଲାଇନ୍ ଫାଣ୍ଟାସି ଖେଳଗୁଡ଼ିକ ଉପରେ ପଡ଼ିବ। ଯେଉଁଥିରୁ ଡ୍ରିମ୍ ଇଲେଭେନ୍‌ର ସର୍ବାଧିକ ଅଂଶ ରହିଛି। କ୍ରିକେଟଠାରୁ ଫୁଟବଲ ଏବଂ କବାଡ଼ି ପର୍ଯ୍ୟନ୍ତ ଏହି କମ୍ପାନୀ ଅନେକ ଖେଳରେ ଫାଣ୍ଟାସି ଖେଳ ଚଳାଏ। ଯେଉଁଥିରେ ବ୍ୟବହାରକାରୀ ଟଙ୍କା ଦେଇ ଅଂଶ ଗ୍ରହଣ କରନ୍ତି। ତା'ପରେ ବିଜେତାଙ୍କୁ ଟଙ୍କା ମିଳେ। କିନ୍ତୁ ଏହି ବିଲ୍ ଆଇନ ହେବା ପରେ ଏହି ଖେଳଗୁଡ଼ିକ ଉପରେ ପ୍ରତିବନ୍ଧକ ଲାଗିଯିବ।

ଭାରତରେ ଫାଣ୍ଟାସି ଖେଳଗୁଡ଼ିକର ବର୍ଦ୍ଧିତ ପରିସର ହେତୁ ଡ୍ରିମ୍ ଇଲେଭେନ୍ ସମେତ ଅନେକ କମ୍ପାନୀ ଏଥିରେ ପ୍ରବେଶ କରିଥିଲେ। ଡ୍ରିମ୍ ଇଲେଭେନ୍ ବିସିସିଆଇ ସହିତ ୩୫୮ କୋଟି ଟଙ୍କାରେ ଟାଇଟଲ ପ୍ରାୟୋଜକ ହାସଲ କରିଥିଲା। ଯାହା ଅଧୀନରେ ଭାରତୀୟ ଦଳର ଜର୍ସିଠାରୁ ପ୍ରଶିକ୍ଷଣ କିଟ୍ ପର୍ଯ୍ୟନ୍ତ ସବୁଠି ଏହାର ନାମ ବଡ଼ ଅକ୍ଷରରେ ଲେଖାଯାଇଛି। ଏହି ଚୁକ୍ତି ୨୦୨୩ ମସିହାରେ ହୋଇଥିଲା, ୨୦୨୬ରେ ଶେଷ ହେବ। କିନ୍ତୁ ନୂଆ ବିଲ୍ ଆସିବା ପରେ ଡ୍ରିମ୍ ଇଲେଭେନ୍‌କୁ ଫାଣ୍ଟାସି ଗେମିଂ ବ୍ୟବସାୟ ବନ୍ଦ କରିବାକୁ ପଡ଼ିବ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି